R.N.I. REGN. No. 65000/96 POSTAL REGN. No. OR/BN-32/12-14

ଏକତ୍ରିଂଶତମ ବର୍ଷ
ସଂଖ୍ୟା : ୩୭
ତିଥି : ପ୍ରତିପଦ
୧୦ ନଭେମ୍ବର ୨୦୨୬, ମଙ୍ଗଳବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
10 November 2026, Tuesday

समय SAMAYA

ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

30th ANNIVERSARY

Bhubaneswar | Balasore | Angul | Berhampur | Sambalpur

ଓଡ଼ିଶା 'ଶିକ୍ଷା ନେଟ୍' ଯୋଜନାକୁ ମଞ୍ଜୁରୀ



- ୩ ବର୍ଷ ଲାଗି ଖର୍ଚ୍ଚ ହେବ ୩୯୩.୬୨ କୋଟି
- ୧୦ ବିଭାଗର ୧୩ ପ୍ରସ୍ତାବକୁ ମଞ୍ଜୁରୀ
- ଚଳିତ ଖରିଫରେ ସରକାର କିଣିବେ ୭୮ ଲକ୍ଷ ଟନ୍ ଧାନ
- ନଭେମ୍ବର ପହିଲାରୁ ୨୦୨୭ ମାର୍ଚ୍ଚ ୩୧ ଯାଏ ଧାନ କିଣା ଅବଧି
- ଟିଟିଲାଗଡ ବ୍ଲକ୍‌ରେ ଅନ୍ତଃନଦୀ ଜଳାଶ୍ରୟ ନିର୍ମାଣକୁ ମଞ୍ଜୁରୀ
- ଉପର ଇନ୍ଦିରାବତୀରେ ୬୦୦ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ ପ୍ରକଳ୍ପକୁ ଅନୁମୋଦନ

ଭୁବନେଶ୍ୱର, ୯ ।୧୧ (ସବୁ୍ୟ) : ସମସ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟକୁ ୱାଇଫାଇ ଇଣ୍ଟରନେଟ୍ ସୁବିଧା ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ସଶକ୍ତିକରଣ ଲାଗି ଓଡ଼ିଶା ଶିକ୍ଷା ନେଟ୍ ଫ୍ଲାଗ୍‌ସିପ୍ ଯୋଜନାକୁ ଅନୁମୋଦନ କରାଯାଇଛି । ୩ ବର୍ଷ ଅବଧି ଲାଗି ଏଥିଲାଗି ୩୯୩.୬୨ କୋଟି ଟଙ୍କା ମଞ୍ଜୁର କରାଯାଇଛି । ପ୍ରଥମ ପର୍ଯ୍ୟାୟରେ ୧୩୦ଟି ମହାବିଦ୍ୟାଳୟରେ ସଫଳ କାର୍ଯ୍ୟକାରିତା ଆଧାରରେ ଓଡ଼ିଶାରେ ୬୦୧ଟି ସରକାରୀ ଏବଂ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟକୁ ନିଃଶୁଳ୍କ, ସୁରକ୍ଷିତ ଓ ଉଚ୍ଚଗତି ସମ୍ପନ୍ନ ୱାଇଫାଇ ସଂଯୋଗୀକରଣ ପ୍ରଦାନ କରାଯିବ । ରାଜ୍ୟ କ୍ୟାବିନେଟ୍‌ରେ ୧୦ ବିଭାଗର ୧୩ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ ଖରିଫ ବିପଣନ ଋତୁ ୨୦୨୬-୨୭ ପାଇଁ ଖାଦ୍ୟ ଓ ଧାନ ସଂଗ୍ରହ ନୀତିକୁ ମଞ୍ଜୁରୀ ମିଳିଛି । ବେସରକାରୀ ଡିଲରମାନଙ୍କ ସ୍ଥାନରେ ଆନୁଷ୍ଠାନିକ ସଂସ୍ଥାମାନଙ୍କୁ ନିଯୁକ୍ତି କରିବାର ପ୍ରକ୍ରିୟାକୁ ସେପ୍ଟେମ୍ବର ୩୦ ୨୦୨୭ ଯାଏ ବୃଦ୍ଧି କରାଯାଇଛି । ଜଳସମ୍ପଦ ବିଭାଗର ବଲାଙ୍ଗିର ଜିଲ୍ଲାର ଟିଟିଲାଗଡ ବ୍ଲକ୍ ପଥର୍ଲା ଗ୍ରାମ ନିକଟରେ ତେଲ ନଦୀର ଉପନଦୀ ସୋନଗଡ଼ ନଦୀ ଅବବାହିକାରେ ୯୯ କୋଟି ୯୯ଲକ୍ଷ ଟଙ୍କା ବ୍ୟୟରେ ଏକ ଅନ୍ତଃନଦୀ ଜଳାଶ୍ରୟ ନିର୍ମାଣ କରାଯିବ । ନୂଆପଡାରେ ଜଳସେଚନ ବ୍ୟବସ୍ଥା ସମ୍ପ୍ରସାରଣ ଲାଗି ୨୮୯.୬୮ କୋଟି ଟଙ୍କା ବ୍ୟୟରେ ୭ଟି ମେଗା ଲିପ୍ଟ ଜଳସେଚନ ଯୋଜନାର ଟେଣ୍ଡରକୁ ମଞ୍ଜୁର କରାଯାଇଛି । ଇନ୍ଦିରାବତୀ ଷ୍ଟୋରେଜ୍ ପ୍ରକଳ୍ପରେ ୬୦୦ ମେଗାୱାଟ୍ ବିଶିଷ୍ଟ ପ୍ରକଳ୍ପ ଲାଗି କ୍ୟାବିନେଟ୍ ଅନୁମୋଦନ କରିଛନ୍ତି । ପ୍ରକଳ୍ପଟି ୨୦୩୦-୩୧ ସୁଦ୍ଧା କାର୍ଯ୍ୟକ୍ଷମ ହେବ । ଟେଣ୍ଡର ପ୍ରକ୍ରିୟା ସମାପ୍ତ (୯ ପୃଷ୍ଠାରେ)

ଚଳିତବର୍ଷ ପ୍ରାୟ ୭୮ ଲକ୍ଷ ଟନ୍ ଧାନ କିଣାଯିବ । ଇନ୍‌ପୁଟ୍ ସହାୟତା ଓ ଏମ୍‌ଏଫ୍‌ସିକୁ ମିଶାଇ ଚାଷୀଙ୍କୁ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ପ୍ରଦାନ କରାଯିବ । ଖରିଫ ପାଇଁ ନଭେମ୍ବର ପହିଲାରୁ ୨୦୨୭ ମାର୍ଚ୍ଚ ୩୧ ଯାଏ ଧାନ କିଣା ଅବଧି ରହିଛି । ସେହିଭଳି କ୍ୟାବିନେଟ୍‌ରେ ସାଧାରଣ ବଣ୍ଟନ ବ୍ୟବସ୍ଥା ଆଦେଶ ୨୦୧୬ରେ ସଂଶୋଧନ କରାଯାଇ କରାଯାଇଛି ।

୨୦ ହଜାର କୋଟିର ଅତିରିକ୍ତ ବଜେଟ୍‌କୁ ଅନୁମୋଦନ

ଭୁବନେଶ୍ୱର, ୯ ।୧୧ (ସବୁ୍ୟ) : ୨୦୨୬-୨୭ ଆର୍ଥିକ ବର୍ଷ ଲାଗି ୨୦ ହଜାର କୋଟିରୁ ଉର୍ଦ୍ଧ୍ୱ ଅତିରିକ୍ତ ବଜେଟ୍‌କୁ ଅନୁମୋଦନ ମିଳିଥିବା ସୂଚନା ମିଳିଛି । ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ ମନ୍ତ୍ରିପରିଷଦର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଅତିରିକ୍ତ ବଜେଟ୍ ଲାଗି ହୋଇଥିବା ବ୍ୟୟ ବରାଦକୁ ଅନୁମୋଦନ କରାଯାଇଛି । ଆସନ୍ତା ୧୮ ତାରିଖ ବିଧାନସଭାର ଶୀତ ଅଧିବେଶନରେ ଏହାକୁ ଉପସ୍ଥାପନ କରାଯିବ ।

କମିଲା ତାପମାତ୍ରା, ଶୀତ ଅନୁଭୂତ

ଭୁବନେଶ୍ୱର, ୯ ।୧୧ (ସବୁ୍ୟ): ରାଜ୍ୟରେ ସାମାନ୍ୟ ଶୀତ ଅନୁଭୂତ ହେଲାଣି । ବିଭିନ୍ନ ସ୍ଥାନରେ ରାତିର ତାପମାତ୍ରା ୨୦ ଡିଗ୍ରୀ ତଳକୁ ଆସିଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୧୪ ଡିଗ୍ରୀକୁ ଖସିଛି । ଉତ୍ତର-ପଶ୍ଚିମ ଦିଗରୁ ଶୁଷ୍କ ପବନ ପ୍ରବାହିତ ଯୋଗୁ ରାତିର ପାରଦ ନିମ୍ନଗାମୀ ହୋଇଛି । ଆଗାମୀ ୨୪ ଘଣ୍ଟା ମଧ୍ୟରେ ତାପମାତ୍ରା ଆହୁରି ଖସିବାର ସମ୍ଭାବନା ରହିଛି । ପ୍ରାୟ ୨-୩ ଡିଗ୍ରୀ ପର୍ଯ୍ୟନ୍ତ ରାତିର ତାପମାତ୍ରା କମିପାରେ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି ।

ଅନ୍ୟପକ୍ଷରେ ପାଣିପାଗ ବିଜ୍ଞାନୀ ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି,

ଆଉ ୨-୩ ଡିଗ୍ରୀ ଖସିବ ପାରଦ

ଓଡ଼ିଶାରେ ରାତିର ସର୍ବନିମ୍ନ ତାପମାତ୍ରା କ୍ରମାଗତ ଭାବେ ହ୍ରାସ ପାଇବାର ସମ୍ଭାବନା ରହିଛି । ମଡେଲ ଅନୁଯାୟୀ, ଆଗାମୀ ୪୮ରୁ ୭୨ ଘଣ୍ଟା ମଧ୍ୟରେ ରାତିର ତାପମାତ୍ରାରେ ୨ଡିଗ୍ରୀରୁ ୪ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ଘଟିବ । ଏହାପରେ ସମସ୍ତ ଜିଲ୍ଲାରେ ତାପମାତ୍ରା ସ୍ଥିର ରହିବ ।

ଏହି ଶୀତଳତା ଯୋଗୁ ଅଭ୍ୟନ୍ତରୀଣ ଅଞ୍ଚଳଗୁଡ଼ିକରେ ରାତିର ତାପମାତ୍ରା ୧୨ଡିଗ୍ରୀରୁ ୧୬ଡିଗ୍ରୀ ମଧ୍ୟକୁ ଖସିଆସିବ । ଯେତେବେଳେ କି ଉପକୂଳବର୍ତ୍ତୀ ଅଞ୍ଚଳରେ ଏହା ୧୭ଡିଗ୍ରୀ ରୁ ୨୦ଡିଗ୍ରୀ ମଧ୍ୟରେ ନିୟନ୍ତ୍ରିତ ରହିବ । ରାଜ୍ୟର ସର୍ବନିମ୍ନ ତାପମାତ୍ରା ମୁଖ୍ୟତଃ ଦକ୍ଷିଣ ଓ ଉତ୍ତର ଉଚ୍ଚାଞ୍ଚଳରେ ପରିଲକ୍ଷିତ ହେବ, ଯେଉଁଥିରେ ଫୁଲବାଣୀ (କନ୍ଧମାଳ)ରେ ସର୍ବନିମ୍ନ ତାପମାତ୍ରା (୯ ପୃଷ୍ଠାରେ)

ଡେବ୍ରିଗଡ଼ରେ ପୁଣି ଗର୍ଜିଲା ମହାବଳ ବାଘ



ସମ୍ବଲପୁର, ୯ ।୧୧ (ସବୁ୍ୟ): ଦୀର୍ଘ ବର୍ଷ ପ୍ରତୀକ୍ଷା ପରେ ପୁଣି ଡେବ୍ରିଗଡ଼କୁ ଫେରିଲା ମହାବଳ ବାଘ । ସମ୍ବଲପୁର-ବରଗଡ଼ ସୀମାନ୍ତରେ ଥିବା ପ୍ରସିଦ୍ଧ ଡେବ୍ରିଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟରେ ରୟାଲ ବେଙ୍ଗଲ ଟାଇଗରର ଉପସ୍ଥିତି ଠାବ ହୋଇଛି । ପାଟ୍ରୋଲିଂରେ ଥିବା ବନ କର୍ମଚାରୀ ବାଘଟିକୁ ନିଜ ଆଖିରେ ଦେଖିବା ସହ କ୍ୟାମେରା ଟ୍ରାପରେ ତା'ର ଫଟୋ ମଧ୍ୟ କଏଦ କରିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ବାଘଟି ଦେବୁଆଁ-ଲଖନପୁର ଜଙ୍ଗଲ ଦେଇ ଡେବ୍ରିଗଡ଼ ଅଭୟାରଣ୍ୟ ମଧ୍ୟକୁ ପ୍ରବେଶ କରିଥିବା ଅନୁମାନ କରାଯାଉଛି । ତେବେ ପ୍ରକୃତରେ କେଉଁ ଠାରୁ ଆସିଛି, ଏହା ଅଣ୍ଡିରା ନା ମାଇ ଏସବୁ ଅସ୍ପଷ୍ଟ ରହିଛି । ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ (ଏନଟିସିଏ) ଓ ଭାରତୀୟ ବନ୍ୟପ୍ରାଣୀ ସଂସ୍ଥାନ (ଡବ୍ଲ୍ୟୁଆଇଆଇ)ର ବିଶେଷଜ୍ଞଙ୍କ ଫଟୋ (୯ ପୃଷ୍ଠାରେ)

46001/29/2627



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଓଡ଼ିଶା ଶାସନ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ

ମୁଖ୍ୟମନ୍ତ୍ରୀ
ଶ୍ରୀ ମୋହନ ଚରଣ ମାଝୀଙ୍କ
କରକମଳରେ
ମଧୁବାବୁ ପେନ୍‌ସନ୍ ଯୋଜନାରେ
ରାଜ୍ୟର ୫,୦୫,୮୧୭ ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନର ଶୁଭାରମ୍ଭ
ଓ
ଏକୀକୃତ ପେନ୍‌ସନ୍ ପରିଚାଳନା ପୋର୍ଟାଲ୍ (UPMP)ର
ଶୁଭ ଉଦ୍‌ଘାଟନ

ଗରିମାମୟ ଉପସ୍ଥିତି

ଶ୍ରୀମତୀ ପ୍ରଭାତୀ ପରିଡ଼ା
ଉପ-ମୁଖ୍ୟମନ୍ତ୍ରୀ

ଶ୍ରୀ ନିତ୍ୟାନନ୍ଦ ଗଣ୍ଡ
ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବିକାଶ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ

ଡଃ କୃଷ୍ଣ ଚନ୍ଦ୍ର ମହାପାତ୍ର
ମନ୍ତ୍ରୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ସାଧାରଣ ଉଦ୍ୟୋଗ

ଶ୍ରୀ ଗଣେଶ ରାମ ସିଂଖୁଣ୍ଟିଆ
ମନ୍ତ୍ରୀ, ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ଏବଂ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା

ଶ୍ରୀ ସୂର୍ଯ୍ୟବଂଶୀ ସୂରଜ
ମନ୍ତ୍ରୀ, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ସେବା ଏବଂ ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି

ଶ୍ରୀ ପ୍ରଦିପ ବଳ ସାମନ୍ତ
ମନ୍ତ୍ରୀ, ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ প

ଏବଂ
ସାଂସଦ ଓ ବିଧାୟକବୃନ୍ଦ, ବାଲେଶ୍ୱର ଜିଲ୍ଲା

୧୦ ନଭେମ୍ବର ୨୦୨୬ | ସକାଳ ୧୦:୦୦ ଘଟିକା | ରିଜର୍ଭ ପୋଲିସ୍ ପଡ଼ିଆ, ବାଲେଶ୍ୱର

ନିଃଶୁଳ୍କ ସହାୟତା ସେବା: ୧୮୦୦-୩୪୫-୬୭୭୦/ ୧୫୫୩୩୫

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

OIPR: 46001/46001/2/26-27/0010



ବିଶ୍ୱ ବିଜ୍ଞାନ ଦିବସ

ଶାନ୍ତି ଓ ବିକାଶ ପାଇଁ ବିଶ୍ୱ ବିଜ୍ଞାନ ଦିବସ ପ୍ରତିବର୍ଷ ନଭେମ୍ବର ୧୦ ତାରିଖରେ ସାରା ବିଶ୍ୱରେ ପାଳିତ ହୋଇଥାଏ। ଯାହାର ମୁଖ୍ୟ ଲକ୍ଷ୍ୟ ହେଉଛି ସମାଜରେ ବିଜ୍ଞାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଏବଂ ନାଗରିକଙ୍କ ସାଧାରଣ ଜୀବନରେ ଏହାର ପ୍ରାସଙ୍ଗିକତା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା । ୧୯୯୯ ମସିହାରେ ବୁଡାପେଷ୍ଟଠାରେ ଆୟୋଜିତ ବିଶ୍ୱ ବିଜ୍ଞାନ ସମ୍ମିଳନୀର ସଫଳତା ପରେ, ୟୁନେସ୍କୋ ଦ୍ୱାରା ୨୦୦୧ ମସିହାରେ ଏହି ଦିବସ ପାଳନ ପାଇଁ ଆନୁଷ୍ଠାନିକ ଘୋଷଣା କରାଯାଇଥିଲା । ୨୦୦୨ ମସିହାରେ ପ୍ରଥମ ଥର ପାଇଁ ଏହା ବିଶ୍ୱସ୍ତରରେ ପାଳିତ ହୋଇଥିଲା । ଏହି ବିଶେଷ ଦିବସର ମୁଖ୍ୟ ମହତ୍ତ୍ୱ ହେଉଛି ସାମାଜିକ ଅଗ୍ରଗତି, ନିରନ୍ତର ବିକାଶ, ପରିବେଶ ସୁରକ୍ଷା ଏବଂ ବିଶ୍ୱ ଶାନ୍ତି ପ୍ରତିଷ୍ଠାରେ ବୈଜ୍ଞାନିକ ଆବିଷ୍କାର ଓ ଜ୍ଞାନକୌଶଳର ନୈତିକ ଉପଯୋଗକୁ ପ୍ରୋତ୍ସାହିତ କରିବା । ଏହାସହିତ ବୈଜ୍ଞାନିକ ଗବେଷଣା, ସାଧାରଣ ଜନତା ଏବଂ ନୀତି ନିର୍ଦ୍ଧାରକମାନଙ୍କ ମଧ୍ୟରେ ସେତୁବନ୍ଧ ସଦୃଶ କାର୍ଯ୍ୟ କରିବା ସହ ଜଳବାୟୁ ପରିବର୍ତ୍ତନ, ସ୍ୱାସ୍ଥ୍ୟ ସମସ୍ୟା ଓ ଗରିବୀ ଦୂରୀକରଣ ଭଳି ବୈଶ୍ୱିକ ଆହ୍ୱାନଗୁଡ଼ିକର ସମାଧାନ ପାଇଁ ବିଜ୍ଞାନକୁ ଏକ ଶକ୍ତିଶାଳୀ ମାଧ୍ୟମ ଭାବେ ଗ୍ରହଣ କରିବାକୁ ଏହି ଦିବସ ଆହ୍ୱାନ ଦେଇଥାଏ ।

ସଲମାନଙ୍କ ଆଖି ନେ ଲୁହ

ଟେଲିଭିଜନ୍ ରିଆଲିଟି ଶୋ' 'ବିଗ୍ ବସ୍ ୨୦'ର ମଞ୍ଚରେ ଅତିଥି ଭାବେ ସଙ୍ଗୀତଶିଳ୍ପୀ ମୋହିତ୍ ଚୌହାନ ଯୋଗଦେଇଥିବାବେଳେ ସେଠାରେ ଏକ ଇମୋସନାଲ ପରିବେଶ ସୃଷ୍ଟି ହୋଇଥିଲା । ଯେଉଁଥିରେ ଶୋ'ର ହୋଷ୍ଟ ତଥା ଅଭିନେତା ସଲମାନଙ୍କ ଆଖିରେ ଲୁହ ଦେଖିବାକୁ ମିଳିଥିଲା । ସାକ୍ଷାତକାର ସମୟରେ ମୋହିତ୍ ଚୌହାନ ସଲମାନ୍‌ଙ୍କର ବଡ଼ ପ୍ରଶଂସକ ବୋଲି କହିବା ସହ ତାଙ୍କ ପିତା ସଲିମ୍ ଖାନ୍‌ଙ୍କର ସେ ତା'ଠାରୁ ବି ବଡ଼ ପ୍ରଶଂସକ ବୋଲି ପ୍ରକାଶ କରିଥିଲେ । ଏହାପରେ ମୋହିତ୍, ମହମ୍ମଦ ରଫିଙ୍କ ଦ୍ୱାରା ଗାନ କରାଯାଇଥିବା ୧୯୬୩ର ପ୍ରସିଦ୍ଧ ଚଳଚ୍ଚିତ୍ର 'ବଚ୍ଚନ୍'ର ଲୋକପ୍ରିୟ ଗୀତ "ମୁଝେ ତୁମ୍‌ସେ ମୋହବତ୍ ହୈ, ମଗର୍ ମୈଁ କେହ୍ ନହିଁ ସକ୍ତା..." ଗାଇଥିଲେ, ଯାହା ସଲମାନ୍‌ଙ୍କୁ ଗଭୀର ଭାବେ ଇମୋସନାଲ କରିଦେଇଥିଲା । ସୂଚନା ଅନୁସାରେ, ୧୯୬୦ ମସିହାରେ 'ବାରାତ୍' ଚଳଚ୍ଚିତ୍ରରୁ ନାୟକ ଭାବେ କ୍ୟାରିୟର୍ ଆରମ୍ଭ କରିଥିବା ସଲିମ୍ ଖାନ୍‌ଙ୍କ ପ୍ରଥମ କେତେକ ଫିଲ୍ମ ସଫଳ ହୋଇ ନଥିବା ବେଳେ ସେ ଏହି 'ବଚ୍ଚନ୍' ଫିଲ୍ମରେ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ । ଯେଉଁଥିରେ ଅଭିନେତ୍ରୀ ହେଲେନ୍ ମଧ୍ୟ ଏକ ଛୋଟ ଭୂମିକାରେ ନଜର ଆସିଥିଲେ ।



ସୋସିଆଲ କୋଟ୍ସ



୨୦୦୦ ମସିହା ବେଳକୁ ମୋ କ୍ୟାରିୟରରେ ଗ୍ରୋଥ ଆସିଥିଲା । ହେଲେ କିଛି ଗୁଜବ ଏହାକୁ ନଷ୍ଟ କରିଦେଲା । ସବୁବେଳେ ମହିଳାଙ୍କୁ ସମ୍ମାନ ଦେବାର ଆବଶ୍ୟକତା ରହିଛି ।

ବିବେକ ଓବରୟ, ଅଭିନେତା



ସବୁବେଳେ ନିଜ ଖବରକୁ କିକ ଦେବା ପାଇଁ ଏଭଳି ଘଟଣା ପ୍ରକାଶ କରନ୍ତୁ ନାହିଁ, ଯାହାର କିଛି ସତ୍ୟତା ନାହିଁ । ଏହି ବିଲ୍ଡିଂଟି ଏକ ଅଣ୍ଡର କଂଷ୍ଟ୍ରକସନ୍ ବିଲ୍ଡିଂ ।

ଫରାହ ଖାନ, ମେକର୍ସ



ସବୁବେଳେ ଖରାପ ସମୟରେ ମୋ ସହିତ ମୋ ପରିବାର ଠିଆ ହୋଇଛନ୍ତି । ସେମାନେ ହେଉଛନ୍ତି ମୋର ସବୁଠାରୁ ବଡ ଷ୍ଟ୍ରେଙ୍ଥ ।

ଦଲେର ମେହେନ୍ଦି, ସିଙ୍ଗର

୪୦ ହଜାରର ତକିଆ

ଜାପାନ ଗସ୍ତରେ ଥିବା ଜଣେ ଭାରତୀୟ ମହିଳା ତଥା ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ବିପନ୍ନୀପ କୌର ଭଲ ନିଦ ପାଇଁ ୪୦,୦୦୦ ଟଙ୍କା ମୂଲ୍ୟର ଏକ ସ୍ୱତନ୍ତ୍ର ତକିଆ କିଣିଛନ୍ତି, ଯାହା ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଭାଇରାଲ ହୋଇଛି । ଟୋକିଓର ନିହୋନବାଶି ଅଞ୍ଚଳରେ ରହିଥିବା ପ୍ରାୟ ୪୦୦ ବର୍ଷ ପୁରୁଣା ଦୋକାନ 'ନିଶିକାୱା'ରୁ ସେ ଏହି ମହଙ୍ଗା ତକିଆଟି କିଣିଛନ୍ତି । ଏହି ତକିଆର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଯେ, ଏହା ସାଧାରଣ ତକିଆ ଭଳି ନୁହେଁ, ବରଂ ଗ୍ରାହକଙ୍କ ବେକର ଭଙ୍ଗୀ ଏବଂ ଶୋଇବାର ଅଭ୍ୟାସକୁ ନିଖୁଣ ଭାବରେ ମାପି ସମ୍ପୂର୍ଣ୍ଣ କଷ୍ଟମାଇଜ୍ ବା କଷ୍ଟମ୍-ମେଡ୍ ଭାବରେ ପ୍ରସ୍ତୁତ କରାଯାଇଥାଏ । ଏହି ତକିଆକୁ ତିଆରି କରିବା ପୂର୍ବରୁ ବିଶେଷଜ୍ଞମାନେ ଗ୍ରାହକଙ୍କ ବେକର ପୋଜିସନ୍ ମାପିଥାନ୍ତି ଏବଂ ବିଭିନ୍ନ ଉଚ୍ଚତାର ତକିଆରେ ଶୋଇବାକୁ କହି ସେମାନଙ୍କ ଶୋଇବାର ଶୈଳୀ ଓ ଅଭ୍ୟାସକୁ ପରୀକ୍ଷା କରିଥାନ୍ତି । ସେହି ଅନୁଯାୟୀ ତକିଆର ଉଚ୍ଚତା ନିର୍ଦ୍ଧାରଣ କରାଯିବା ସହ ଏଥିରେ ବିଞ୍ଚୋଟାନ୍ ଚାର୍କୋଲ୍ ଦ୍ୱାରା ପ୍ରସ୍ତୁତ କ୍ଷୁଦ୍ର ପାଇପ୍ ଆକାରର ମାଳି ବା ବିଡ୍ସ ଭରଯାଇଥାଏ । ବିପନ୍ନୀପ କୌରଙ୍କ କହିବାନୁଯାୟୀ, ସାରା ଦିନ ଲାପଟପ୍ ଏବଂ ମୋବାଇଲ୍ ଫୋନ୍ ବ୍ୟବହାର କରିବା କାରଣରୁ ତାଙ୍କର ବେକରେ ବିଭିନ୍ନ ସମସ୍ୟା ଦେଖାଦେଇଥିଲା । ସେ ଭଲରେ ଶୋଇବାକୁ ଅଧିକ ପସନ୍ଦ କରୁଥିବାରୁ ନିଜର ନିଦର ମାନକୁ ସୁଧାରିବା ପାଇଁ ଏହି ଟଙ୍କା ଖର୍ଚ୍ଚ କରିବାକୁ ସେ ଏକ ସଠିକ୍ ଓ ଭଲ ନିବେଶ ବୋଲି ମନେ କରିଛନ୍ତି । ସେ ତକିଆ ସମ୍ପର୍କରେ ଏକ ଭିଡିଓ ଇନଷ୍ଟାଗ୍ରାମରେ ସେୟାର କରିଥିଲେ, ଯାହାକୁ ଦେଖିବା ପରେ କିଛି ଦର୍ଶକ ଏହାକୁ ନିଦ ପାଇଁ ଏକ ବହୁତ ବଢ଼ିଆ ବିନିଯୋଗ ବୋଲି ବର୍ଣ୍ଣନା କରିଛନ୍ତି ।



ଦୀପାବଳିରେ ହୋଇଥାଏ କୁକୁରଙ୍କୁ ପୂଜା



ଭାରତରେ ଦୀପାବଳି ସମୟରେ ଘରଦ୍ୱାର ସଜାଯାଉଥିବା ବେଳେ ପଡ଼ୋଶୀ ଦେଶ ନେପାଳରେ ଏହି ପର୍ବ ସମୟରେ କୁକୁରମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ପୂଜାର ଆୟୋଜନ କରାଯାଏ । ଯାହାକି ଏବେ କାଠମାଣ୍ଡୁ ସହ ବିଶ୍ୱର ବିଭିନ୍ନ ଭାଗରେ ବେଶ୍ ଧୂମଧାମରେ ପାଳିତ ହେଉଛି । ନେପାଳରେ ଏହି ପାଞ୍ଚ ଦିନିଆ 'ତିହାର' ପର୍ବର ଦ୍ୱିତୀୟ ଦିନକୁ 'କୁକୁର ତିହାର' ଭାବେ ପାଳନ କରାଯାଇଥାଏ । ଏହି ପର୍ବରେ କାଉ, କୁକୁର, ଗାଈ ଏବଂ ବଳଦମାନଙ୍କୁ ମଧ୍ୟ ପୂଜା କରାଯାଇଥାଏ । ଏହି ଦିନ କୁକୁରମାନଙ୍କୁ ଆନୁଗତ୍ୟ, ବନ୍ଧୁତା ଓ ସୁରକ୍ଷାର ପ୍ରତୀକ ଭାବେ ଗ୍ରହଣ କରାଯାଇ ସେମାନଙ୍କ ଗଳାରେ ଫୁଲମାଳ ପିନ୍ଧାଯାଏ, ଟିକା ଲଗାଯାଏ ଏବଂ ସ୍ୱାଦିଷ୍ଟ ସ୍ୱତନ୍ତ୍ର ଖାଦ୍ୟ ଖାଇବାକୁ ଦେଇ ସେମାନଙ୍କ ପ୍ରତି ସ୍ନେହ ଓ ଆଦର ପ୍ରକାଶ କରାଯାଏ । ପ୍ରଚଳିତ ବିଶ୍ୱାସ ଅନୁଯାୟୀ କୁକୁରମାନଙ୍କୁ ମୃତ୍ୟୁର ଦେବତା ଯମରାଜଙ୍କ ଦୂତ ଭାବେ ବିଚାର କରାଯାଏ, ଯେଉଁମାନେ ମୃତ୍ୟୁ ପରେ ମଧ୍ୟ ନିଜ ମାଲିକଙ୍କୁ ସୁରକ୍ଷା ଦେଇଥାନ୍ତି । ଏପରିକି ଏହି ଅବସରରେ ନେପାଳ ପୁଲିସ୍ ତରଫରୁ ସୁରକ୍ଷା ଅପରେସନ୍ ଏବଂ ବିପତ୍ତି ସମୟରେ ଉଦ୍ଧାର କାର୍ଯ୍ୟରେ ସହାୟତା କରୁଥିବା ଡଗ୍ ସ୍କ୍ୱାଡ୍‌ର ସ୍ନିଫର୍ କୁକୁରମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥାଏ ।

ଇତିହାସ

୧୮୭୧ - ପ୍ରସିଦ୍ଧ ଭାରତୀୟ ସାଂସଦ, ଶିକ୍ଷାବିତ୍, ଅଧିବକ୍ତା ତଥା ପତ୍ରକାର ସଚ୍ଚିଦାନନ୍ଦ ସିହ୍ନାଙ୍କ ଜନ୍ମ ।
୧୯୦୯ - ଆମେରିକୀୟ ସଙ୍ଗୀତକାର ତଥା ଗୀତିକାର ଜନି ମାର୍କ୍ସଙ୍କ ଜନ୍ମ ।
୧୯୫୦ - ଆମେରିକୀୟ ଲେଖକ ୱିଲିୟମ୍ ଫକନରଙ୍କୁ ସାହିତ୍ୟରେ ନୋବେଲ୍ ପୁରସ୍କାର ।
୧୯୬୩ - ୧୯୮୧ ଏସୀୟ ଚେସ୍ ଚାମ୍ପିଅନ୍‌ସିପ୍‌ରେ ବିଜୟ ହାସଲ କରିଥିବା ପ୍ରଥମ ଭାରତୀୟ ମହିଳା ରୋହିଣୀ ଖାଦିଲକରଙ୍କ ଜନ୍ମ ।
୧୯୭୦ - ଫ୍ରାନ୍ସର ପୂର୍ବତନ ରାଷ୍ଟ୍ରପତି ଚାର୍ଲ୍ସ ଦି ଗାଲ୍‌ଙ୍କ ପରଲୋକ ।
୧୯୮୩ - ବିଲ୍ ଗେଟ୍ସଙ୍କ ଦ୍ୱାରା ୱିଣ୍ଡୋଜ୍ ୧.୦ର ଶୁଭାରମ୍ଭ ।
୨୦୦୨ - ଇଂଲଣ୍ଡ ଠାରୁ ଅଷ୍ଟ୍ରେଲିଆ ପ୍ରଥମ ଆଶେଷ ଟେଷ୍ଟମ୍ୟାଚ୍ ଜିତିଲା ।
୨୦୦୪ - ଝାଙ୍ଗଝୌକୁ ଚୀନ୍‌ର ଅଷ୍ଟମ ସର୍ବପୁରାତନ ସହର ରୂପେ ଘୋଷଣା କରାଗଲା ।

ଅର୍ଥ ଫେରସ୍ତ କରୁଛି ଡେଟିଂ ଆପ



ଜୀବନସାଥୀ ଖୋଜୁଥିବା ଲୋକଙ୍କ ପାଇଁ ଚୀନ୍‌ର ଏକ ଡେଟିଂ ଆପ୍ 'ଲିଆଙ୍ଗପେଇ ଏଆଇ' ଏକ ଅନନ୍ୟ ଅଫର ଜାରି କରିଛି । ଯେଉଁଥିରେ ଆପ୍ ବ୍ୟବହାର କରିବାର ତିନି ବର୍ଷ ପରେ ବି ଯଦି ବ୍ୟବହାରକାରୀ ବିବାହ ନ କରନ୍ତି, ତେବେ କମ୍ପାନୀ ସେମାନଙ୍କର ସମ୍ପୂର୍ଣ୍ଣ ସଦସ୍ୟତା ଫି ଫେରସ୍ତ କରିବାର ପ୍ରତିଶ୍ରୁତି ଦେଇଛି । ଏହି 'ଲିଆଙ୍ଗପେଇ ଏଆଇ' ଆପ୍‌ର ବାର୍ଷିକ ସବ୍‌ସ୍କ୍ରିପସନ୍ ଫି ପ୍ରାୟ ୨୬,୦୦୦ ଟଙ୍କା ରହିଥିବା ବେଳେ ଏଥିରେ ପଞ୍ଜୀକରଣ କରିବା ପାଇଁ ବ୍ୟବହାରକାରୀଙ୍କୁ ନିଜର ପ୍ରକୃତ ନାମ, ଫଟୋଗ୍ରାଫ୍ ଏବଂ ଅବିବାହିତ ହୋଇଥିବାର ପ୍ରମାଣପତ୍ର ପ୍ରଦାନ କରିବାକୁ ପଡ଼ିଥାଏ । ଏହି ଆପ୍‌ରେ ବ୍ୟବହାରକାରୀମାନଙ୍କୁ ପ୍ରଥମେ ଏଆଇ ସହିତ ୨୦ ମିନିଟ୍ କଥାବାର୍ତ୍ତା କରିବାକୁ ପଡ଼ିଥାଏ । ସେହି ଆଲୋଚନା ଆଧାରରେ ଏଆଇ ସେମାନଙ୍କ ଶିକ୍ଷା, କ୍ୟାରିୟର୍, ପାରିବାରିକ ପୃଷ୍ଠଭୂମି ଓ ପସନ୍ଦ-ଅପସନ୍ଦକୁ ଆକଳନ କରିବା ପରେ ହିଁ ସେମାନଙ୍କ ପାଇଁ ଉପଯୁକ୍ତ ସାଥୀ ସୁପାରିଶ କରିଥାଏ । ଏଥିସହିତ ବ୍ୟବହାରକାରୀମାନେ ଏକ ସମୟରେ କେବଳ ଜଣେ ବ୍ୟକ୍ତିଙ୍କ ସହ ମ୍ୟାଚ୍ କରିପାରିବେ ଏବଂ ଅନ୍ୟ କାହାକୁ ଭେଟିବାକୁ ହେଲେ ସେମାନଙ୍କୁ ପ୍ରଥମେ ନିଜର ଏଗଜିଷ୍ଟିଂ ମ୍ୟାଚ୍ ସମାପ୍ତ କରିବାକୁ ପଡ଼ିଥାଏ ।

ମଝିରୁ କାମଛାଡୁଛନ୍ତି ରୋବଟ



ଚୀନର ସାଂଘାଇ ସ୍ଥିତ ଏକ କନ୍‌ଭିନିଏନ୍ସ ଷ୍ଟୋରରେ ରୋବଟ୍ - ନିର୍ମାତା କମ୍ପାନୀ 'ଆଜିବଟ୍' ପକ୍ଷରୁ ୨୪ ଘଣ୍ଟା କାମ କରିବା ପାଇଁ ଛଅଟି ହ୍ୟୁମାନଏଡ୍ ରୋବଟ୍ ନିୟୋଜିତ କରାଯାଇଥିଲା । ଯେଉଁମାନେ ମିଳିମିଶି ୨୪ ଘଣ୍ଟା ମଧ୍ୟରେ ମୋଟ ୧,୭୩୦ଟି କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିଲେ । ନଭେମ୍ବର ୨ ତାରିଖ ସକାଳ ୧୦ଟାରୁ ଆରମ୍ଭ ହୋଇଥିବା ଏହି ୨୪ ଘଣ୍ଟିଆ ସିଫ୍ଟ ସମୟରେ ରୋବଟ୍‌ଗୁଡ଼ିକ ଗ୍ରାହକମାନଙ୍କୁ ୬୮୩ ଥର ସ୍ୱାଗତ କରିବା ସହ ୩୬୯ ଥର ସାମଗ୍ରୀ ପରଖିଥିଲେ । ୧୪୭ କପ୍ କଫି ପ୍ରସ୍ତୁତ କରିଥିଲେ ଏବଂ ୧୨୬ଟି ଖାଦ୍ୟ ଅର୍ଡର ପୂରଣ କରିଥିଲେ । ତେବେ ଏହି ସମୟ ମଧ୍ୟରେ ଚାରୋଟି ରୋବଟ୍ ସେମାନଙ୍କ ସିଫ୍ଟ ସଫଳତାର ସହ ଶେଷ କରିଥିବାବେଳେ ଅନ୍ୟ ଦୁଇଟି ରୋବଟ୍ ମଝିରୁ କାମ ଛାଡ଼ିଦେଇଥିଲେ । ରାତି ସିଫ୍ଟରେ ସଫାସଫି କାମ ପାଇଁ ଦାୟିତ୍ୱରେ ଥିବା ଏକ ରୋବଟ୍ ଏକ ପୂର୍ଣ୍ଣ ଡଷ୍ଟବିନ୍ ଦେଖିବା ପରେ ରାସ୍ତା ଭୁଲିଯାଇଥିଲା ଏବଂ ଦୋକାନରୁ ବାହାରକୁ ଚାଲିଯାଇ ଆଉ ଫେରି ନଥିଲା । ସେହିପରି ଅନ୍ୟ ଏକ ରୋବଟ୍ ସେଲ୍‌ରେ ସାମଗ୍ରୀ ପୁନଃଭର୍ତ୍ତି କରିବାରେ ଅତ୍ୟନ୍ତ ମନ୍ଥର ଥିବାରୁ ଷ୍ଟୋରର ଗତି ସହିତ ତାଳ ଦେଇ ପାରି ନଥିଲା ।

ଇନ୍-ଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକ୍ଚର୍ ଯୋଜନା ତ୍ୱରାନ୍ୱିତ

୮୯ ପ୍ରକଳ୍ପ ମାଧ୍ୟମରେ ଜଳ ସଂରକ୍ଷଣ ଓ ଜଳ ସୁରକ୍ଷାକୁ ଗୁରୁତ୍ୱ

ଭୁବନେଶ୍ୱର, (ସବ୍ୟୁ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟରେ ଜଳ ସଂରକ୍ଷଣ ଓ ଜଳ ସୁରକ୍ଷାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଜଳ ସମ୍ପଦ ବିଭାଗ ପକ୍ଷରୁ ଇନ୍-ଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକ୍ଚର୍ ଯୋଜନାକୁ



ଆଇଏସ୍‌ଏସ୍ ୨.୦ ଅଧୀନରେ ମିଶନ ମୋଡ୍‌ରେ କାର୍ଯ୍ୟକାରୀ କରାଯାଉଛି। ଏହି ଯୋଜନାରେ ୪ଟି ପର୍ଯ୍ୟାୟରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ମୋଟ ୮୯ଟି ପ୍ରକଳ୍ପ ହାତକୁ ନିଆଯାଇଅଛି। ଏହି ଯୋଜନା ଅଧୀନରେ ଇତିମଧ୍ୟରେ ୧୦ଟି ଇନ୍-ଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକ୍ଚର୍ ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି। ଏହାଦ୍ୱାରା ପ୍ରାୟ ୧.୧୦ କୋଟି ଘନମିଟର ଜଳ ସଂରକ୍ଷଣ କ୍ଷମତା ସୃଷ୍ଟି ହୋଇଛି। ଏହି ପ୍ରକଳ୍ପଗୁଡ଼ିକ ଦ୍ୱାରା ୧୨୨ରୁ ଅଧିକ ଗ୍ରାମର ପ୍ରାୟ ୧.୮୨ ଲକ୍ଷ ଲୋକ ଉପକୃତ ହେବେ। କଳାହାଣ୍ଡିର ଜୁଲ୍‌କୋ, ବଲାଙ୍ଗୀରର ଛତାମଖନା, ଗଞ୍ଜାମର ଜକମାରପଲ୍ଲା, ଢୋଲପିଟା ଓ ଧନେଇ, ବରଗଡ଼ର ମହୁଲପାଲି, ଯାଜପୁରର ସପ୍ତମାତୃକା ଏବଂ ସମ୍ବଲପୁରର ଗୋଚରା, କିରାସାସନ ଓ ବୁଢ଼ାରଜାଠାରେ ଏହି ପ୍ରକଳ୍ପଗୁଡ଼ିକ ସମ୍ପୂର୍ଣ୍ଣ ହୋଇଛି। ବର୍ତ୍ତମାନ ୧୩ଟି ଜିଲ୍ଲାରେ ୨୨ଟି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଜାରି ରହିଛି। ସୁନ୍ଦରଗଡ଼ରେ ୫ଟି ଓ ଖୋର୍ଦ୍ଧାରେ ୩ଟି ପ୍ରକଳ୍ପ ନିର୍ମାଣାଧୀନ ଥିବାବେଳେ ଅନ୍ୟାନ୍ୟ ଜିଲ୍ଲାରେ ମଧ୍ୟ କାର୍ଯ୍ୟ ଅଗ୍ରଗତି କରୁଛି। ଏହାବ୍ୟତୀତ ଆଉ ୩୫ଟି ପ୍ରକଳ୍ପ ପାଇପ୍‌ଲାଇନ୍‌ରେ ରହିଛି। ସେଥିମଧ୍ୟରୁ ୧୨ଟି ପ୍ରକଳ୍ପର କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବାକୁ ଯାଉଛି। ଏହି ଜଳ ସଂରକ୍ଷଣ ପ୍ରକଳ୍ପଗୁଡ଼ିକ ଦ୍ୱାରା ବର୍ଷା ଋତୁରେ ନଦୀରେ ପ୍ରବାହିତ ଜଳକୁ ସଂରକ୍ଷଣ କରି ଅଣମୌସୁମୀ ସମୟରେ ଉପଯୋଗ କରାଯାଇପାରିବ। ଏହାଦ୍ୱାରା କୃଷି ପାଇଁ ଜଳସେଚନ, ଭୂତଳ ଜଳସ୍ତର ବୃଦ୍ଧି, ପାନୀୟ ଜଳ ଉପଲବ୍ଧତା, ମତ୍ସ୍ୟଚାଷ ଓ ଗ୍ରାମୀଣ ଜୀବିକା ସୁଦୃଢ଼ ହେବ। ଜଳବାୟୁ ପରିବର୍ତ୍ତନ ଓ ଅନିୟମିତ ବର୍ଷା ଜନିତ ଜଳ ସଙ୍କଟର ମୁକାବିଲାରେ ଏହି ଯୋଜନା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ଆଇଏସ୍‌ଏସ୍ ୨.୦ ମାଧ୍ୟମରେ ରାଜ୍ୟରେ ଜଳ ସଂରକ୍ଷଣ ଭିତ୍ତିଭୂମିର ସମ୍ପ୍ରସାରଣ ସହ କୃଷି, ଗ୍ରାମୀଣ ଅର୍ଥନୀତି ଓ ଜଳ ସୁରକ୍ଷାକୁ ଦୀର୍ଘମିଆଦୀ ଭିତ୍ତିରେ ସୁଦୃଢ଼ କରିବା ଦିଗରେ ସରକାରଙ୍କ ପ୍ରୟାସ ଜାରି ରହିଛି।

ଓଡ଼ିଶା ଗସ୍ତରେ ଉପରାଷ୍ଟ୍ରପତି, ସ୍ୱରାଷ୍ଟ୍ର ମନ୍ତ୍ରୀ

ବିଧାୟକଙ୍କୁ ଦିନିକିଆ ପ୍ରଶିକ୍ଷଣ ଦେବେ ଉପରାଷ୍ଟ୍ରପତି

ଭୁବନେଶ୍ୱର (ସବ୍ୟୁ) : ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନ ଚଳିତମାସ ୧୬ ତାରିଖରେ ଓଡ଼ିଶା ଗସ୍ତରେ ଆସିବେ । ଏହି ଅବସରରେ ସେ ଓଡ଼ିଶା ବିଧାନସଭାର ବିଧାୟକମାନଙ୍କ ପାଇଁ ଏକଦିବସୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗ ଦେବେ । ବାଚସ୍ପତି ସୁରମା ପାଢୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ତିନୋଟି ଅଧିବେଶନ ରହିବ । ଉଦଘାଟନୀ ଅଧିବେଶନରେ ଓଡ଼ିଶାର ରାଜ୍ୟପାଳ ବ୍ରଜମୋହନ ରାମ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବେ । କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ ମଧ୍ୟ ଚଳିତମାସ ୨୮ ତାରିଖରେ ଆସି ଉଭୟ ସରକାରୀ ଓ ଦଳୀୟ କାର୍ଯ୍ୟକ୍ରମ ଯୋଗ ଦେବେ ବୋଲି ଜଣାପଡ଼ିଛି ।

ଏହି ଗସ୍ତ ଓ କାର୍ଯ୍ୟକ୍ରମ ସମ୍ପର୍କରେ ସୋମବାର ଓଡ଼ିଶା ବିଧାନସଭା ସମ୍ମିଳନୀ କକ୍ଷରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ କହିଛନ୍ତି, ଓଡ଼ିଶା ବିଧାନସଭାରେ ମୋଟ ୩୫ଟି ସଂସଦୀୟ କମିଟି ରହିଛି । ସଂସଦୀୟ କମିଟି ବ୍ୟବସ୍ଥାକୁ ସୁଦୃଢ଼ କରିବା ଦିଗରେ କେରଳ ଓ ଓଡ଼ିଶା ଉଲ୍ଲେଖନୀୟ ଭାବେ କାର୍ଯ୍ୟ କରୁଛନ୍ତି । ଏହି ବ୍ୟବସ୍ଥାକୁ ଆହୁରି ସକ୍ରିୟ ଓ ଫଳପ୍ରଦ କରିବା ସହ ବିଧାୟକମାନଙ୍କ ଦକ୍ଷତା ବିକାଶ କରିବା ଏହି ଓରିଏଣ୍ଟେସନ୍ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ।



ବିଭିନ୍ନ ବିଭାଗର କାର୍ଯ୍ୟକାରିତା, ସରକାରୀ ଯୋଜନା ଓ ନିଷ୍ପତ୍ତିର ରୂପାୟନ ଏବଂ କାର୍ଯ୍ୟନିର୍ବାହୀ ବିଭାଗଗୁଡ଼ିକର କାର୍ଯ୍ୟଧାରା ଉପରେ ବିଧାୟକମାନେ କିପରି ପ୍ରଭାବଶାଳୀ ଭାବେ ନଜର ରଖିପାରିବେ, ସେ ସମ୍ପର୍କରେ ଆବଶ୍ୟକ ତାଲିମ ପ୍ରଦାନ କରାଯିବ । ବିଶେଷକରି ଆଗାମୀ ବଜେଟ୍ ଅଧିବେଶନକୁ ଦୃଷ୍ଟିରେ ରଖି ବଜେଟ୍ ଆଲୋଚନା, ବିଭିନ୍ନ ବିଭାଗକୁ ଆବଣ୍ଟିତ ଅର୍ଥର ପରିମାଣ, ବ୍ୟୟ ଓ ଅନୁଦାନର ଅନୁପାତ, ବଜେଟ୍ ଆକଳନ ଏବଂ କାର୍ଯ୍ୟନିର୍ବାହୀ ବିଭାଗର କାର୍ଯ୍ୟର ସମୀକ୍ଷା ଆଦି ବିଷୟରେ ବିଧାୟକମାନଙ୍କୁ ତାଲିମ ଦିଆଯିବ । ଏଥିସହ ବଜେଟ୍ ଉପସ୍ଥାପନାର ବିଭିନ୍ନ ଦିଗ ଏବଂ ବିଧାନସଭାରେ କିପରି ଅଧିକ ଫଳପ୍ରଦ, ତଥ୍ୟଭିତ୍ତିକ ଓ ଗଠନମୂଳକ ଆଲୋଚନା କରାଯାଇପାରିବ, ସେ ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ । ଏହା ଦ୍ୱାରା ବିଧାୟକମାନଙ୍କ ମଧ୍ୟରେ ଅଭିଜ୍ଞତା ଓ ଭାବର ଆଦାନପ୍ରଦାନ ହେବା ସହ ବିଧାନସଭାର କାର୍ଯ୍ୟଧାରା ଅଧିକ ସୁଦୃଢ଼ ଓ ଗୁଣାତ୍ମକ ହୋଇପାରିବ । ଉପରାଷ୍ଟ୍ରପତିଙ୍କ ଏହି ଗସ୍ତ ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅତ୍ୟନ୍ତ ଫଳପ୍ରଦ ହେବ ବୋଲି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ଆଶା ପ୍ରକାଶ କରିଛନ୍ତି ।

୧୬ରେ ଉପରାଷ୍ଟ୍ରପତି, ୨୮ରେ ଶାହ ଆସୁଛନ୍ତି

ଟଙ୍କା ମାଗିବାରୁ ବିରିୟାନୀ ଦୋକାନୀଙ୍କୁ ଖଣ୍ଡାଚୋଟ

ଜଟଣୀ, (ସବ୍ୟୁ) : ଜଟଣୀ ଥାନା ଅନ୍ତର୍ଗତ ହାଟ ବଜାର ଠାରେ ଥିବା ଏକ ବିରିୟାନୀ ଦୋକାନୀଙ୍କୁ ଜଣେ ଗ୍ରାହକ ମରଣାନ୍ତରେ ଆକ୍ରମଣ କରି ରକ୍ତାକ୍ତ କରିଦେଇଥିବା ଜଣାଯାଇଛି । ମିଳିଥିବା ସୂଚନା ଅନୁସାରେ ଉକ୍ତ ଦୋକାନକୁ ବିରିୟାନୀ କିଣିବାକୁ ଯାଇଥିବା ପ୍ରଶାନ୍ତ ନାମକ ଜଣେ ବ୍ୟକ୍ତି ବିରିୟାନୀ ନେବା ପରେ ଦୋକାନୀ ମୟା ଜେନା ଟଙ୍କା ମାଗିବାରୁ ଅଭିଯୁକ୍ତ ଯୁବକ ଜଣଙ୍କ ନିଜ ପତିଆରା ଦେଖାଇବାକୁ ଯାଇ ଟଙ୍କା ଦେବିନାହିଁ କଣ କରିବୁ ବୋଲି କହିବାରୁ ବଚସା ଆରମ୍ଭ ହୋଇଥିଲା । ଯାହା ଫଳରେ ଉକ୍ତ ଯୁବକ ଜଣଙ୍କ ସେଠାରୁ ଯାଇ କିଛି ସମୟ ପରେ ଦୋକାନ ସମ୍ମୁଖକୁ ଆସି ସାଙ୍ଗରେ ଆଣିଥିବା ଏକ ଖଣ୍ଡା ସାହାଯ୍ୟରେ ଦୋକାନୀଙ୍କୁ ଆକ୍ରମଣ କରିଥିଲା । ଫଳରେ ଗୋଡ଼ ଓ ହାତରେ ଗଭୀର କ୍ଷତ ହୋଇ ଘଟଣା ସ୍ଥଳରେ ପ୍ରଚୁର ରକ୍ତସ୍ରାବ ହୋଇଥିଲା । ଖବର ପାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଗୁରୁତର ଦୋକାନୀଙ୍କୁ ଡାକ୍ତରଖାନାକୁ ଚିକିତ୍ସା ନିମନ୍ତେ ନେଇଥିବା ସହିତ ଅଭିଯୁକ୍ତ ଯୁବକଙ୍କୁ ଧରି ଥାନାରେ ଅଟକ ରଖିଥିବା ପୁଲିସ କହିଛି । ତେବେ ଖବର ଲେଖାହେବା ପର୍ଯ୍ୟନ୍ତ ଏ ବାବଦରେ ଅଧିକ ସୂଚନା ମିଳିପାରିନାହିଁ।

ଟ୍ରକ ଧକ୍କାରେ ବାଇକ ଚାଳକ ମୃତ

ଦଶପଲ୍ଲା ,(ସବ୍ୟୁ): ବାଣୀଗୋଛା ଥାନା ଅନ୍ତର୍ଗତ ଡାକୁଡ଼ା ନିକଟ ରେ ଏକ ମାଲ ବୋଝେଇ ଟ୍ରକ ସହ - ବାଇକ ମୁଁହାମୁହିଁ ଧକ୍କା ହେବାରୁ ବାଇକ ଚାଳକଙ୍କ ମୃତ୍ୟୁ ହୋଇଛି । ମୃତ ବାଇକ ଚାଳକ ଙ୍କ ନାଁ ପବିତ୍ର ମୋହନ ବିଶ୍ୱାଳ(୪୫) ଓ ତାଙ୍କ ଘର ଅନୁଗୁଳ ଜିଲ୍ଲା କିଶନ ନଗର ଥାନା ଅଙ୍ଗପଡା ଗ୍ରାମରେ । ରବିବାର ଦିନ ମଧ୍ୟାହ୍ନରେ ଦଶପଲ୍ଲା ପାର୍ଶ୍ୱରୁ ବାଇକରେ ପବିତ୍ର ଯାଉଥିବା ବେଳେ ବୌଦ୍ଧରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବା ଗୋଟିଏ ମାଲ ବୋଝେଇ ଟ୍ରକ ଧକ୍କା ଦେଇଥିଲା । ଫଳରେ ବାଇକ ଚାଳକ ଗୁରୁତର ଆହତ ହୋଇଥିବା ବେଳେ ବାଇକଟି ଚୂର୍ ମାର ହୋଇଯାଇଥିଲା । ପବିତ୍ରଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ଆମୁଲାନସ ଯୋଗେ ଦଶପଲ୍ଲା ହସ୍ପିଟାଲ ଓ ପରେ ନୟାଗଡ ସ୍ଥାନାନ୍ତରିତ କରାଯାଇଛି ଏ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପବିତ୍ର ଙ୍କ ମୃତ୍ୟୁ ହୋଇଥିବା ପୋଲିସ ସୂଚନା ଦେଇଛି । ପବିତ୍ର ଙ୍କ ଶବ ନୟାଗଡ ଜିଲ୍ଲା ହସ୍ପିଟାଲ ରେ ପଡ଼ି ରହିଛି । ଏହି ଘଟଣାରେ ପୋଲିସ ଏକ ମାମଲା ରୁଜୁକରି ଉଭୟ ବାଇକ ଓ ଟ୍ରକ ଜବତ କରିଥିବା ବେଳେ ଘଟଣାର ତଦନ୍ତ ଜାରି ରଖିଛି ।

ସୁଶାନ୍ତ ନାଥଙ୍କ ସହଯୋଗୀ କୁଳଦୀପଙ୍କ ଆଗୁଆ ଜାମିନ ମାମଲା

ସିଡି ଦାଖଲ ପାଇଁ ସମୟ ନେଲେ ସରକାର

କଟକ, (ସବ୍ୟୁ): ଚୌଦ୍‌ଦ୍ୱାର ସର୍କଲ ଜେଲ୍‌ର ପୂର୍ବତନ ମହିଳା ଜୈଲରଙ୍କୁ ଯୌନ ନିର୍ଯାତନା ଓ ଧମକଚମକ ମାମଲାରେ ଆଗୁଆ ଜାମିନ୍ ଆବେଦନ କରି ହାଇକୋର୍ଟକୁ ଆସିଥିବା ଆଇପିଏସ୍ ସୁଶାନ୍ତ ନାଥଙ୍କ ସହଯୋଗୀ କୁଳଦୀପ ରଥଙ୍କ ଆଗୁଆ ଜାମିନ୍ ମାମଲାରେ ରାଜ୍ୟ ସରକାର କେସ୍ ଡାଏରୀ(ସିଡି) ଦାଖଲ ଲାଗି ଅଦାଲତଙ୍କ ନିକଟରୁ ସମୟ ଲୋଡ଼ିଥିଲେ । ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଭି. ନରସିଂହ ଏହି ପ୍ରାର୍ଥନାକୁ ଗ୍ରହଣ କରି ମାମଲାର ଶୁଣାଣି ଆସନ୍ତା ୨୫ ତାରିଖକୁ ଧାର୍ଯ୍ୟ କରିଛନ୍ତି। ଅପରପକ୍ଷରେ ଏହି ମାମଲାରେ ଆବେଦନକାରୀ ଶ୍ରୀ ରଥଙ୍କ ବିରୋଧରେ ଯେଉଁସବୁ ଦଫା ଲାଗିଛି ସେଥିରେ ୭ବର୍ଷ ପର୍ଯ୍ୟନ୍ତ ମଧ୍ୟ ଦଣ୍ଡବିଧାନର ବ୍ୟବସ୍ଥା ନଥିବା ଜଣାପଡ଼ିଛି। ଫଳରେ ଏପରି ମାମଲାରେ ଆବେଦନକାରୀଙ୍କୁ ଆଗୁଆ ଜାମିନ୍ ନେବାର ଆବଶ୍ୟକତା ନଥିବା ସ୍ପଷ୍ଟ ହୋଇଯାଇଛି। ଶ୍ରୀ ନାଥ ଏବଂ କୁଳଦୀପଙ୍କ ବିରୋଧରେ ପୂର୍ବତନ ଜେଲ୍ ସନ୍ତୋଷିନୀ ଦାଶ ଯୌନ ନିର୍ଯାତନା, ମାନସିକ ନିର୍ଯାତନା ନେଇ ସଙ୍ଗିନ ଅଭିଯୋଗ ଆଣିବା ସହ ଚୌଦ୍‌ଦ୍ୱାର ଥାନାରେ ଏତଲା ଦେଇଥିଲେ । ଏତଲା ଆଧାରରେ ଚୌଦ୍‌ଦ୍ୱାର ଥାନା ପକ୍ଷରୁ କୁଳଦୀପଙ୍କ ବିଏନ୍‌ଏସ୍‌ର ଧାରା ୩୫୧ (ଧମକ ଦେବା) ଧାରାରେ ମାମଲା ରୁଜୁ କରିଛି। ଏହି ମାମଲାରେ ଆଗୁଆ ଜାମିନ୍ ଆବେଦନ କରି କୁଳଦୀପ ରଥ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ଘରେ ପଶି ଆକ୍ରମଣ, ବୋମାମାଡ : ୭ ଆହତ

ଭୁବନେଶ୍ୱର, (ସବ୍ୟୁ) : ଆଲୋକର ପର୍ବ ଦୀପାବଳିରେ ରାଜଧାନୀ ଉପକଣ୍ଠରେ ବାଣ ଫୁଟାକୁ ନେଇ ଦୁଇଟି ସ୍ଥାନରେ ଅଭାବନୀୟ ଘଟଣା ଘଟିଛି । ଦୁଇଟି ସ୍ଥାନରେ ଘରେ ପଶି ଆକ୍ରମଣ କରିବା ସହ ବୋମା ମାଡ କରିବା ଘଟଣା ସେହି ଅଞ୍ଚଳରେ ଚର୍ଚ୍ଚା ହେଉଛି । କେବଳ ଘରେ ପଶି ଆକ୍ରମଣ ନୁହେଁ, ଘର ଝରକା କାଚ ପ୍ରଭୃତି ଭାଙ୍ଗି ଛାରଖାର କରିବା ସହ ସିସି କ୍ୟାମେରା ଭାଙ୍ଗି ନେଇଯାଇଛନ୍ତି । ଏ ସମ୍ପର୍କରେ ଦୁଇଟି ଥାନାରେ ଅଭିଯୋଗ ହେବା ପରେ ଏୟାରପୋର୍ଟ ଥାନା ଅଞ୍ଚଳରେ ଘଟିଥିବା ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରିଛି । ଆଉ ୫ ଫେରାର ଥିବା ପୋଲିସ କହିଛି ।

ଏୟାରପୋର୍ଟ ଥାନା ଅନ୍ତର୍ଗତ ପଳାଶପଲ୍ଲୀରେ ରହୁଥିବା ସୌଦାମିନୀ ମହାରାଣାଙ୍କ ପରିବାର ଘର ସାମ୍ନାରେ ବାଣ ଫୁଟାଉଥିବା ବେଳେ କିଛି ଯୁବକ ବାଇକରେ ଆସି ତାଙ୍କ ପାଖାପାଖି ଗାଡି ଚଲାଇଥିଲେ । ଏହାପରେ ଦେଖାଯାଉନାହିଁ କହିବା ସହ ଆମ ଉପରକୁ ବାଣ ପକାଉଛ ବୋଲି ଅଭିଯୋଗ କରି ମାରଧର କରିବା ସହ ଘର ଉପରକୁ ବୋମା ମାଡ କରିଥିଲେ । ସୌଦାମିନୀଙ୍କ ବଡ ପୁଅ ସିଦ୍ଧେଶ୍ୱର ମହାରଣାଙ୍କ ପେଟରେ ମଦ ବୋତଲ ଭୂସି ହତ୍ୟା ଉଦ୍ୟମ କରିବା ସହ ସାନ ପୁଅ କ୍ରୀଷ୍ଣାଙ୍କ ଗୋଡ ଓ ହାତ ପ୍ରଭୃତି ହାଣି ପକାଇଛନ୍ତି । ସୌଦାମିନୀଙ୍କୁ ଧକ୍କା ମାରି ଦେବାରୁ ତଳେ ପଡି ମୁଣ୍ଡ ଫାଟି ଯାଇଛି । ଏଥିସହ ପାଖରେ ଠିଆ ହୋଇଥିବା ସତ୍ୟଜିତ୍ ରଥ ନାମକ ଅନ୍ୟ ଜଣେ ବନ୍ଧୁ ମଧ୍ୟ ଆହତ ହୋଇଛନ୍ତି । ଆହତ ହୋଇଥିବା ସୌଦାମିନୀ ଗଣମାଧ୍ୟମକୁ କହିଛନ୍ତି । ପୋଲିସ ପହଞ୍ଚି ଆହତଙ୍କୁ ଚିକିସା ପାଇଁ ହସ୍ପିଟାଲ ପଠାଇବା ସହ ୩ ଜଣଙ୍କୁ ଗିରଫ କରିଛି । ଗିରଫ ୩ ଜଣଙ୍କ ମଧ୍ୟରୁ ୨ ଜଣ ନାବାଳକ ଅଛନ୍ତି । ଅନ୍ୟ ୫ ଅଭିଯୁକ୍ତ ଫେରାର ଥିବା ସୂଚନା ମିଳିଛି । ସୌଦାମିନୀଙ୍କ କହିବାନୁଯାୟୀ ୮/୧୦ ଜଣ ଆସି ତାଙ୍କ ପିଲାମାନଙ୍କୁ ଧକ୍କା ଦେବା ପରେ ଆକ୍ରମଣ କରି ବୋମା ମାଡ କରିଥିଲେ । ବାଣ ଫୁଟାକୁ ନେଇ ଏଭଳି ଘଟଣା ଘଟିଲା ନାଁ ମନରେ କିଛି ପୂର୍ବ ଶତ୍ରୁତାକୁ ନେଇ ଆକ୍ରମଣ କଲେ ତାହା ସ୍ପଷ୍ଟ ହୋଇନାହିଁ । ଏୟାରଫିଲ୍ଡ ଥାନା ଅଧୀନ ଭିମଟାଙ୍ଗି ହାଉସିଂ ବୋର୍ଡ ଲେନ୍ ୮ ରେ ରୁହନ୍ତି ପଦ୍ମନାଭ ସାହୁ । ତାଙ୍କ ପିଲାମାନେ ଘର ସାମ୍ନାରେ ବାଣ ଫୁଟାଉଥିବା ବେଳେ ଟେଣ୍ଟ ହାଉସ୍ ମାଲିକ ଓ ତାଙ୍କର ଦୁଇଜଣ ପିଲା ମିଶି ସେମାନଙ୍କ ପାଖକୁ ଆସି ବାଣ କ'ଣ ଏମିତି ଫୁଟାଉଛ ବୋଲି ଅଭିଯୋଗ କରିଥିଲେ । ଆମେ ଆମ ଜାଗାରେ ଫୁଟାଉଛୁ ବୋଲି ପଦ୍ମନାଭ ଓ ତାଙ୍କ ପରିବାର ଉତ୍ତର କହିବାରୁ ସେମାନଙ୍କ ସହ ପ୍ରବଳ ପାଟିତୁଣ୍ଡ ହୋଇଥିଲା । ଏହା ଦେଖି ପଦ୍ମନାଭଙ୍କ ପରିବାର ପୋଲିସକୁ ଫୋନ କରିବାରୁ ପିସିଆର ଆସିଥିଲା । ପିସିଆର ଆସିବା ଦେଖି ସେମାନେ ଲୁଚି ପଡିଥିଲେ । ପିସିଆର କିଛି ସମୟ ରହି ଫେରିଯିବା ପରେ ସେମାନେ ପୁଣି ମୁହଁରେ ମୁଖା ବାନ୍ଧି ଆସିଥିଲେ । ପଦ୍ମନାଭଙ୍କ ଘର ଉପରକୁ ପେଟ୍ରୋଲ ବମ୍ ପକାଇଥିଲେ । ଏପରିକି ତାଙ୍କ ପରିବାରକୁ ମାରଧର କରି ତାଙ୍କ ୩ ବଖରା ଘର ଝରକାରେ ଲାଗିଥିବା କାଚ ପ୍ରଭୃତିକୁ ଭାଙ୍ଗି ଦେଇଥିଲେ । ଏପରିକି ସେଠାରେ ଲାଗିଥିବା ଦୁଇଟି ସିସି କ୍ୟାମେରାକୁ ଭାଙ୍ଗି ନେଇଯାଇଥିଲେ । ଅନ୍ୟ ଏକ କ୍ୟାମେରାକୁ ଭାଙ୍ଗିବା ଉଦ୍ୟମ କରି ବିଫଳ ହେଲେ । ସେହି ଗୋଟିଏ ସିସି କ୍ୟାମେରାରେ ସେମାନଙ୍କ କିଛି ଫଟୋ ଏକଦ ହୋଇଥିବା ପଦ୍ମନାଭ କହିଛନ୍ତି । ପୂର୍ବ ଶତ୍ରୁତାକୁ ମନେ ରଖି ଟେଣ୍ଟ ହାଉସ୍ ମାଲିକ ଓ ତାଙ୍କ ଦୁଇ କର୍ମଚାରୀ ବାଣ ଫୁଟାକୁ ବାହାନା କରି ଆକ୍ରମଣ କରିଥିଲେ । ଆହାତ ୩ ଜଣଙ୍କୁ ଚିକିସା ପାଇଁ ପୋଲିସ ହସ୍ପିଟାଲ ପଠାଇ ଅଭିଯୋଗ ଅନୁସାରେ ମାମଲା ରୁଜୁ କରି ତଦନ୍ତ କରୁଥିବା ବେଳେ କେହି ଗିରଫ ହୋଇନାହାଁନ୍ତି । ଏୟାରଫିଲ୍ଡ ଓ ଏୟାରପୋର୍ଟ ଥାନା ଅଞ୍ଚଳ ଦୁଇଟି ଯାକ ଘଟଣାରେ ଦୁର୍ବୃତ୍ତମାନେ ବୋମା ମାଡ କରିବା ସହ ଖଣ୍ଡା ଓ ଭୂଜାଲି ପ୍ରଭୃତିରେ ପରିବାର ସଦସ୍ୟଙ୍କୁ ହାଣି ପକାଇଥିଲେ । ଏହି ଘଟଣାକୁ ନେଇ ସେହି ଅଞ୍ଚଳରେ ଚାପା ଉତ୍ତେଜନା ଲାଗି ରହିଛି ।



ଶିଖରଚଣ୍ଡୀରେ ହିଟ୍ ଆଣ୍ଡ ରନ୍

୩ ଆହତ, କାର ଭଙ୍ଗାରୁଜା

ଭୁବନେଶ୍ୱର, (ସବ୍ୟୁ) : ଇନଫୋସିଟି ଥାନା ଅନ୍ତର୍ଗତ ଶିଖରଚଣ୍ଡି ନଗରରେ ହିଟ୍ ଆଣ୍ଡ ରନ୍ ଘଟଣାକୁ ନେଇ ଲୋକେ କାର ଭଙ୍ଗାରୁଜା କରିବା ସହ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା । ଗୋଟିଏ ବୁଲେଟକୁ ୨୫ ମିଟର ଆଗକୁ କାର ଘୋଷାଡି ନେବା ଦ୍ୱାରା ଦୁଇଜଣ ଗୁରୁତର ହୋଇଛନ୍ତି । ଅନ୍ୟ ଜଣେ ମଧ୍ୟ ଆହତ ହୋଇଥିବା ଖବର ମିଳିଛି । ଶିଖରଚଣ୍ଡି ନଗର ରାସ୍ତାରେ ବୁଲେଟରେ ଦୁଇଜଣ ଯାଉଥିବା ବେଳେ ଦ୍ରୁତ ଗତିରେ ଏକ କ୍ରୀଏଟା କାର ତାଙ୍କ ପଛପଟୁ ଧକ୍କା ଦେଇଥିଲା । ସେମାନେ ତଳେ ପଡିଯିବା ପରେ ଜଣଙ୍କୁ କାର ୨୫ ମିଟର ପର୍ଯ୍ୟନ୍ତ ଘୋଷାଡି ନେଲା । ଏହି ସମୟରେ ଆଉ ଜଣେ ପଥଚାରୀଙ୍କୁ କାର ଧକ୍କା ଦେବାରୁ ସେ ଆହତ ହୋଇଛନ୍ତି । ଏହା ଦେଖି ସ୍ଥାନୀୟ ଲୋକେ କାରକୁ ଅଟକାଇବା ସହ ଚାଳକକୁ ନିସ୍ତୁକ ମାଡ ମାରିଥିଲେ । ଦୁର୍ଘଟଣା ଘଟାଇଥିବା କାରକୁ ଉତ୍ତ୍ୟକ୍ତ ଲୋକେ ପଥରରେ ଛେଚି ଖଣ୍ଡବିଖଣ୍ଡିତ କରିଦେଇଛନ୍ତି। ଖବର ପାଇ ଇନଫୋସିଟି ଥାନା ପୋଲିସ ପହଞ୍ଚିବା ସହ ଚନ୍ଦ୍ରଶେଖରପୁର ଓ ନନ୍ଦନକାନନ ଥାନା ଅଫିସରମାନେ ପହଞ୍ଚିଥିଲେ । ଜୋନ୍ ୬ ଏସିପି ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ଡ୍ରାଇଭରକୁ ଇନଫୋସିଟି ଥାନାକୁ ନେଇଥିଲେ । ଏହି ସମୟରେ ପୋଲିସ ଓ ଫୋର୍ସଙ୍କ କଥା ଲୋକେ ନଶୁଣି କାରକୁ ଭାଙ୍ଗିବାରେ ଲାଗିପଡି



ବାଣୀବିହାର ଶନିମନ୍ଦିର ପ୍ରାଙ୍ଗଣରେ ମା'ଦକ୍ଷିଣକାଳୀଙ୍କ ଏକ ଦିନାତ୍ମକ ବିଶ୍ୱଶାନ୍ତି ଶକ୍ତି ଯଜ୍ଞ

ଅଁଳା ନବମୀ ପାଇଁ ସାକ୍ଷୀଗୋପାଳରେ ଦେବନୀତି ନିର୍ଘଣ୍ଟ

୧୮ରେ ରାଧାପାଦ ଦର୍ଶନ, ୨୧ରେ ବଡ଼ ଏକାଦଶୀ

ପୁରୀ (ସବ୍ୟୁ): ପବିତ୍ର ଅଁଳା ନବମୀ ଅବସରରେ ଆସନ୍ତା ୧୮ ତାରିଖ ବୁଧବାର ଶ୍ରୀଶ୍ରୀ ସାକ୍ଷୀଗୋପାଳ ମନ୍ଦିରରେ ପ୍ରସିଦ୍ଧ ଅଁଳା ନବମୀ ଓ ରାଧାପାଦ ଦର୍ଶନ ଅନୁଷ୍ଠିତ ହେବ। ଏଥିପାଇଁ ଶ୍ରୀଶ୍ରୀ ସାକ୍ଷୀଗୋପାଳ ସେବାୟତ ସଂଘ ପକ୍ଷରୁ ଦେବନୀତି ଓ ଦର୍ଶନର ସମୟ ନିର୍ଘଣ୍ଟ ସାର୍ବଜନୀନ କରାଯାଇଛି। ରବିବାର ଅପରାହ୍ନରେ ପଞ୍ଚସଖା ସ୍ମୃତି ଭବନରେ ଅନୁଷ୍ଠିତ ଦ୍ୱିତୀୟ ସମନ୍ୱୟ ବୈଠକରେ ସେବାୟତ ସଂଘ ପକ୍ଷରୁ ଏହି ନିର୍ଘଣ୍ଟ ପ୍ରକାଶ କରାଯାଇଥିଲା। ନିର୍ଘଣ୍ଟ ଅନୁଯାୟୀ, ୧୮ ତାରିଖ ଅଁଳା ନବମୀ ଦିନ ପୂର୍ବରାତ୍ର ୧ଟାରେ ଦ୍ୱାରଫିଟା ହେବ। ପୂର୍ବରାତ୍ର ୧ଟା ୩୦ରେ ମଙ୍ଗଳ ଆଳତି ଏବଂ ଏହାପରେ ବେଶ, ମାଇଲମ, ମର୍ଦ୍ଦନ ଓ ଅବକାଶ ନୀତି ସମ୍ପନ୍ନ ହେବ। ରାତି ୨ଟା ୩୦ରୁ ୩ଟା ମଧ୍ୟରେ ନଟବର ବେଶ ଅନୁଷ୍ଠିତ ହେବ। ପରେ ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ବଲ୍ଲଭ, ସକାଳ ଧୂପ, ବାଲଧୂପ ଓ ମଦନମୋହନ ଭୋଗ ଆଦି ନୀତି ସମ୍ପନ୍ନ ହେବ।

ଭୋର ୫ଟାରୁ ୬ଟା ପର୍ଯ୍ୟନ୍ତ ସେବାୟତ ଓ କର୍ମଚାରୀ ପରିବାର ଦର୍ଶନ କରିବେ। ସକାଳ ୬ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ସାହାଣମେଲା ଓ ସର୍ବସାଧାରଣ ଦର୍ଶନ ଚାଲିବ। ଅପରାହ୍ନ ୫ଟାରୁ ୫ଟା ୩୦ ପର୍ଯ୍ୟନ୍ତ ପାଳିଆ ସେବାୟତ ପରିବର୍ତ୍ତନ ଯୋଗୁଁ ଦର୍ଶନ ବନ୍ଦ ରହିବ। ପୁନର୍ବାର ୫ଟା ୩୦ରୁ ରାତି ୧୧ଟା ୩୦ ପର୍ଯ୍ୟନ୍ତ ସାହାଣମେଲା ଓ ସର୍ବସାଧାରଣ ଦର୍ଶନ ହେବ। ରାତି ୧୧ଟା ୩୦ରୁ ୧୨ଟା ପର୍ଯ୍ୟନ୍ତ ମନ୍ଦିର କର୍ମଚାରୀ ଓ ସେବାୟତ ପରିବାର ଦର୍ଶନ ପରେ ପରବର୍ତ୍ତୀ ଦେବନୀତି ଆରମ୍ଭ ହୋଇ ପହୁଡ଼ ଅନୁଷ୍ଠିତ ହେବ। ସେହିପରି ଆସନ୍ତା ୨୧ ତାରିଖରେ ପବିତ୍ର ବଡ଼ ଏକାଦଶୀ ପାଇଁ ମଧ୍ୟ ସ୍ୱତନ୍ତ୍ର ଦେବନୀତି ନିର୍ଘଣ୍ଟ କରାଯାଇଛି। ପୂର୍ବରାତ୍ର ୨ଟାରେ ଦ୍ୱାରଫିଟା ଓ ୨ଟା ୩୦ରେ ମଙ୍ଗଳ ଆଳତି ହେବ। ୨ଟା ୩୦ରୁ ୩ଟା ମଧ୍ୟରେ ବେଶ, ମାଇଲମ, ମର୍ଦ୍ଦନ ଓ ଅବକାଶ ଏବଂ ୩ଟାରୁ ୪ଟା ମଧ୍ୟରେ ଲକ୍ଷ୍ମୀନାରାୟଣ ବେଶ ଅନୁଷ୍ଠିତ ହେବ। ପ୍ରାତଃ ୪ଟାରୁ ୬ଟା ମଧ୍ୟରେ ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ବଲ୍ଲଭ, ସକାଳ ଧୂପ, ବାଲଧୂପ ଓ ମଦନମୋହନ ଭୋଗ ହେବ। ସକାଳ ୬ଟା ୩୦ରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ସାହାଣମେଲା ଓ ସର୍ବସାଧାରଣ ଦର୍ଶନ ହେବ। ଅପରାହ୍ନ ୫ଟାରୁ ୬ଟା ପର୍ଯ୍ୟନ୍ତ ପାଳିଆ ସେବାୟତ ପରିବର୍ତ୍ତନ ଯୋଗୁଁ ଦର୍ଶନ ବନ୍ଦ ରହିବ। ସନ୍ଧ୍ୟା ୬ଟାରୁ ରାତି ୧୧ଟା ୩୦ ପର୍ଯ୍ୟନ୍ତ ପୁନର୍ବାର ସାହାଣମେଲା ଓ ସର୍ବସାଧାରଣ ଦର୍ଶନ ଚାଲିବ। ଏହାପରେ ପରବର୍ତ୍ତୀ ଦେବନୀତି ଓ ପହୁଡ଼ ଅନୁଷ୍ଠିତ ହେବ। ଏ ସମ୍ପର୍କରେ ସେବାୟତ ସଂଘର ସଭାପତି ଗଦାଧର ମହାପାତ୍ର ଓ ସମ୍ପାଦକ ଉମେଶ ଚନ୍ଦ୍ର ନନ୍ଦ ସୂଚନା ଦେଇଛନ୍ତି।

ନୟାସଡ଼କରେ ସାଧାରଣ ଲୋକ ଓ ପୁଲିସ ମୁହାଁମୁହିଁ

ବାଣ ଫୁଟାଇବାକୁ ନେଇ ଖଣ୍ଡଯୁଦ୍ଧ: ୧୦ଫେରାର୍, ୪ ଗିରଫ

କଟକ,(ସବ୍ୟୁ): ଲାଲ୍‌ବାଗ ଥାନା ନୟାସଡ଼କ ଅଞ୍ଚଳରେ ନିର୍ଦ୍ଧାରିତ ସମୟ ପରେ ମଧ୍ୟ ବାଣଫୁଟାଯାଉଥିବା ବିଷୟକୁ ନେଇ ଦୀପାବଳି ରାତିରେ ସାଧାରଣ ଜନତା-ପୁଲିସ ମୁହାଁମୁହିଁ ହୋଇଛନ୍ତି । ଏପରିକି ସ୍ଥିତି ନିୟନ୍ତ୍ରଣକୁ ଆଣିବା ବେଳେ ଜଣେ ମହିଳା ଆଇପିଏସ୍(ଏସିପି)ଙ୍କ ସହିତ କିଛି ଯୁବକ ଧସ୍ତାଧସ୍ତି ହୋଇଛନ୍ତି ।-ଘଟଣାଟି ଘଟିଛି । ଏହି ଘଟଣାରେ ଆଜି ପୁଲିସ କାର୍ଯ୍ୟାନୁଷ୍ଠାନ ନେଇଛି । ମହିଳା ଏସିପିଙ୍କ ସହିତ ଠେଲାପେଲା କରୁଥିବା ୪ଜଣ ଯୁବକଙ୍କୁ ପୁଲିସ ଗିରଫ କରିଛି । ଅଭିଯୁକ୍ତମାନେ ହେଲେ ନୟାସଡ଼କର ବିନୟ ଅଗ୍ରୱାଲ(୩୨) ଓ ମୋହିତ ନାଙ୍ଗାଲିଆ(୨୨), ଉପରତେଲେଙ୍ଗାବଜାରର କ୍ରିଷ୍ଣା ସୋନୀ(୨୦) ଏବଂ ୟସ୍ ଚୌଧୁରୀ(୨୩) । ଚାରି ଜଣଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି । ଏହି ଘଟଣାରେ ଅନ୍ୟ ୧୦ ଅଭିଯୁକ୍ତ ଫେରାର୍ ଅଛନ୍ତି ।

ପୁଲିସ ସୂଚନା ଅନୁସାରେ, କଟକରେ ରାତି ପ୍ରାୟ ୯ଟା ପର୍ଯ୍ୟନ୍ତ ବାଣ ଫୁଟାଯାଇ ପାରିବ ବୋଲି ପୁଲିସ ପକ୍ଷରୁ ଅବଗତ କରାଯାଇଥିଲା । କୋର୍ଟଙ୍କ ନିର୍ଦ୍ଦେଶମାନି ଏଭଳି କରିବାକୁ କୁହାଯାଇଥିଲା । ତେବେ ଗତକାଲି ରାତିରେ ଦୀପାବଳି ପାଳନ ବେଳେ ନୟାସଡ଼କ ଅଞ୍ଚଳରେ ରାତି ସାଢ଼େ ୯ ପରେ ମଧ୍ୟ ବାଣ ଫୁଟୁଥିବା ସେଠାରେ ଡ୍ୟୁଟି କରୁଥିବା ପୁଲିସ କର୍ମଚାରୀ ଦେଖିଥିଲେ । ଏଭଳି ବାଣ ଫୁଟାଇବାକୁ ପୁଲିସ ଅନୁରୋଧ କରିବାରୁ ଏହାକୁ କିଛି ଯୁବକ ଶୁଣିନଥିଲେ । ଶେଷରେ ଡ୍ୟୁଟିରେ ଥିବା କର୍ମଚାରୀ ଏନେଇ ବରିଷ୍ଠ ଅଧିକାରୀଙ୍କୁ ସୂଚନା ଦେଇଲେ । କିଛି ସମୟ ମଧ୍ୟରେ ଫୋର୍ସ ନେଇ ଜୋନ୍ ଏସପି ଅନନ୍ୟା ଅଗଷ୍ଟୀ ସେଠାରେ ପହଞ୍ଚିଥିଲେ । ପ୍ରଥମେ ବାଣ ନଫୁଟାଇବା ପାଇଁ ବୁଝାଇଥିଲେ । ତଥାପି ରାସ୍ତା ଉପରେ ବାଣ ରଖି କିଛି ଯୁବକ ଫୁଟାଇଲେ । ଏହା ପରେ ଏସିପି ଅଗଷ୍ଟି ସେଗୁଡ଼ିକୁ ଲିଭାଇବାକୁ ନିର୍ଦ୍ଦେଶ ଦେଇଥିଲେ । ପୁଲିସ କର୍ମଚାରୀ ଯାଇ ବାଣଗୁଡ଼ିକୁ ବନ୍ଦ କରିଦେଇଥିଲେ । ବାସ୍ ଏହା ପରେ ଯୁବକମାନେ ଜୋରଦାର ଗାଳିଗୁଲଜ କରିବାକୁ ଲାଗିଥିଲେ । ମହିଳା ପୁଲିସ କର୍ମଚାରୀଙ୍କୁ ଗାଳିଗୁଲଜ କରିକଲେ । ଯୁକ୍ତିତର୍କ କରିଥିଲେ । ଏହି ସମୟରେ ୧୦ରୁ ୧୫ ଜଣ ଯୁବକ ମହିଳା ଏସିପିଙ୍କୁ ଘେରିଯାଇ ଠେଲାପେଲା କରିଥିଲେ । ପୁଲିସ ଫୋର୍ସ ହସ୍ତକ୍ଷେପ କରି ମହିଳା ଏସିପିଙ୍କୁ ସେଠାରୁ ବାହାର କରିଥିଲା । ଏନେଇ ତୁରନ୍ତ ଡିସିପି ଖଲାରୀ ଋଷିକେଶ ଦ୍ୟାଦେଓଙ୍କୁ ଅବଗତ କରାଯାଇଥିଲା । କିଛି ସମୟ ମଧ୍ୟରେ ଡିସିପି ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲେ । କିଛି ସମୟ ଭିତରେ ସେଠାରେ ପରିସ୍ଥିତି ଶାନ୍ତ ପଡ଼ିଥିଲା । ତେବେ ମହିଳା ଏସିପିଙ୍କୁ ଠେଲାପେଲା କରିଥିବାରୁ ତୁରନ୍ତ ଏନେଇ ଲାଲ୍‌ବାଗ ଥାନାରେ ମାମଲା ରୁଜୁ ହେଲା । ରାତି ପ୍ରାୟ ୩ଟା ବେଳେ ପୁଲିସ ଟିମ୍ ସ୍ଥାନୀୟ ଅଞ୍ଚଳରେ ଚଢ଼ଉ କରି ୪ ଜଣଙ୍କୁ ଗିରଫ କରିବାରେ ସଫଳ ହେଲା । ମାତ୍ର ଅନ୍ୟ ଯୁବକମାନେ ସହରର ଭିନ୍ନ ଅଞ୍ଚଳରୁ ଆସିଥିବାରୁ ସେମାନେ ଧରାପଡ଼ି ନାହାଁନ୍ତି । ଏନେଇ ମାରୱାଡି ସମାଜର ସଭାପତି ସଂଜୟ ଶର୍ମାଙ୍କ କହିଛନ୍ତି ଯେ, ଯାହା ଘଟିଛି ଅତ୍ୟନ୍ତ ଦୁଃଖପୂର୍ଣ୍ଣ ଘଟଣା । ତେବେ ବାଣ ଫୁଟାକୁ ନେଇ ସାମାନ୍ୟ ଦ୍ୱନ୍ଦ ଉପୁଜିବା ପରେ ଏଭଳି ହୋଇଥିଲା । ମାତ୍ର ପୁଲିସ ସହିତ ବହୁତ ବଡ଼ କିଛି ଗଣ୍ଡଗୋଳ ସେଠାରେ ହୋଇନଥିବା ଶ୍ରୀ ଶର୍ମା କହିଛନ୍ତି । ଏହି ଘଟଣା ସମ୍ପର୍କରେ ଡିସିପି ଶ୍ରୀ ଦ୍ୟାନେଦଓଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ନିୟମ ଅନୁସାରେ ସହରବାସୀଙ୍କ ସନ୍ଧ୍ୟା ୬ଟା ରୁ ରାତି ୯ଟା ମଧ୍ୟରେ ବାଣ ଫୁଟାଇବାକୁ ଅନୁମତି ଦିଆଯାଇଥିଲା । ନୟାସଡ଼କ ରାସ୍ତାରେ କେତେକ ଅମାନିଆ ଯୁବକ ରାତି ୯ଟା ପରେ ରାସ୍ତା ଉପରେ ବେଆଇନ ଭାବେ ବାଣ ଫୁଟାଇଥିଲେ । ରାସ୍ତାକୁ ନିଜ ବକ୍‌ଜାକୁ ନେଇ ସାଧାରଣ ଲୋକଙ୍କ ଉପରକୁ ବାଣ ଫିଙ୍ଗିଥିଲେ । ଆଇନ ଶୃଙ୍ଖଳାକୁ ନିୟନ୍ତ୍ରଣ କରିବା ପାଇଁ ମହିଳା ଏସିପି ଘଟଣାସ୍ଥଳରେ ପହଞ୍ଚିବା ବାଣ ଫୁଟାଉଥିବା ଯୁବକଙ୍କୁ ବାରଣ କରିଥିଲେ । ହେଲେ ସେମାନେ ପୁଲିସର କଥାକୁ ନଶୁଣି, ବାଣ ଫୁଟାଇବା ସହିତ ଦୁର୍ବ୍ୟବହାର କରିଥିଲେ । ସିସି କ୍ୟାମେରା ଆଧାରାରେ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଛି । ଆଜି ୪ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଏହି ଗିରଫଦାରୀ ଆଗକୁ ବଢ଼ିବ ବୋଲି ଡିସିପି ଶ୍ରୀ ଦ୍ୟାନଦେଓ ସୂଚନା ଦେଇଛନ୍ତି ।

ଦୀପାବଳିରେ ରୋଡ୍ କ୍ରାଇମ୍ ବିରୋଧରେ ପୁରା ପୋଲିସର ଚଢ଼ାଉ

ଆକ୍ରମଣ ଓ ଦାଦାବଟି ମାମଲାରେ ୨ ଗିରଫ, ଜେଲ୍ ଗଲେ ଅଭିଯୁକ୍ତ

ପୁରୀ, (ସବ୍ୟୁ): ଦୀପାବଳି ପୂର୍ବରୁ ରୋଡ୍ କ୍ରାଇମ୍ ଉପରେ ଚଢ଼ାଉ କରିଛି ପୁରା ଟାଉନ ଥାନା ପୋଲିସ। ଆକ୍ରମଣ ଓ ଦାଦାବଟି ମାଗିବା ଅଭିଯୋଗରେ ଦୁଇଟି ପୃଥକ ମାମଲାରେ ଦୁଇଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି । ସେମାନଙ୍କୁ ଏସ୍‌ଡିଜେଏମ୍ ପୁରୀଙ୍କ କୋର୍ଟରେ ହାଜର କରାଯିବା ପରେ ଜାମିନ ନାମଞ୍ଜୁର ହେବାରୁ ପୁରୀ ଜିଲ୍ଲା କାରାଗାରକୁ ପଠାଯାଇଛି । ପ୍ରଥମ ଘଟଣାଟି ମରିଚକୋଟ ଛକ ନିକଟରେ ଘଟିଛି । ଗଜପତି ଜିଲ୍ଲା ଅଡବା ଅଞ୍ଚଳର ସୀମାଞ୍ଚଳ ନାୟକ (୪୪) ପୁରୀରେ ଲେବର ଭାବେ କାମ କରନ୍ତି । ଗତକାଲି ଖରାବେଳେ ଜଗନ୍ନାଥ ବସ୍ତିର ମନୁ ଓରଫ ମନୋଜ ବେହେରା (୨୯) ତାଙ୍କୁ ୫୦୦ ଟଙ୍କା ଦାଦାବଟି ମାଗିଥିଲେ । ସୀମାଞ୍ଚଳ ଏହାକୁ ବିରୋଧ କରିବାରୁ ଅଭିଯୁକ୍ତ ତାଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରେ ତାଙ୍କ ମୁହଁରେ କ୍ଷତ ସୃଷ୍ଟି ହୋଇଥିଲା । ଘଟଣା ସମ୍ପର୍କରେ ଖବର ପାଇ ଟାଉନ ଥାନା ପୋଲିସ ପହଞ୍ଚି ଆହତଙ୍କୁ ଚିକିତ୍ସା କରାଇବା ସହ ଅଭିଯୁକ୍ତ ମନୋଜଙ୍କୁ ଗିରଫ କରିଥିଲା । ଏନେଇ ଟାଉନ ଥାନାରେ କେସ୍ ନମ୍ବର ୭୬୪/୨୦୨୬ ରୁଜୁ ହୋଇଛି । ଉଭୟ ମାମଲାରେ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ ପରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ପୁରୀ ଜିଲ୍ଲା କାରାଗାରକୁ ପଠାଯାଇଛି । ଉଭୟଙ୍କ ବିରୋଧରେ ପୂର୍ବରୁ ମଧ୍ୟ ବିଭିନ୍ନ ଥାନାରେ ଅପରାଧିକ ମାମଲା ଥିବା ପୋଲିସ ପକ୍ଷରୁ କୁହାଯାଇଛି ।

ଭାଗୀରଥି ମାଣ୍ଡାଙ୍ଗି ହତ୍ୟା ମାମଲା

ଏନ. ଭାସ୍କର ରାଓଙ୍କ ସମେତ ୪ଅଭିଯୁକ୍ତଙ୍କ ଆତ୍ମସମର୍ପଣ, ଜାମିନ ନାମଞ୍ଜୁର

ରାୟଗଡା,(ସବ୍ୟୁ): ବହୁଚର୍ଚ୍ଚିତ ଭାଗିରଥି ମାଣ୍ଡାଙ୍ଗି ହତ୍ୟା ମାମଲାରେ ନୂଆ ମୋଡ଼ ଆସିଛି । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ପୂର୍ବତନ ରାଜ୍ୟସଭା ସାଂସଦ ତଥା ବିଜୁ ସ୍ୱାଭିମାନ ମଞ୍ଚର ଆବାହକ ଏନ. ଭାସ୍କର ରାଓଙ୍କ ସମେତ ୪ ଅଭିଯୁକ୍ତ ଶେଷରେ ରାୟଗଡ଼ା ଏସଡ଼ିଜେଏମ କୋର୍ଟରେ ଆତ୍ମସମର୍ପଣ କରିଛନ୍ତି । ଅନ୍ୟ ଅଭିଯୁକ୍ତମାନେ ହେଲେ କେ. କ୍ରିଷ୍ଣା ରାଓ, ଇପିଲି ରାଜୁ ଓ ପି. ଦିଲ୍ଲୀପ କୁମାର । କୋର୍ଟରେ ଜାମିନ ଆବେଦନ ଖାରଜ ହେବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ଆଦିବାସୀ ନେତା, ପୂର୍ବତନ କାଉନସିଲର ତଥା ମା' ମଣିଘରିଆଣୀ ମନ୍ଦିର ଟ୍ରଷ୍ଟି ଭାଗିରଥି ମାଣ୍ଡାଙ୍ଗିଙ୍କ ହତ୍ୟା ମାମଲାରେ ଏହି ଆତ୍ମସମର୍ପଣକୁ ନେଇ ରାୟଗଡ଼ାରେ ଚର୍ଚ୍ଚା ଜୋର ଧରିଥିଲା । ସୁପ୍ରିମକୋର୍ଟଙ୍କ ପକ୍ଷରୁ ଦିଆଯାଇଥିବା ଦୁଇ ସପ୍ତାହର ମହଲତ ଶେଷ ହେଉଥିବାରୁ ଅଭିଯୁକ୍ତମାନଙ୍କ ପରବର୍ତ୍ତୀ ପଦକ୍ଷେପକୁ ନେଇ ଉତ୍କଣ୍ଠା ଲାଗି ରହିଥିଲା । ଅପରାହ୍ନ ପ୍ରାୟ ୩ଟାରେ ଭାସ୍କର ରାଓ ନିଜ ଗାଡ଼ିରେ କୋର୍ଟରେ ପହଞ୍ଚିଥିଲେ । ତାଙ୍କ ସହ ଶତାଧିକ ସମର୍ଥକ ମଧ୍ୟ ଆସିଥିଲେ । ଏହି ସମୟରେ ଆଦିବାସୀ ମହାସଙ୍ଘର ସଦସ୍ୟଙ୍କ ସମେତ ମୃତ ଭାଗିରଥିଙ୍କ ଭାଇ ଜଗନ୍ନାଥ ମାଣ୍ଡାଙ୍ଗି ମଧ୍ୟ କୋର୍ଟ ପରିସରରେ ଉପସ୍ଥିତ ଥିଲେ । ଭାସ୍କର ରାଓଙ୍କ ଓକିଲ ନବ କୁମାର କଣ୍ଡାଙ୍କ କହିବାନୁଯାୟୀ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ତାଙ୍କ ମହକିଲ ଆତ୍ମସମର୍ପଣ କରିଛନ୍ତି । ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି । ୨୦୧୦ ମସିହାରେ ଭାଗିରଥି ମାଣ୍ଡାଙ୍ଗିଙ୍କୁ ଅପହରଣ ପରେ ହତ୍ୟା କରାଯାଇଥିବା ମାମଲା ରୁଜୁ ହୋଇଥିଲା । ଏହି ଘଟଣାରେ ୬ ଜଣଙ୍କ ସମ୍ପୃକ୍ତି ଥିବା ନେଇ ମୃତକଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା । ମାମଲାରେ ଜାରି ହୋଇଥିବା ଜାମିନବିହୀନ ଗିରଫ ପରଓ୍ୱାନାକୁ ଚ୍ୟାଲେଞ୍ଜ କରି ଭାସ୍କର ରାଓ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟଙ୍କ ଅଗ୍ରୀମ ଜାମିନ ଆଦେଶକୁ ମୃତକଙ୍କ ଭାଇ ଜଗନ୍ନାଥ ମାଣ୍ଡାଙ୍ଗି ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ । ପରେ ସୁପ୍ରିମକୋର୍ଟ ହାଇକୋର୍ଟଙ୍କ ଉକ୍ତ ଆଦେଶକୁ ଖାରଜ କରି ଅଭିଯୁକ୍ତମାନଙ୍କୁ ଦୁଇ ସପ୍ତାହ ମଧ୍ୟରେ ସମ୍ପୃକ୍ତ ଏସଡ଼ିଜେଏମ କୋର୍ଟରେ ହାଜର ହୋଇ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଅନ୍ୟପକ୍ଷରେ ମାମଲାର ଅନ୍ୟତମ ଅଭିଯୁକ୍ତ ଏନ. ଆଦିନାରାୟଣ କୋର୍ଟରେ ହାଜର ହୋଇନଥିବାବେଳେ



ଅଭିଯୁକ୍ତ ୟେଲା ଏଙ୍କେଟେଶ୍ୱର ରାଓ (କୋଣ୍ଡାବାବୁ)ଙ୍କ ମୃତ୍ୟୁ ହୋଇସାରିଛି । ଏହାସହ ଦୁଇ ଦିନ ପୂର୍ବରୁ ଏକ ଅର୍ଥ ହଡ଼ପ ଅଭିଯୋଗରେ ଇଡି ପକ୍ଷରୁ ଭାସ୍କର ରାଓଙ୍କ ଘର ସମେତ ୧୨ଟି ସ୍ଥାନରେ ଚଢ଼ାଉ କରାଯାଇଥିଲା । ଦୀର୍ଘବର୍ଷ ଧରି ନ୍ୟାୟ ଅପେକ୍ଷାରେ ଥିବା ଭାଗିରଥିଙ୍କ ପରିବାର ଓ ଆଦିବାସୀ ମହାସଙ୍ଘର ନ୍ୟାୟିକ ଲଢ଼େଇ ମଧ୍ୟରେ ୪ ଅଭିଯୁକ୍ତଙ୍କ ଆତ୍ମସମର୍ପଣ ଘଟଣା ମାମଲାକୁ ନୂଆ ଦିଗ ଦେଇଛି ।

ପାନ ଦୋକାନରୁ ମଦ ଜବତ, ଜଣେ ଗିରଫ

ସାକ୍ଷୀଗୋପାଳ ,(ସବ୍ୟୁ): ସତ୍ୟବାଦୀ ଥାନା ଅନ୍ତର୍ଗତ ପରହାଟ ଗ୍ରାମରେ ପାନ ଦୋକାନ ଆଡୁଆଳରେ ଚାଲିଥିବା ବେଆଇନ ବିଦେଶୀ ମଦ ଓ ବିୟର କାରବାର ଉପରେ ପୁରା ସ୍ପେଶାଲ ସ୍କଓ୍ୱାଡ ଓ ସତ୍ୟବାଦୀ ପୋଲିସ ମିଳିତ ଚଢ଼ାଉ କରିଛନ୍ତି । ଏହି ଚଢ଼ାଉରେ ୮୪.୫ ଲିଟର ପରିମାଣର ୩୧୦ ବୋତଲ ବିଦେଶୀ ମଦ ଓ ବିୟର ଜବତ ହୋଇଥିବାବେଳେ ଜଣେ ଅଭିଯୁକ୍ତ ଗିରଫ ହୋଇଛନ୍ତି ।ଗିରଫ ଅଭିଯୁକ୍ତ ହେଲେ ପରହଟା ଗ୍ରାମର ପ୍ରକାଶ ଚନ୍ଦ୍ର ପ୍ରଧାନ (୪୯) । ପୋଲିସ ସୂଚନା ଅନୁଯାୟୀ, ଗତ ୭ ତାରିଖ ରାତି ପ୍ରାୟ ୧୧ଟାରେ ଜିଲ୍ଲାସ୍ତରୀୟ ନିଶା କାରବାର ବିରୋଧୀ ଅଭିଯାନ ଅନ୍ତର୍ଗତ ମିଳିତ ଟିମ ପାଟ୍ରୋଲିଂ କରୁଥିବାବେଳେ ପ୍ରକାଶ ନିଜ ପାନ ଦୋକାନରେ ବିପୁଳ ପରିମାଣର ମଦ ଓ ବିୟର ମହଜୁଦ ରଖି ଚୋରା ବିକ୍ରି କରୁଥିବା ସୂଚନା ପାଇଥିଲା । ଏହାପରେ ଦୋକାନରେ ଚଢ଼ାଉ କରି ୬୧ ବୋତଲ ବିୟର ଓ ୨୪୯ ବୋତଲ ବିଦେଶୀ ମଦ ଜବତ କରିବା ସହ ଅଭିଯୁକ୍ତଙ୍କୁ କାବୁ କରିଥିଲା ।

ପଣ୍ଡିତ ନୀଳକଣ୍ଠ ଦାସଙ୍କ ଶ୍ରାଦ୍ଧ ଦିବସ ପାଳିତ

ଭୁବନେଶ୍ୱର(ସବ୍ୟୁ): ପଣ୍ଡିତ ନିଳକଣ୍ଠ ଦାସଙ୍କ ଶ୍ରାଦ୍ଧ ଦିବସ ଉପଲକ୍ଷେ ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟକମିଟି ପକ୍ଷରୁ ସ୍ଥାନୀୟମହାଡାକପାଳଙ୍କ କାର୍ଯ୍ୟାଳୟ ପାଶ୍ୱର୍ରେ ଥିବା ଉକ୍ତ ବିଶିଷ୍ଟ ବରପୁତ୍ରଙ୍କ ପ୍ରତିମୂର୍ତ୍ତୀରେ ମଲ୍ୟାର୍ପଣ ପରେ ତାଙ୍କ ସ୍ମୃତିଚାରଣ ଉଦ୍ଦେଶ୍ୟରେ ଉତ୍କଳ ସମ୍ମିଳନୀୟୁନିଟ୍-୬ କାର୍ଯ୍ୟାଳୟ ଠାରେ ଉପସଭାପତି ପ୍ରଫେସର ସୁରେନ୍ଦ୍ରନାଥ ମହାନ୍ତିଙ୍କ ଅଧକ୍ଷତା ଏବଂ ସାଧାରଣ ସମ୍ପାଦକ ଡା. ରାଧାନାଥ ପ୍ରହରାଜଙ୍କ ପରିଚାଳନାରେ ଏକ ସ୍ମୃତିଚାରଣସଭା ଅନୁଷ୍ଠିତ ହୋଇଯାଇଛି ।

ଉତ୍କଳ ସମ୍ମିଳନୀର ପ୍ରାକ୍ତନ ସଭାପତି ତଥା ଓଡ଼ିଶା ବିଧାନସଭାର ପୂର୍ବତନ ବାଚସ୍ପତି ନୀଳକଣ୍ଠ ଦାସଙ୍କ ଅନନ୍ୟ ପ୍ରତିଭା, ଅସାଧାରଣ ବାଗ୍ମିତା, ଓଡ଼ିଆ ସମ୍ବାଦପତ୍ର "ସମାଜ'ର ସମ୍ପାଦନା, ସମାଜ ସଂସ୍କାର ମୂଳକ ପ୍ରବନ୍ଧ ମୋ ନିଶ, କାବ୍ୟ କୋଣାର୍କେ ଏବଂ ଆତ୍ମଜୀବନୀ ଇତ୍ୟାଦି ସାରସ୍ୱତ ସୃଷ୍ଟିତାଙ୍କୁ ଅମର କରି ରଖିଛି ବୋଲି ଅତିଥିମାନେ ମତପ୍ରକାଶ



କରିଛନ୍ତି । ରାଜ୍ୟ ଗଠନ ସପକ୍ଷରେ କଲିକତା ଜାତୀୟ କଂଗ୍ରେସ ଅଧିବେସନରେ ସେ ଯେଉଁ ଦୃଢ଼ ଯୁକ୍ତି ଉପସ୍ଥାପନା କରିଥିଲେ ତାହା ମଧ୍ୟ ସ୍ମରଣୀୟ ଅଟେ। ଏତଦ୍‌ବ୍ୟତୀତ ଓଡ଼ିଶା ବିଧାନସଭା ଓ ଜାତୀୟସ୍ତରରେ ନୀଳକଣw ଯେଉଁ ଓଜସ୍ୱିନୀ ଭାଷଣମାନ ରଖି ଯାଇଛନ୍ତିତାହା ଓଡ଼ିଆ ଜାତିକୁ ଧନ୍ୟ କରିଛି। ନିଜର ଆତ୍ମଜୀବନୀ ଲେଖି ସେ "କେନ୍ଦ୍ରୀୟ ସାହିତ୍ୟ ଏକାଡ଼େମୀ' ପୁରସ୍କାରପାଇବା ସହ "ଓଡ଼ିଶା ସାହିତ୍ୟ ଏକାଡ଼େମୀ'ର ପ୍ରଥମ ସଭାପତି ହେବାର ଗୌରବ ମଧ୍ୟ ଲାଭ କରିଛନ୍ତି। ସ୍ୱରାଜ ଆନ୍ଦୋଳନ ପାଇଁ ବର୍ଷବର୍ଷ ଜେଲ୍ ଭୋଗିବା ସହିତ ଓଡ଼ିଶା ରାଜ୍ୟ ଗଠନ ପ୍ରକ୍ରିୟାରେ ଉତ୍କଳ ସମ୍ମିଳନୀ ମାଧ୍ୟମରେ ସକ୍ରିୟ ଅଂଶଗ୍ରହଣ କରିଥିବାରୁ ଆମ୍ଭ ଯୁବପିଢ଼ୀ ତାଙ୍କୁ ଅନୁକରଣ କରିବାର ଆବଶ

ପଞ୍ଚାୟତରେ ରିଲିଫ ତାତି

ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକ, ପରେ ଚାଉଳ ଓ ଟଙ୍କା ବଣ୍ଟନ

ହିଞ୍ଜିଳିକାଟୁ, (ସବ୍ୟୁ) : ବନ୍ୟା ବିପନ୍ନଙ୍କ ଲାଗି ରାଜ୍ୟ ସରକାର ପରିବାର ପିଛା ୫୦ କିଲୋ ଚାଉଳ ଏବଂ ୨୫୦୦ ଟଙ୍କା ରିଲିଫ ସହାୟତା ଘୋଷଣା କରିଛନ୍ତି । ଗଞ୍ଜାମ ଜିଲ୍ଲା ପ୍ରଶାସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହିଞ୍ଜିଳିକାଟୁ ବ୍ଲକର ବନ୍ୟା ପ୍ରଭାବିତ ଗ୍ରାମରେ ଆଗୁଆ ରିଲିଫ ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ହିଞ୍ଜିଳିକାଟୁ ବ୍ଲକ ବୁରୁପଡ଼ା ପଞ୍ଚାୟତର ନୂଆଁ ବୁରୁପଡ଼ା ଗ୍ରାମରେ ଚାଉଳ ଏବଂ ଟଙ୍କା ବଣ୍ଟନ କାର୍ଯ୍ୟକ୍ରମ ଶେଷ ହୋଇଛି। କିନ୍ତୁ ବୁରୁପଡ଼ା ଗ୍ରାମରେ ଚାଉଳ ଏବଂ ଟଙ୍କା ବଣ୍ଟନକୁ କେନ୍ଦ୍ର କରି ସୋମବାର ଗ୍ରାମବାସୀ ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଯୋଗାଣ ସହାୟକଙ୍କ ମନମାନୀ ଯୋଗୁଁ ଅସନ୍ତୁଷ୍ଟ ଗ୍ରାମବାସୀ ନିଆଁ ଜାଳି ଶେରଗଡ – ହିଞ୍ଜିଳିକାଟୁ ମୁଖ୍ୟରୁ ଅବରୋଧ କରି ପ୍ରବଳ ହୋ ହାଲ୍ଲା କରି ପ୍ରତିବାଦ କରିଥିଲେ। ରାଜ ରାସ୍ତାରେ ବସି ରିଲିଫ ବଣ୍ଟନରେ ପାତର ଅନ୍ତର ନୀତି ଓ ସରକାରଙ୍କ ଘୋଷଣା ଅନୁଯାୟୀ ରିଲିଫ ବଣ୍ଟନ କରିବା ପାଇଁ ଅଡ଼ି ବସିଥିଲେ।



ପରିସ୍ଥିତି ଏପରି ହୋଇଥିଲା ଯେ ଉତ୍ତ୍ୟକ୍ତ ଲୋକେ ପଞ୍ଚାୟତ କାର୍ଯ୍ୟାଳୟ ଭିତରକୁ ଧସେଇ ପଶିବାକୁ ଉଦ୍ୟମ କରିଥିଲେ। ଉତ୍ତ୍ୟକ୍ତ ଲୋକଙ୍କ ଆକ୍ରୋଶରୁ ବର୍ତ୍ତିବା ପାଇଁ ପଞ୍ଚାୟତ ନିର୍ବାହୀ ଅଧିକାରୀ କାର୍ଯ୍ୟାଳୟ କୋଠରୀରେ ରହିବାକୁ ବାଧ ହୋଇଥିଲେ। ଖବର ପାଇ ହିଞ୍ଜିଳି ଓ ଶେରଗଡ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ପରେ ତହସିଲଦାର, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ଓ ବ୍ଲକ କର୍ମଚାରୀ ଉତ୍ତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରିଥିଲେ। ରାସନ୍ କାର୍ଡ ଏବଂ ବନ୍ୟା ବିପନ୍ନଙ୍କୁ ଚାଉଳ ଏବଂ ନଗଦ ଟଙ୍କା ବଣ୍ଟନ ହେବ ବୋଲି ଅଧିକାରୀ ମାନେ ପ୍ରତିଶ୍ରୁତି ଦେଇଥିଲେ। ପରେ ଉତ୍ତ୍ୟକ୍ତ ଲୋକେ ଧାରଣାରୁ ହଟିବା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା । ଯୋଗାଣ ସହାୟକ ଜଣକ ହିଞ୍ଜିଳିକାଟୁ ବ୍ଲକ ଯୋଗାଣ ନିରୀକ୍ଷକଙ୍କ ନିର୍ଦ୍ଦେଶ ଅନୁସାରେ ଚାଉଳ ଏବଂ ଡିବିଟି ମାଧ୍ୟମରେ ଟଙ୍କା ପଠାଯିବ ବୋଲି କହିବା ସହ ନିଜେ ଗ୍ରାମରେ ଖୋଲିଥିବା ଦୋକାନରେ ଆବଶ୍ୟକ ପତ୍ର ପ୍ରସ୍ତୁତ କରିବା ପାଇଁ ଚାପ ପକାଇବା ଯୋଗୁଁ ଏଭଳି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା ବୋଲି ଜଣାପଡିଛି। ବ୍ଲକ ପ୍ରଶାସନ ପକ୍ଷରୁ ୧୦ ଜଣ କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ୬ ଜଣ ଯୋଗାଣ ସହାୟକଙ୍କୁ ନେଇ ଆବଶ୍ୟକ ରିଲିଫ ବଣ୍ଟନ ବ୍ୟବସ୍ଥା ଜାରୀ ରହିଥିବା ଜଣା ପଡ଼ିଛି ।

ଗୁଣି ସନ୍ଦେହରେ ବୃଦ୍ଧଙ୍କୁ ହତ୍ୟା ଘଟଣାରେ ଦୁଇ ଗିରଫ

ଭଞ୍ଜନଗର, (ସବ୍ୟୁ) : ଗତ ୫ ତାରିଖରେ ତାରାସିଂ ଥାନା ଅନ୍ତର୍ଗତ ବଦାଙ୍ଗି ଗ୍ରାମରେ ହୋଇଥିବା ହତ୍ୟାକାଣ୍ଡ ଘଟଣାରେ ଦୁଇଜଣଙ୍କୁ ଗିରଫ କରିଛି ପୋଲିସ। ଗୁଣି ସନ୍ଦେହରେ ଏହି ଗାଁର ଗୌଡ଼ ସାହିର ତ୍ରିନାଥ ଗୌଡ଼ (୮୦)ଙ୍କ ମୁଣ୍ଡରେ ସିମେଣ୍ଟ ପଥର ଛେଚି ହତ୍ୟା କରାଯାଇଥିଲା। ଏନେଇ ମୃତକଙ୍କ ପୁଅ ତାରସିଂ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତାରାସିଂ ଥାନାରେ କେସ୍ ନଂ ୪୪୨/୨୦୨୬ ବିଏନଏସ ଧାରା ୧୦୩(୧)/୩୩୨(ଏ) ଅନୁଯାୟୀ ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳ ଯାଞ୍ଚ କରିଥିଲେ। ତଦନ୍ତ ସମୟରେ ଜଣାପଡିଥିଲା, ମୃତ ବ୍ୟକ୍ତି ଜଣକ ପାରମ୍ପରିକ ଝାଡ଼ଫୁଙ୍କ କରୁଥିଲେ ଏବଂ ଗ୍ରାମର କିଛି ଲୋକ ତାଙ୍କୁ ଗୁଣି ଗାରେଡ଼ି କରୁଥିବା ସନ୍ଦେହ କରୁଥିଲେ। ଅଭିଯୁକ୍ତମାନଙ୍କ ମଧ୍ୟରୁ ଜଣଙ୍କର ଜ୍ୱର ଭଲ ହେଉନଥିଲା ଏବଂ ପରିବାରର ଅନ୍ୟ ସଦସ୍ୟମାନେ ମଧ୍ୟ ଅସୁସ୍ଥ ହୋଇ ପଡ଼ିଥିଲେ। ତେଣୁ ମୃତ ତ୍ରିନାଥ ତାଙ୍କ ପରିବାର ଉପରେ ଗୁଣି କରିଥିବା ସନ୍ଦେହ କରି ଘଟଣା ରାତିରେ, ଉକ୍ତ ଦୁଇ ଭାଇ ଘର ଭିତରକୁ ପଶି ବୃଦ୍ଧଙ୍କୁ ଟାଣି ଆଣି ବାରଣ୍ଡାରେ ପକାଇଥିଲେ। ସେଠାରେ ତାଙ୍କର ନିଜ ବାଡ଼ିରେ ପିଟିବା ସହ ମୁଣ୍ଡ ଓ ମୁହଁରେ ସିମେଣ୍ଟ ଖଣ୍ଡ ଆଘାତ କରିଥିଲେ। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ଏହାପରେ ଉଭୟ ଗ୍ରାମରୁ ଫେରାର ହୋଇ ଯାଇଥିଲେ । ଅଭିଯୁକ୍ତ ମାନେ ହେଲେ ଅଭିମନ୍ୟୁ ଗୌଡ଼ (୩୭) ଓ ସୁଶାନ୍ତ ଗୌଡ଼ ଓରଫ କାଳିଆ (୩୫)। ଉଭୟଙ୍କୁ ଗିରଫ କରି ଭଞ୍ଜନଗର କୋର୍ଟ ଚାଲାଣ କରାଯାଇଥିବା ନେଇ ଥାନାଧିକାରୀ ଶୁଭଲକ୍ଷ୍ମୀ ପୂଜାରୀ କହିଛନ୍ତି ।

ସ୍ତ୍ରୀଙ୍କୁ ଆକ୍ରମଣ ଅଭିଯୋଗରେ ସ୍ୱାମୀ ଗିରଫ

ବ୍ରହ୍ମପୁର, (ସବ୍ୟୁ) : ସ୍ତ୍ରୀଙ୍କୁ ଆକ୍ରମଣ ଅଭିଯୋଗରେ ତାଙ୍କ ସ୍ୱାମୀଙ୍କୁ ମହିଳା ଥାନା ପୋଲିସ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ କେ. ନୂଆଗାଁ ଥାନା ଅନ୍ତର୍ଗତ ଭୋଳାସିଂ ଗ୍ରାମର ସୁଶାନ୍ତ ମହାରଣା (୩୯)। ବର୍ତ୍ତମାନ ସେ ଗୋସାଣିନୂଆଗାଁ ପୁରୁଣା ଥାନା ନିକଟରେ ରହୁଛନ୍ତି । କେସ୍ ନଂ ୧୬୧/୨୬ରେ ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି । ଆକ୍ରମଣରେ ବ୍ୟବହୃତ ଲୁହା ଛଡ଼ ପୋଲିସ ଜବତ କରିଛି। ପ୍ରକାଶ ଯେ, ୨୦୧୭ ଏପ୍ରିଲ ୨୧ ରେ ଉକ୍ତ ସୁଶାନ୍ତ ଜଣେ ଯୁବତୀ ରୁପାଲୀ ମହାରଣାଙ୍କୁ ବିବାହ କରିଥିଲେ। କିଛିମାସ ପରେ ସେ ତାଙ୍କ ସ୍ତ୍ରୀ'ଙ୍କ ଚରିତ୍ରକୁ ସନ୍ଦେହ କରି ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ। ତାଙ୍କର ଦୁଇଟି ଛୁଆ ଅଛନ୍ତି। ଆଜି ସକାଳେ ସୁଶାନ୍ତ ଏକ ଲୁହା ରଡ଼ରେ ତାଙ୍କ ସ୍ତ୍ରୀ 'ଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ତାଙ୍କ ମୁଣ୍ଡ ଫାଟି ଯାଇଥିଲା। ନିକଟରେ ରହୁଥିବା ସମ୍ପର୍କୀୟଙ୍କ ସହାୟତାରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କ ମୁଣ୍ଡରେ ୭ ଗୋଟି ଷ୍ଟିଚ ପଡିଛି। ପରେ ସେ ଏନେଇ ମହିଳା ଥାନାକୁ ଆସି ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ସୁଶାନ୍ତ ମହାରଣାଙ୍କୁ ଗିରଫ କରିଥିଲା ବୋଲି କହିଛି ।

ବନ୍ୟା ବିପନ୍ନ ପିଲାଙ୍କୁ ସହାୟତା

୩ ସ୍କୁଲରେ ଖାତା, ପେନ ବାଣ୍ଟିଲେ ଏସ୍‌ପି

ଛତ୍ରପୁର, (ସବ୍ୟୁ) : ବନ୍ୟା ପାଣିରେ ଘରଭାଙ୍ଗିବା ସାଙ୍ଗକୁ ପିଲାଙ୍କ ବହି, ଖାତା ଓ ପାଠପଢ଼ା ସାମଗ୍ରୀ ସବୁକିଛି ନଷ୍ଟ ହୋଇଯାଇଥିଲା। ଏଭଳି ଏକ ଦୁଃସମୟରେ ବାଟବଣା ହୋଇଥିବା କୋମଳମତି ଶିଶୁମାନଙ୍କ ମୁହଁରେ ହସ ଫେରାଇ ଆଣିବା ପାଇଁ ଆଗେଇ ଆସିଛି ଗଞ୍ଜାମ ପୋଲିସ ଜିଲ୍ଲା। କେବଳ ଉଦ୍ଧାର କାର୍ଯ୍ୟ କିମ୍ବା ଆଇନ ଶୃଙ୍ଖଳା ରକ୍ଷା ନୁହେଁ, ବରଂ ବିପର୍ଯ୍ୟୟର ଏହି କଠିନ ପରିସ୍ଥିତିରେ ଜନସାଧାରଣଙ୍କ ପାଖରେ ଠିଆ ହୋଇ ଗଞ୍ଜାମ ପୋଲିସ ପ୍ରଶାସନ ଏକ ଅନନ୍ୟ ମାନବିକତାର ପରିଚୟ ଦେଇଛି। ନିଜେ ଏସପି ହରିଶ ବିଶି ପହଞ୍ଚି ବାଣ୍ଟିଲେ ପାଠ୍ୟପୋକରଣ । ବନ୍ୟା ପ୍ରଭାବିତ ଅଞ୍ଚଳର ପିଲାମାନଙ୍କ ପାଠପଢ଼ା ଯେପରି ବାଧାପ୍ରାପ୍ତ ନ ହୁଏ, ସେଥିପାଇଁ ଗଞ୍ଜାମ ଏସପି ବ୍ୟକ୍ତିଗତ ଭାବେ ଆଗଭର ହୋଇଥିଲେ। ଛତ୍ରପୁର ଥାନା ଅଧିନ ୩ଟି ପ୍ରମୁଖ ବନ୍ୟା ପ୍ରଭାବିତ ସ୍କୁଲରେ ପହଞ୍ଚି ସେଠାକାର ଛାତ୍ରଛାତ୍ରୀମାନଙ୍କୁ ନିଜ ହାତରେ ଖାତା, ପେନ୍ ଏବଂ ଅନ୍ୟାନ୍ୟ ଜରୁରୀ ପାଠ୍ୟପୋକରଣ ବଣ୍ଟନ କରିଛନ୍ତି। ସରଭୀମପୁର ସ୍କୁଲ, ପୋଟଲାମପୁର ସ୍କୁଲ ଓ ନୁଆଁପଲ୍ଲୀ ସ୍କୁଲ ରେ ଏହି ମହତ କାର୍ଯ୍ୟକ୍ରମ ଦେଖି କେବଳ ପିଲାମାନେ ନୁହେଁ, ବରଂ ସ୍ଥାନୀୟ ଅଞ୍ଚଳର ଅଭିଭାବକ ଓ ବୁଦ୍ଧିଜୀବୀମାନେ ମଧ୍ୟ ପୋଲିସ ପ୍ରଶାସନର ଏଭଳି କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଛନ୍ତି। କାର୍ଯ୍ୟକ୍ରମ ରେ ଛତ୍ରପୁର ଏସଡିପିଓ ଚନ୍ଦନ ଘଡ଼ାଇ, ଛତ୍ରପୁର ଥାନା ଅଧିକାରୀ ସବ୍ୟସାଚି ଓ ସ୍ଥାନୀୟ ଜନପ୍ରତିନିଧି ଆଗକୁ ମଧ୍ୟ ଏହି ପରି କାର୍ଯ୍ୟ ଜାରି ରହିବ ବୋଲି ଏସପି କହିଥିଲେ।

ମାନସିକ ସୁସ୍ଥତା ଓ ଚାପ ନିୟନ୍ତ୍ରଣ ନେଇ

ବାରିପଦା ସରକାରୀ ମହିଳା କଲେଜରେ କର୍ମଶାଳା

ବାରିପଦା, (ସବ୍ୟୁ): ସରକାରୀ ମହିଳା ମହାବିଦ୍ୟାଳୟ, ବାରିପଦାର ଶକ୍ତିଶ୍ରୀ ଶାଖା ପକ୍ଷରୁ ମାନସିକ ସୁସ୍ଥତାର ବିକାଶ ଉପରେ ଏକ ସଚେତନତାମୂଳକ କର୍ମଶାଳା ଆୟୋଜିତ ହୋଇଯାଇଛି। ମାନସିକ ସୁସ୍ଥତାର ବିକାଶ: ସମସ୍ୟା, ସମାଧାନ ଓ ନିରାକରଣ ଶୀର୍ଷକ ଏହି କର୍ମଶାଳାରେ ମାନସିକ ସ୍ୱାସ୍ଥ୍ୟ, ମାନସିକ ଚାପର କାରଣ ଓ ଏହାର ନିୟନ୍ତ୍ରଣ ସମ୍ପର୍କରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ନିଶା ନିବାରଣ କେନ୍ଦ୍ରର ସମାଜସେବୀ ସଞ୍ଜୟ କୁମାର ସାହୁ ଯୋଗଦେଇ ମାନସିକ ରୋଗ କିପରି ବ୍ୟକ୍ତିର ସାମାଜିକ ଜୀବନ ଓ ସ୍ଥିତିକୁ ପ୍ରଭାବିତ କରିଥାଏ, ସେ ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ଜିଲ୍ଲା ନିଶାମୁକ୍ତି କେନ୍ଦ୍ରର ମନୋବିଜ୍ଞାନୀ ଗୀତା ବେଶ୍ରା। ଯୁବକଯୁବତୀଙ୍କ ମଧ୍ୟରେ ବୃଦ୍ଧି ପାଉଥିବା ମାନସିକ ଚାପର କାରଣ ଓ ଏହାର ନିୟନ୍ତ୍ରଣ ଉପାୟ ସମ୍ପର୍କରେ ବୁଝାଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ଚନ୍ଦ୍ରକାନ୍ତ ଦାସ ସାମାଜିକ ଜୀବନରେ ମାନସିକ ସୁସ୍ଥତାର ଗୁରୁତ୍ୱ ଏବଂ ମାନସିକ ଚାପର ସଠିକ୍ ପରିଚାଳନା ଉପରେ ମତ ରଖିଥିଲେ। ପ୍ରାରମ୍ଭରେ ଭୂତତ୍ତ୍ୱ ବିଭାଗର ସହକାରୀ ପ୍ରଫେସର ଡ. ସୁନୀତା ପ୍ରଧାନ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିବା ବେଳେ ଶକ୍ତିଶ୍ରୀ ସଂଯୋଜିକା ସୁଶ୍ରୀ ସଙ୍ଗୀତା ପତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଶକ୍ତିଶ୍ରୀ ସାଥୀ ଶ୍ରଦ୍ଧା ସୁମନ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଶକ୍ତିଶ୍ରୀ ସଦସ୍ୟ ଡଃ ସ୍ମରଣିକା ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ନଭେମ୍ବର ୨୦ରୁ ବାରିପଦାରେ ରାଜ୍ୟସ୍ତରୀୟ ବିଦ୍ୟାଳୟ କବାଡି ପ୍ରତିଯୋଗିତା

ବାରିପଦା, (ସବ୍ୟୁ): ଆସନ୍ତା ନଭେମ୍ବର ୨୦ରୁ ୨୪ ତାରିଖ ପର୍ଯ୍ୟନ୍ତ ବାରିପଦାରେ ଅନୁଷ୍ଠିତ ହେବ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ କବାଡି ପ୍ରତିଯୋଗିତା। ଓଡ଼ିଶା ସରକାରଙ୍କ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଆନୁକୂଲ୍ୟରେ ଏବଂ ମୟୂରଭଞ୍ଜ ଶିକ୍ଷା ବିଭାଗର ସହଯୋଗରେ ୧୪ ଓ ୧୭ ବର୍ଷରୁ କମ୍ ବୟସର ଉଭୟ ବାଳକ ଓ ବାଳିକା ବିଭାଗରେ ଏହି ପ୍ରତିଯୋଗିତା ଆୟୋଜିତ ହେବ। ଏହାର ପ୍ରସ୍ତୁତି ନିମନ୍ତେ ସ୍ଥାନୀୟ ଏମ୍‌କେସି ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବିନୋଦ କୁମାର ସିଂ ଓ ଶଶିଧର ସିଂହ, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନ ରଞ୍ଜନ ଆଚାର୍ଯ୍ୟ, ଓଷ୍ଟା ଶିକ୍ଷକ ସଂଘର ସଭାପତି ଚିତ୍ତରଞ୍ଜନ ପଳତା ଓ ସମ୍ପାଦକ କିଶୋର କୁମାର ଆଚାର୍ଯ୍ୟ, ଜିଲ୍ଲା ଶାରୀରିକ ଶିକ୍ଷକ ସଂଘର ସମ୍ପାଦକ ସଞ୍ଜୟ କୁମାର ପ୍ରଧାନ ଏବଂ ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ପ୍ରମୁଖ ଯୋଗଦେଇ ପ୍ରତିଯୋଗିତାର ସଫଳ ଆୟୋଜନ ନେଇ ମତାମତ ରଖିଥିଲେ। ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାସନ୍ତୀ ଟୁଡୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ରାଜ୍ୟସ୍ତରୀୟ କ୍ରୀଡ଼ା ମହୋତ୍ସବରେ ରାଜ୍ୟର ୩୦ଟି ଜିଲ୍ଲା ସମେତ ଭୁବନେଶ୍ୱର କ୍ରୀଡ଼ା ଜିଲ୍ଲାରୁ ପ୍ରାୟ ୨ହଜାର ଛାତ୍ରଛାତ୍ରୀ ଓ ଶିକ୍ଷକ-ଶିକ୍ଷୟିତ୍ରୀ ଯୋଗଦେବେ। ପ୍ରତିଯୋଗିତାକୁ ଶାନ୍ତିଶୃଙ୍ଖଳା ଓ ସୂଚାରୁ ରୂପେ ସମ୍ପନ୍ନ କରିବା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ ସମସ୍ତ କମିଟିର ସଦସ୍ୟମାନଙ୍କୁ ଆବଶ୍ୟକୀୟ ପ୍ରସ୍ତୁତି ଓ ସମନ୍ୱୟ ରକ୍ଷା କରିବାକୁ ପରାମର୍ଶ ଦେଇଥିଲେ।

ଅର୍ଣ୍ଣବ ବିପନ୍ନଙ୍କ ସେବାକରି ବିଡିଓ ପ୍ରସଂଶିତ

ଧରାକୋଟ, (ସବ୍ୟୁ) : ନୂତନ ଭାବରେ ଧରାକୋଟ ବ୍ଲକରେ ବିଡିଓ ଭାବରେ ଯୋଗଦେବାର ୧୫ ଦିନ ପରେ ବ୍ଲକର ୧୮ ଗୋଟି ପଞ୍ଚାୟତରେ ତାଣ୍ଡବ ରଚିଲା ବାତ୍ୟା ଅର୍ଣ୍ଣବ । ଋଷିକୁଲ୍ୟା ନଦୀ ବନ୍ୟାରେ ବ୍ଲକର ଦଶଗୋଟି ପଞ୍ଚାୟତ ଏହି ପ୍ରଳୟଙ୍କରୀ ବନ୍ୟାରେ ବିଶେଷ ଭାବରେ ପ୍ରଭାବିତ ହୋଇଥିଲା । ବିଡିଓ ଭାବରେ ଧରାକୋଟ ବ୍ଲକରେ ମାତ୍ର ୧୫ ଦିନ ପୂର୍ବେ ଯୋଗ ଦେଇଥିଲେ ମଧ୍ୟ ଅତ୍ୟନ୍ତ ନିପୁଣ ଭାବେ ଟିମ ୱିରିଟ ପ୍ରୟୋଗକରି ବନ୍ୟା ମୁକାବିଲା, ବିପନ୍ନଙ୍କୁ ସେବା, ସହାୟତା ଓ ଆଗୁଆ ଥଇଥାନ ଓ ଉଦ୍ଧାର କାର୍ଯ୍ୟରେ ନିଜର ପ୍ରଭାବଶାଳୀ ଭୂମିକା ଉପଯୋଗ କରିଥିଲେ ବିଡିଓ ଲିପିନା ଦାସ । ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ସିଙ୍ଗିପୁର, ଜାହାଡା, ଜଗମୋହନ ପଞ୍ଚାୟତକୁ ଓଡ୍ରାଫ୍, ଏନଡିଆରଏଫ, ଦମକଳ ବାହିନୀ ସହଯୋଗରେ ବୋଟ ସାହାଯ୍ୟରେ ଋଷିକୁଲ୍ୟା ନଦୀ ପାର ହୋଇ ରିଲିଫ ସାମଗ୍ରୀ ନେଇ ପହଞ୍ଚିବା ସହ ବିପନ୍ନ ମାନଙ୍କୁ ଶୁଖିଲା ଖାଦ୍ୟ ପଦାର୍ଥ ବଣ୍ଟନ ସହ ଆଶ୍ରୟସ୍ଥଳୀ ଗୁଡିକରେ ରନ୍ଧା ଖାଦ୍ୟ ପହଞ୍ଚାଇବାର ଚ୍ୟାଲେଞ୍ଜ ନେଇ ପ୍ରକ୍ରିୟା ଆରମ୍ଭ କରିଥିଲେ । ବ୍ଲକର ସମସ୍ତ କର୍ମଚାରୀ,ପୋଲିସ,ଦମକଳ ବାହିନୀକୁ ସଜାଗ କରିବା ସହ ଜିରୋ କାଜୁଆଲିଟି ପାଇଁ ସମସ୍ତେ ଏକତ୍ରିତ ହୋଇ କାମ କରି ସଫଳତା ମଧ୍ୟ ହାସଲ କରିଥିଲେ। ୩୦ ରୁ ଅଧିକ ଆଶ୍ରୟ ସ୍ଥଳୀରେ ବିପନ୍ନ ମାନଙ୍କୁ ଋଷି ବନ୍ୟା ପାଣି କମିବା ପରେ ନିରାପଦ ଭାବରେ ସେମାନଙ୍କୁ ସ୍ୱଗୃହରେ ପହଞ୍ଚାଇ ଉପଯୁକ୍ତ କ୍ଷୟ କ୍ଷତି ଆକଳନ କରିବା ସହ ସେମାନଙ୍କୁ ସମାଜର ମୂଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଫଳରେ ଜିଲ୍ଲାପାଳ, ନୋଡାଲ ଅଧିକାରୀଙ୍କ ସମେତ ଉଚ୍ଚ ପ୍ରଶାସନିକ ଅଧିକାରୀ ମାନେ କ୍ଷତିଗ୍ରସ୍ତ ଅଞ୍ଚଳରେ ପହଞ୍ଚି ରିଲିଫ୍ କାର୍ଯ୍ୟ ତ୍ୱରାନ୍ୱିତ କରିବା ସହ ଭିତ୍ତିଭୂମି ସଜାଡ଼ିବା ପାଇଁ ତତ୍ପରତା ପ୍ରକାଶ କରିଥିଲେ। ଅସହାୟ ପରିବାର ମାନଙ୍କୁ ସରକାରଙ୍କ ଘୋଷଣା ଅନୁଯାୟୀ ରିଲିଫ ସହାୟତା ୫୦ କିଲୋ ଚାଉଳ, ୨୫୦୦ ଟଙ୍କା ଯେପରି ସୁବିଧାରେ ଓ ଶୀଘ୍ର ମିଳିବ



ସେଦିଗରେ ପଦକ୍ଷେପ ନେଇ ନିଜେ ରିଲିଫ ସହାୟତା କେନ୍ଦ୍ର ଗୁଡିକରେ ଉପସ୍ଥିତ ରହି ତଦାରଖ କରୁଥିବା ଦେଖିବାକୁ ମିଳିଛି। ଘଟଣା ସମ୍ପର୍କରେ ଆଲୋଚନା ବେଳେ ବାତ୍ୟା ଓ ବନ୍ୟା ପ୍ରଭାବିତ ଅଞ୍ଚଳର ଲୋକଙ୍କ ସହ ଠିଆହେବା ଓ ସେମାନଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ମୋର ପ୍ରାଥମିକତା । କେହି ବିପନ୍ନ ବ୍ୟକ୍ତି ଯେମିତି ଏଥିରୁ ବାଦ ନପଡ଼ନ୍ତି ସେଥିପ୍ରତି ଗୁରୁତ୍ୱ ଦିଆଯାଉଛି । ଯେଉଁଥିରେ ଜିଲ୍ଲା ପ୍ରଶାସନ ଆମକୁ ସକ୍ରିୟ ସହଯୋଗ ପ୍ରଦାନ କରୁଛନ୍ତି ବୋଲି ବିଡିଓ ପ୍ରକାଶ କରିଛନ୍ତି। ବାସ୍ତବରେ ମାତ୍ର ୨୫ ଦିନର କାର୍ଯ୍ୟ ଦିବସରେ ଏକ ପ୍ରାକୃତିକ ବିପର୍ଯ୍ୟୟକୁ ସଫଳତାର ସହ ସାମନା କରି ବିପନ୍ନଙ୍କୁ ଅସମୟରେ ସାହାଯ୍ୟ ଓ ସେବା ଯୋଗାଇ ସମଗ୍ର ବ୍ଲକରେ ବିଡିଓ ଲିପିନା ଦାସ ପ୍ରସଂଶିତ ହୋଇଛନ୍ତି ।

ବନ୍ୟା ବିପନ୍ନଙ୍କଉଦ୍ଦେଶ୍ୟରେ ଦୀପଦାନ

ବ୍ରହ୍ମପୁର, (ସବ୍ୟୁ) : ସ୍ଥାନୀୟ ଗୋସାଇଁ ନୂଆଗାଁ ଷ୍ଟେସନ ନିକଟ ଓଭର୍‌ବ୍ରିଜ୍ ଛକ ଠାରେ ଦୀପାବଳି ପାଳନ ଅବସରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ) ଜଗନ୍ନାଥ ଉପନଗର ବୀର ହନୁମାନ ପ୍ରଭାତ ଶାଖା ତରଫରୁ ବନ୍ୟା ବିପନ୍ନଙ୍କ ଉଦ୍ଦେଶ୍ୟରେ ଅଖଣ୍ଡ ଭାରତ ମାନଚିତ୍ର ମାଧ୍ୟମରେ ଭାରତ ମାତା ଚରଣରେ ଦୀପ ପ୍ରଜ୍ୱଳନ କରାଯାଇଥିଲା। ଗୋସାଇଁନୂଆଗାଁ ଥାନାର ଅଧିକାରୀ ଓ କର୍ମଚାରୀମାନେ ଦୀପ ଜାଳି ଏହାକୁ ଆରମ୍ଭ କରିଥିବା ବେଳେ ବହୁ ସ୍ୱୟଂସେବକ, ସ୍ଥାନୀୟ ବାସିନ୍ଦା ଦୀପ ଜାଳିଥିଲେ। ବନ୍ୟା ବିପନ୍ନଙ୍କୁ କିଭଳି ସେବା ଭାରତୀ ଜରିଆରେ ସ୍ୱୟଂ ସେବକ ମାନେ ସହାୟତା ପହଞ୍ଚାଯାଉଛି । ତାହାରି ଉପରେ ଆଲୋଚନା କରି ଥିଲେ। ପ୍ରତ୍ୟେକ ବ୍ୟକ୍ତି ଆର୍ଥିକ କିମ୍ବା ସାମଗ୍ରୀ ବାବଦରେ ଆହୁରି ଅଧିକ

ବାଟଜୋର ନାଳପୋଲ ନବୀକରଣ କାର୍ଯ୍ୟ ଅଟକିଛି

ଆଣ୍ଠୁଏ ପାଣିରେ ଯାତାୟତ କରୁଛନ୍ତି ଲୋକେ



ହିନ୍ଦୋଳ ,(ସବ୍ୟୁ) :ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ବାଉଁଶପୋଖରି ପଞ୍ଚାୟତ ଅନ୍ତର୍ଗତ ଡିହସାହି ଗ୍ରାମର ଏକ ପାର୍ଶ୍ୱରେ ରହିଥିବା ବାଟଜୋର ପୋଲ ନବିକରଣ କାର୍ଯ୍ୟ ପାଇଁ ବିଭାଗୀୟ ଟେଣ୍ଡର ପ୍ରକ୍ରିୟାରେ ବିଳମ୍ବ ଯୋଗୁଁ ଆରମ୍ଭ ହୋଇପାରୁ ନଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ । ରାଜ୍ୟ ସରକାରଙ୍କ ସେତୁ ବନ୍ଧ ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କାର୍ଯ୍ୟ ଅନୁମୋଦନ ମିଳିଥିବା ବେଳେ ଟେଣ୍ଡର ପ୍ରକ୍ରିୟାରେ ବିଳମ୍ବ ଯୋଗୁଁ ଏହା ଉପରେ ନବ ନିର୍ମିତ ପୋଲ କାର୍ଯ୍ୟ ଆରମ୍ଭ ହୋଇ ପାରୁ ନାହିଁ। ଉଲ୍ଲେଖଯୋଗ୍ୟ ଯେ ଡିହସାହି ଗ୍ରାମ ସମେତ ଆଖ ପାଖ ନୂଆକୋଟ, ବନ୍ଧା ଭୂଇଁ, କରାବିରା ଆଦି ଗ୍ରାମର ପ୍ରାୟ ୧୮୦୦ ଊର୍ଦ୍ଧ୍ୱ ଗ୍ରାମବାସୀ ଏହି ପୋଲ ଉପରେ ନିର୍ଭରକରି ଥାଆନ୍ତି। ଏତଦ ବ୍ୟତୀତ ୩/୪ ଗୋଟି ଗ୍ରାମର ସମସ୍ତ ସ୍କୁଲ ଛାତ୍ର ଛାତ୍ରୀ ଏହି ଗଡାପୋଲ ନାଳ ଉପରେ ବର୍ଷା ଦିନେ ବିପଦସଙ୍କୁଳ ଅବସ୍ଥାରେ ସ୍କୁଲକୁ ଯା ଆସ କରିଥାନ୍ତି। ବର୍ଷେ ନୁହେଁ ଦୁଇ ବର୍ଷ ନୁହେଁ ଦୀର୍ଘ ବର୍ଷ ଧରି ଏହି ଗଡାପୋଲ ନାଳ ଉକ୍ତ ଗ୍ରାମବାସିଙ୍କର ଜୀନ ଜୀବିକା ସହିତ ସମ୍ପୃକ୍ତ ରହିଛି। ସାରା ବ୍ଲକରେ ଅନେକ ପଞ୍ଚାୟତରେ ନାଳଗଡା ପୋଲ ଇତ୍ୟାଦିର ଉନ୍ନତିକରଣ ହୋଇପାରି ଥିବା ବେଳେ ଡିହସାହି ଗ୍ରାମ ସଂଲଗ୍ନ ଉକ୍ତ ନାଳ ପ୍ରତି ସରାକରଙ୍କ ବିଭାଗୀୟ ଅବହେଳା ପ୍ରତି ଗ୍ରାମବାସୀ ଅସନ୍ତୋଷ ପ୍ରକଟ କରିଛନ୍ତି ଖୁବ ଶୀଘ୍ର ଟେଣ୍ଡର ପ୍ରକ୍ରିୟାକୁ ତ୍ୱରାନିତ କରା ଯାଇ ସମସ୍ୟା ଗଡାପୋଲ ନାଳର ନିର୍ମାଣ କାର୍ଯ୍ୟ ଆଗେଇ ନେବାକୁ ମିଳିତ ଗ୍ରାମବାସି ମାନେ ସରାକାରଙ୍କ ନିକଟରେ ଦାବୀ ରଖିଛନ୍ତି।

ଜିଲ୍ଲାସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମ

ଅନୁଗୋଳ, (ସବ୍ୟୁ) : ଆଜି ଜିଲ୍ଲାପାଳ ଅବଦାଲ ମୁହମ୍ମଦ ଅଖତରଙ୍କ ଅଧକ୍ଷତାରେ ପବିତ୍ର ମୋହନ ସଭାଗୃହ, କଣିହାଁ ଠାରେ ଜିଲ୍ଲା ସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜନଶୁଣାଣି ଶିବିରରେ ସମୁଦାୟ ୬୫ଟି ଅଭିଯୋଗ କରାଯାଇଥିଲା । ସେଥିମଧ୍ୟରୁ ୫୩ଟି ବ୍ୟକ୍ତିଗତ ଓ ୧୨ଟି ଗ୍ରାମ୍ୟଭିତ୍ତକ ଅଭିଯୋଗର ଶୁଣାଣି ହୋଇଥିବାବେଳେ ୯ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା । ୪ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୨୨ ହଜାର ୫୦୦ ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ତାଳଚେର ଉପଜିଲ୍ଲାପାଳ ପ୍ରଜ୍ଞାନନ୍ଦନ ଗିରି, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ. ଦିଲ୍ଲିପ କୁମାର ପଟ୍ଟନାୟକ, ତାଳଚେର ଆଂଚଳିକ ପରିବହନ ଅଧିକାରୀ ନିଖିଳ କୁମାର ପଟ୍ଟନାୟକ ,କଣିହାଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତ୍ରିବିକ୍ରମ କୁମୁରା, କଣିହାଁ ତହସିଲଦାର ପ୍ରଣବ ରଞ୍ଜନ ସାହୁ, ଆସିଷ୍ଟାଣ୍ଟ କଲେକ୍ଟର ସଞ୍ଜୟ କୁମାର ଭୋଇ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ମଧୁସ୍ମିତା ନନ୍ଦ, ଜିଲ୍ଲା ମଙ୍ଗଳ ଅଧିକାରୀ ଦିଲ୍ଲୀପ କୁମାର ମିଶ୍ର, ଜିଲ୍ଲା ଯୋଗାଣ ଅଧୋକାରୀ ଶ୍ରୀନିବାସ ସାହୁ, ମୁଖ୍ୟ ଜିଲ୍ଲା କୃଷି ଅଧୋକାରୀ ଦିବ୍ୟ ସ୍ୱରୂପ ପଣ୍ଡା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ଶତପଥ, ଉପ– ନିର୍ଦ୍ଦେଶକ ଉଦ୍ୟାନ ଅୟର ଲୁଗୁନ, ଜିଲ୍ଲା ମୁଖ୍ୟପ୍ରାଣୀ ଚିକିତ୍ସାଅଧିକାରୀଡ. ସତ୍ୟ ନାରାୟଣ ସାହୁଙ୍କ ସମେତ ବିଭିନ୍ନ ଜିଲ୍ଲା ସ୍ତରୀୟ ଓ ବ୍ଲକ ସ୍ତରୀୟ ଅଧୀକାରୀମାନେ ଯୋଗ ଦେଇଥିଲେ । ଏହି ଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମିଜମା ସମ୍ବନ୍ଧୀୟ, ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ । ସେହିପରି ଜିଲ୍ଲା କାର୍ଯ୍ୟାଳୟ, ଅନୁଗୋଳ ଠାରେ ଅତିରିକ୍ତ ଜିଲ୍ଲାପାଳ ମାୟାଧର ବେହେରାଙ୍କ ଅଧକ୍ଷତାରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଜନଶୁଣାଣିରେ ୨୭ଟି ଅଭିଯୋଗର ଶୁଣାଣି କରାଯାଇଥିଲା।

କୁତୁଲସିଙ୍ଗା ଉପ୍ରା ବିଦ୍ୟାଳୟରେ ବିଜ୍ଞାନ ଓ ଗଣିତ ମେଳା

ଆଠମଲ୍ଲିକ,(ସବ୍ୟୁ) : ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ଜାମୁଡୋଲୀ ପଞ୍ଚାୟତ ରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କୁତୁଲସିଙ୍ଗା ସ୍କୁଲ ପରିସରରେ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ଓ ଗଣିତ ମେଳା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଶ୍ରୀପତି ପ୍ରଧାନ ଯୋଗ ଦେଇ ଉଦଘାଟନ କରିଥିଲେ । ଶିକ୍ଷକ ମନୋରଞ୍ଜନ ଜେନା ବିଚାରକ ଭାବରେ ଯୋଗ ଦେଇ ସମସ୍ତ ପ୍ରକଳ୍ପ ମୂଲ୍ୟାୟନ କରିଥିଲେ । ଏହି ମେଳା ର ଲିୟଡିହ, ନଳେସୱର, କରଡ଼ାସିଂ, ଜାମୁଡୋଲୀ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ । ମେଳାରେ ୨୪ ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପ୍ରଧାନଶିକ୍ଷକ ଛବିନାରାୟଣ ସିଠ, ସହକାରୀ ଶିକ୍ଷକ ଜ୍ଞାନରଞ୍ଜନ ଜେନା, ସ୍କୁଲ ପରିଚାଳନା କମିଟି ସଭାପତି ଅଖଣ୍ଡ ସାହୁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

ମାଙ୍କଡ଼ ଆତଙ୍କ : ଛାତରୁ ଖସି ଯୁବକ ମୃତ

ଠାକୁରଗଡ଼ ,(ସବ୍ୟୁ) : କିଶୋରନଗର ବ୍ଲକ ହଣ୍ଡପା ଥାନା ବଇଣ୍ଡା ର ମା ମଙ୍ଗଳା ସାହି ରେ କିଛି ଦିନ ହେବ ମାଙ୍କଡ଼ ଉପଦ୍ରବ ହୋଇଛି । ହନୁ ମାଙ୍କଡ଼ ଙ୍କର ଆକ୍ରମଣ ରେ ଛାତରୁ ପଡି ସେହି ଗ୍ରାମର ସୁରେଶ ଚନ୍ଦ୍ର ସାହୁ ଜଣେ ଯୁବକଙ୍କର ରବିବାର ମୃତ୍ୟୁ ହୋଇଛି। ସୁରେଶ ତାଙ୍କ ଛାତ ଉପରେ ବସି କିଛି ଫଳ ଖାଉଥିବା ବେଳେ ୩ ଟି ହନୁ ମାଙ୍କଡ଼ ଆସି ତାଙ୍କୁ ଖାଦ୍ୟ ପାଇଁ ଆକ୍ରମଣ କରିଥିଲେ । ହନୁ ମାଙ୍କଡ଼ ଙ୍କର ଆକ୍ରମଣ ରେ ସୁରେଶ ଛାତ ରୁ ଖସି ପଡିଥିଲେ । ଫଳରେ ସୁରେଶ ଗୁରୁତର ହୋଇ ପଡ଼ିଥିଲେ । ତାଙ୍କୁ ଗୁରୁତର ଅବସ୍ଥାରେ ତାଙ୍କ ପରିବାର ଲୋକେ ଉଦ୍ଧାର କରି ଚିକିତ୍ସା ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ତାଙ୍କର ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି।

ଦକ୍ଷିଣକାଳୀ ମନ୍ଦିରରେ ଭକ୍ତିମୟ ପରିବେଶ

ବିଧିବିଧାନ ଅନୁସାରେ ପାଳିତ ହେଲା ମା'ଙ୍କ ପୂଜା



ଢେଙ୍କାନାଳ,(ସବ୍ୟୁ) :ଢେଙ୍କାନାଳ ସହରର ଦକ୍ଷିଣକାଳୀ ରୋଡ୍ ସ୍ଥିତ ମା' ଦକ୍ଷିଣକାଳୀଙ୍କ ମନ୍ଦିରରେ ମହାଆଡ଼ମ୍ବର ଓ ଭକ୍ତିମୟ ପରିବେଶ ମଧରେ ପାଳିତ ହୋଇଯାଇଛି ପବିତ୍ର କାଳୀପୂଜା। ଏହି ଅବସରରେ ପ୍ରାତଃରୁ ମା'ଙ୍କର ମଙ୍ଗଳ ଆଳତି ଓ ମହାସ୍ନାନ ନୀତି ସମ୍ପନ୍ନ ହୋଇଥିଲା। ପରେ ମା'ଙ୍କୁ ନୂତନ ବସ୍ତ୍ର ପରିଧାନ କରାଯିବା ସହ ବିଭିନ୍ନ ପ୍ରକାରର ପୁଷ୍ପମାଲ୍ୟରେ ସୁସଜ୍ଜିତ କରାଯାଇଥିଲା। ଏଥିସହ ମା'ଙ୍କ ନିକଟରେ ବିଭିନ୍ନ ପ୍ରକାରର ଭୋଗ ଲାଗି କରାଯାଇଥିଲା। ମଧ୍ୟାହ୍ନରେ ଅନ୍ନଧୂପ ଓ ସନ୍ଧ୍ୟାରେ ଆଳତି ନୀତି ସମ୍ପନ୍ନ ହୋଇଥିଲା। ସେହିପରି ରାତ୍ରିରେ କଳସ ପୂଜା, ମଣ୍ଡଳ ପୂଜା, ଷୋଡ଼ଶ ଉପଚାର ପୂଜା ସହ ଚଣ୍ଡୀପାଠ ଓ ସପ୍ତଚଣ୍ଡୀ ଯଜ୍ଞରେ ଆହୁତି ପ୍ରଦାନ କରାଯାଇଥିଲା। ମା'ଙ୍କ ନିକଟରେ ମିଷ୍ଟାନ୍ନ ଭୋଗ ମଧ ଅର୍ପଣ କରାଯାଉଛି। ମନ୍ଦିରର ପୂଜକ ବୁଲୁ ବାବାଙ୍କ ତତ୍ତ୍ୱାବଧାନରେ ସମସ୍ତ ପୂଜାନୀତି ଓ ଧାର୍ମିକ ବିଧିବିଧାନ ସମ୍ପନ୍ନ ହୋଇଥିଲା। ଏହି ପବିତ୍ର ଅବସରରେ ମା'ଙ୍କ ଦର୍ଶନ ପାଇଁ ମନ୍ଦିରରେ ଭକ୍ତମାନଙ୍କ ଭିଡ଼ ଜମିଥିବା ବେଳେ ମା'ଙ୍କ ଦର୍ଶନ କରି ଭକ୍ତମାନେ ଆଶୀର୍ବାଦ ଲାଭ କରିଥିଲେ।

ରୋଗୀ କଲ୍ୟାଣ ସମିତି ବୈଠକରେ ଉନ୍ନୟନମୂଳକ କାର୍ଯ୍ୟକୁ ଗୁରୁତ୍ୱ

ପାଳଲହଡ଼ା,(ସବ୍ୟୁ):ପାଳଲହଡ଼ା ଉପଖଣ୍ଡ ଚିକିତ୍ସାଳୟର ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ସହ ରୋଗୀମାନଙ୍କୁ ଉନ୍ନତମାନର ଚିକିତ୍ସା ସୁବିଧା ଯୋଗାଇଦେବା ଲକ୍ଷ୍ୟରେ ପାଳଲହଡା ମେଡିକାଲ ପରିସରରେ ଉପଖଣ୍ଡ ଚିକିତ୍ସା ଅଧିକାରୀ ବିଶ୍ୱନାଥ ମୁର୍ମୁଙ୍କ ଅଧକ୍ଷତାରେ ଏକ ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ପାଳଲହଡ଼ା ବିଧାୟକ ତଥା ଅନୁଗୋଳ ଜିଲ୍ଲା ଯୋଜନା କମିଟିର ଅଧକ୍ଷ ଅଶୋକ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚିକିତ୍ସାଳୟର ବିଭିନ୍ନ ସମସ୍ୟା, ଭିତ୍ତିଭୂମିର ବିକାଶ ଏବଂ ରୋଗୀମାନଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ।ବୈଠକରେ ଚିକିତ୍ସାଳୟରେ ଉପଲବ୍ଧ ଥିବା ସୁବିଧାସୁଯୋଗର ସମୀକ୍ଷା କରିବା ସହ ରୋଗୀମାନେ ଯେପରି କୌଣସି ପ୍ରକାର ଅସୁବିଧାର ସମ୍ମୁଖୀନ ନହେବେ, ସେଥିପ୍ରତି ବିଶେଷ ଧ୍ୟାନ ଦେବାକୁ ବିଧାୟକ ଗୁରୁତ୍ୱାରୋପ କରିଥିଲେ। ଏଥିସହ ମେଡିକାଲରେ ଆବଶ୍ୟକ ଉନ୍ନୟନମୂଳକ କାର୍ଯ୍ୟ, ରୋଗୀଙ୍କ ସୁବିଧା ଏବଂ ଚିକିତ୍ସାଳୟର ସେବା ବ୍ୟବସ୍ଥାକୁ ଅଧିକ ଲୋକାଭିମୁଖୀ କରିବା ନେଇ ଆଲୋଚନା ହୋଇଥିଲା।ଏହି ଅବସରରେ ରୋଗୀ ଓ ସେମାନଙ୍କ ପରିବାରବର୍ଗଙ୍କ ସମ୍ମୁଖୀନ ହେଉଥିବା ଅସୁବିଧାକୁ ଦୃଷ୍ଟିରେ ରଖି ପାଳଲହଡ଼ା ମେଡିକାଲକୁ ଏକ ଶବବାହକ ଗାଡ଼ି ପ୍ରଦାନ କରିବାକୁ ବିଧାୟକ ଅଶୋକ ମହାନ୍ତି ଘୋଷଣା କରିଥିଲେ।ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲ, ସ୍ଥାନୀୟ ପଞ୍ଚାୟତ ସମିତି ଅଧକ୍ଷା ରୀନାରାଣୀ ନାଏକ , ସ୍ଥାନୀୟ ତହସିଲଦାର ଆକାଂକ୍ଷା ମହାପାତ୍ର, ରୋଗୀ କଲ୍ୟାଣ ସମିତିର ସଦସ୍ୟ ଶଶିଭୂଷଣ ଆଚାର୍ଯ୍ୟ, ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ଲିଙ୍ଗରାଜ ଦାସ, ବରିଷ୍ଠ ଆଇନଜୀବୀ ତନ୍ମୟ ସାହୁ, ଧର୍ମେନ୍ଦ୍ର ସାହୁ, କୃଷ୍ଣ କୁମାର ବୋଷ ଏବଂ ପାଳଲହଡ଼ା ବିଜେପି ମଣ୍ଡଳ ସଭାପତି ଆଶିଷ ସାମଲଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ ଓ ସମ୍ପୃକ୍ତ ଅଧିକାରୀମାନେ ଉପସ୍ଥିତ ଥିଲେ।

ଜିଲ୍ଲାରେ ହାତୀ,ବାରହା ଓ ମାଙ୍କଡ ଉପଦ୍ରବ : ୧୩ରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ

ଢେଙ୍କାନାଳ,(ସବ୍ୟୁ) : ଢେଙ୍କାନାଳ ଜିଲ୍ଲାରେ ଦିନକୁ ଦିନ ହାତୀ, ମାଙ୍କଡ଼ ଓ ବାରହା ଉପଦ୍ରବ ବୃଦ୍ଧି ପାଇବାରେ ଲାଗିଛି। ଏହାର ସ୍ଥାୟୀ ସମାଧାନ ପାଇଁ ଆସନ୍ତା ୧୩ ତାରିଖଶୁକ୍ରବାର ଦିନ ନବନିର୍ମାଣ କୃଷକ ସଙ୍ଗଠନ ତରଫରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବା ନିଷ୍ପତି ହୋଇଛି। ଢେଙ୍କାନାଳ ଜିଲ୍ଲାରେ ହାତୀ, ମାଙ୍କଡ଼ ଓ ବାରହାଙ୍କ ଉପଦ୍ରବରେ ଜିଲ୍ଲାର ଚାଷୀ ଓ ସାଧାରଣ ଲୋକ ଅତିଷ୍ଠ ହୋଇପଡିଛନ୍ତି। ଫସଲ ନଷ୍ଟ ସହ ଜନଜୀବନ ଓ ଧନଜୀବନ ପ୍ରତି ବିପଦ ସୃଷ୍ଟି ହେଉଥିବାରୁ ଏହାର ସ୍ଥାୟୀ ସମାଧାନ ଦାବିରେ ଆସନ୍ତା ନଭେମ୍ବର ୧୩ ତାରିଖରେ ଢେଙ୍କାନାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବା ପାଇଁ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଘୋଷଣା କରାଯାଇଛି।ଆଜି ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଢେଙ୍କାନାଳ ଜିଲ୍ଲାସ୍ତରୀୟ କାର୍ଯ୍ୟକାରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପ୍ରଭାରୀ ଅଶ୍ୱିନୀ ଜେନାଙ୍କ ନେତୃତ୍ୱରେ ଆୟୋଜିତ ଏହି ବୈଠକରେ ନବନିର୍ମାଣ କୃଷକ ସଂଗଠନ ଓ ନବନିର୍ମାଣ ଯୁବଛାତ୍ର ସଂଗଠନର ପ୍ରତିଷ୍ଠାତା ଅକ୍ଷୟ କୁମାର ,ରାଜ୍ୟ ସଂଯୋଜକ ରଶ୍ମି ରଞ୍ଜନ ସ୍ୱାଇଁ ,ଯୁବଛାତ୍ର ସଂଗଠନର ରାଜ୍ୟ ସଂଯୋଜକ ମନଓ୍ୱର ଅଲ୍ଲୀ ଯୋଗଦେଇଥିଲେ।ବୈଠକରେ ଶ୍ରୀ କୁମାର ଚାଷୀ, ଯୁବକ ଓ ମହିଳାମାନଙ୍କୁ ସମ୍ବୋଧିତ କରି କହିଥିଲେ ଯେ, ବନ୍ୟଜନ୍ତୁଙ୍କ ଉପଦ୍ରବ ଯୋଗୁଁ ଚାଷୀଙ୍କ ବର୍ଷକର ପରିଶ୍ରମ ନଷ୍ଟ ହେଉଛି। ହାତୀ, ମାଙ୍କଡ଼ ଓ ବାରହାଙ୍କ ଆକ୍ରମଣ ଏବଂ ଫସଲ ନଷ୍ଟ ଘଟଣା ବୃଦ୍ଧି ପାଉଥିବା ସତ୍ୱେ ଏହାର ସ୍ଥାୟୀ ପ୍ରତିକାର ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯାଉନାହିଁ। ତେଣୁ ଚାଷୀଙ୍କ ସୁରକ୍ଷା, ଫସଲ କ୍ଷତିର ଉପଯୁକ୍ତ କ୍ଷତିପୂରଣ ଏବଂ ବନ୍ୟଜନ୍ତୁ ଉପଦ୍ରବ ରୋକିବା ପାଇଁ ପ୍ରଶାସନ ତୁରନ୍ତପଦକ୍ଷେପ ନେବା ଆବଶ୍ୟକ। ବୈଠକରେ ମହିଳା ସଂଯୋଜିକା ମଧୁମିତା ସାମଲ ,ଜିଲ୍ଲା ସଭାପତି ପ୍ରହଲ୍ଲାଦ ସାହୁ , ସଂଯୋଜକ ଚନ୍ଦ୍ରଶେଖର ବରାଳ,ରାଜଯ କମିଟି ସଭଯ ପ୍ରସନ୍ନ କୁଅଁର , ପୁରୀ ଜିଲ୍ଲା ପ୍ରଭାରୀ ଦୁର୍ଗା ପ୍ରସାଦ ସ୍ୱାଇଁ,ଜିଲ୍ଲା ସହ ସଂଯୋଜକ ସୁଧାକର ପରିଡ଼ା, କେନ୍ଦ୍ରାପଡ଼ା ସଂଯୋଜକ ଅକ୍ଷୁର ପଲେଇ,ସୁରେନ୍ଦ୍ର ମହାରଣା, ନିରଞ୍ଜନ ପ୍ରଧାନ, ଗଣେଶ ବେହେରା, ଲୁଲଫତ ଅଲ୍ଲୀ,ରଥ ସେଠୀ ,ଦୁଷ୍ମନ୍ତ ଗଡ଼ନାୟକ,ଜିଲ୍ଲା ମହିଳା ନେତ୍ରୀ ବାସନ୍ତୀ ସ୍ୱାଇଁ , ଉର୍ବଶୀ ପଣ୍ଡା , ଟିକିଲି ପଣ୍ଡା,ନରହରି ନାୟକ,ଶ୍ରୀନିବାସ ବିଶ୍ୱାଳ,ଜଗବନ୍ଧୁ ସାହୁ, ଚନ୍ଦ୍ରମଣି ସାହୁ,ଗନ୍ଧର୍ବ ସାହୁ, ପ୍ରମୋଦ ସାହୁ, ନିରଞ୍ଜନ ନାୟକ,ରଘୁନାଥ ସିଂ,ବିଶ୍ୱନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

କଳା ଓ ସଂସ୍କୃତିର ବିକାଶ ନେଇ କଳାକାର ଭବନରେ ସାଂସଦ



ଅନୁଗୋଳ, (ସବ୍ୟୁ) : ଢେଙ୍କାନାଳର ସାଂସଦ ବ୍ରୁଦ୍ ନାରାୟଣ ପାଣି ଶନିବାର ପୂର୍ବାହ୍ନରେଅନୁଗୋଳର ଅଗ୍ରଣୀ ସେବା ଓ ସାଂସ୍କୃତିକ ଅନୁଷ୍ଠାନର ନବନିର୍ମିତ କଳାକାର ଭବନ ପରିଦର୍ଶନ କରିଥିଲେ। ଏହି ଅବସରରେ ସେ 'କଳାକାର ଭବନ'ର ବିଭିନ୍ନ ସୁବିଧା ସୁଯୋଗ ଓ ଭିତ୍ତିଭୂମି ସମ୍ପର୍କରେ ଅବଗତ ହୋଇଥିଲେ।ପରିଦର୍ଶନ ସମୟରେ ସାଂସଦ ଶ୍ରୀ ପାଣି କଳାକାର ସଦସ୍ୟମାନଙ୍କ ସହ ଆଲୋଚନା କରିବା ସହ ସେମାନଙ୍କ ସମସ୍ୟା, ଆବଶ୍ୟକତା ଓ କଳା–ସଂସ୍କୃତିର ବିକାଶ ସମ୍ପର୍କରେ ମତ ବିନିମୟ କରିଥିଲେ। ଅଞ୍ଚଳର କଳା, ସଂସ୍କୃତି ଓ ପରମ୍ପରାର ସୁରକ୍ଷା ସହ କଳାକାରମାନଙ୍କ ପ୍ରତିଭାର ବିକାଶ ପାଇଁ କଳାକାର ଭବନର ଗୁରୁତ୍ୱ ରହିଛି ବୋଲି ସେ ମତବ୍ୟକ୍ତ କରିଥିଲେ। ପ୍ରକାଶ ଥାଉକି ସାଂସଦ ଓ ସ୍ଥାନୀୟ ବିଧାୟକ ଶ୍ରୀ ପ୍ରତାପ ଚନ୍ଦ୍ର ପ୍ରଧାନ ଙ୍କ ପ୍ରଦତ୍ତ ଉର୍ଦ୍ଧ୍ୟନ ପାଣ୍ଠି ସହଯୋଗରେ ନୂତନ କଳାକାର ଭବନନିର୍ମାଣାଧୀନ ଅଛି ଓ ଯଥାଶୀଘ୍ର ସମ୍ଭବ ସପୂର୍ଣ କରିବା ଦିଗରେ ଚେଷ୍ଟାରତ ଅଛନ୍ତି ।ସାଂସଦଙ୍କ ଏହି ପରିଦର୍ଶନ ସମୟରେ'କଳାକାର' ର ସଭାପତି ବୀରେନ୍ଦ୍ର ପ୍ରଧାନ, ସଂପାଦକ ବିଦେଶୀ ନାଏକ, ସହସଂପାଦକ ଦୀପାନଶୁ ବରାଳ, ଲୋକ ସଂପର୍କ ସଂପାଦକ ନିରୋଦ କୁମାର ସାହୁ, କୋଷାଧକ୍ଷ ରୁଚିର ବରାଳ, ବରିଷ୍ଠ ସଦସ୍ୟ ପ୍ରଫୁଲ୍ଲ ଦାସ, ଦିଲେଶର ପ୍ରଧାନ, ଅଭୟ ତ୍ରିପାଠୀ, ପୂର୍ବତନ ନଗରପାଳ ଭକ୍ତି ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

ପ୍ରେସ ଦିବସ ଉପଲକ୍ଷେ ପ୍ରସ୍ତୁତି ବୈଠକ

ଚାଇଁପାଳ(ସବ୍ୟୁ) ତାଳଚେର ୱାର୍କିଂ ଜର୍ଣ୍ଣାଲିଷ୍ଟ ଆସୋସିଏସନ ପକ୍ଷରୁ ବିଗତ ବର୍ଷ ଗୁଡିକ ଭଳି ଚଳିତ ବର୍ଷ ମଧ୍ୟ ଜାତୀୟ ପ୍ରେସ ଦିବସ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ସଭାଘର ଠାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା ବେଳେ ସଂଘର ସଭାପତି ମଦନ ମୋହନ ସାହୁ ସଭାପତିତ୍ୱ କରିଥିଲେ । ପ୍ରତିବର୍ଷ ଭଳି ଚଳିତ ବର୍ଷ ଅନେକ ଗୁଡ଼ିଏ ସଚେତନତା କାର୍ଯ୍ୟକ୍ରମ ସଂଘ ପକ୍ଷରୁ କରାଯିବା ନେଇ ବୈଠକରେ ଆଲୋଚନା ହୋଇଥିଲା । ରକ୍ତଦାନ ଶିବିର , ସ୍ୱାସ୍ଥ୍ୟଶିବିର , ରଙ୍ଗୋଲି କାର୍ଯ୍ୟକ୍ରମ ବୃକ୍ଷ ରୋପଣ ଆଦି କାର୍ଯ୍ୟକ୍ରମ କରାଯିବା ନେଇ ଆଲୋଚନା ହୋଇଥିଲା । ଶିକ୍ଷା , ସ୍ୱାସ୍ଥ୍ୟ , ସାମାଜିକ କ୍ଷେତ୍ରରେ ନିଜର ଦକ୍ଷତା ବିକାଶ କରି ସମାଜର ଉନ୍ନତି ଦିଗରେ କାର୍ଯ୍ୟ କରୁଥିବା ୧୦ ଜଣ ବିଶେଷ ବ୍ୟକ୍ତିତ୍ୱଙ୍କୁ ନଭେମ୍ବର ୧୬ ତାରିଖ ଦିନ ମଞ୍ଚରେ ସମ୍ମାନିତ କରାଯିବ । ସାମ୍ବାଦିକ ମାନଙ୍କୁ ଦିଗଦର୍ଶନ ଦେବାପାଇଁ ବିଶିଷ୍ଟ ଅତିଥି ମାନଙ୍କୁ ନିମନ୍ତ୍ରଣ କରାଯିବା , ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି କରିବା ନେଇ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ସୌଭାଗ୍ୟ ଚନ୍ଦ୍ର ନାୟକ , ଉପସଭାପତି ଅଜୟ ନାୟକ , ଉପଦେଷ୍ଟା ଧୀର ମୋହନ ରାୟ , ସହସଂପାଦକ ଦୁର୍

ବେଦମତା, ମହାକାଳୀ ବେଶରେ ପୂଜା ପାଇଲେ ମା'ଭଦ୍ରକାଳୀ

ଭଦ୍ରକ,(ସବ୍ୟୁ) :ପରମ ବୈଷ୍ଣବୀ ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ମା'ଭଦ୍ରକାଳୀ ରବିବାର ବେଦମାତା ଓ ସୋମବାର ମହାକାଳୀ ବେଶରେ ପୂଜା ପାଇଛନ୍ତି। ଚଳିତ ବର୍ଷ ମହାଯଜ୍ଞର ପଚିଶି ବର୍ଷ ପୂର୍ତ୍ତୀ ଉପଲକ୍ଷେ ରୌପ୍ୟ ଜୟନ୍ତୀ ପାଳନ କରାଯାଉଛି। ପୀଠରେ ପ୍ରଦର୍ଶନ ହେଉଛି ପବିତ୍ର ଶିବ ରତ୍ନ ମଣି ଓ ଅତି ଦୁର୍ଲ୍ଲଭ ଗୋମତୀ ଚକ୍ର। ରବି ବାର ସକାଳୁ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତ ପବିତ୍ର ସାଳନ୍ଦୀ ନଦୀରୁ ଘଟରେ ଜଳ ଆଣି କଳସ ମଣ୍ଡପରେ ଘଟ ସ୍ଥାପନ କରିଥିଲେ। କଳସ ଶୋଭା ଯାତ୍ରାରେ ଭକ୍ତମାନେ ପୀଠକୁ ଫେରିବା ପରେ ମନ୍ଦିର ଶିଖରରୁ ବିହଙ୍ଗ ଛଡାଯାଇଥିଲା। ବିହଙ୍ଗ ମହାଯଜ୍ଞ ବାର୍ତ୍ତା ବାହକ ରୁପେ ଶସ୍ତ୍ରୀୟ ନୀତି ଓ ଶ୍ଲୋକ ପାଠ କରି ଛଡାଯାଇଥିଲା। ପୀଠରେ ପଂଚ ଦେବତା ପୂଜା,ସୂର୍ଯଯ ପୂଜା ଓ ଗୁରୁ ପୂଜା ପରେ ଆରମ୍ଭ ହୋଇଥିଲା ମହାଯଜ୍ଞ। ମାନସିକ ଧାରୀ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତମାନଙ୍କୁ ମନ୍ଦିର ପ୍ରଶାସନ ତରଫରୁ ପ୍ରସାଦବଣ୍ଟନ କରାଯାଇଥିଲା। ଭଦ୍ରକବିଧାୟକ ସୀତାଂଶୁ ଶେଖର ମହାପାତ୍ର ଭକ୍ତମାନଙ୍କ ସହିତ କଳସ ଶୋଭାଯାତ୍ରାରେ ଯୋଗ ଦାନ କରିଥିଲେ। ମହାଯଜ୍ଞରେ ଚଳିତ ବର୍ଷ ମାଙ୍କୁ ଦୁଇ ଥର ବେଶ କରାଯାଉଛି। ସକାଳୁ ଆଭୂଷଣରେ



ମା ସଜେଇ ହେଉଥିଲାବେଳେ ଅପରାହ୍ନରେ ମାଙ୍କର ପୁଷ୍ପ ବେଶ କରାଯାଉଛି। ଅପରାହ୍ନରେ ମାଙ୍କର ମୁକୁଟ ଓ ମା ପରିଧାନ କରିଥିବା ଅଳଙ୍କାର ଗୁଡ଼ିକ ସମ୍ପୂର୍ଣ୍ଣ ପୁଷ୍ପ ବେଶରେ ସଜ୍ଜିତ କରାଯାଉଛି। ମାଙ୍କର ପୁଷ୍ପ ବେଶକୁ ଦର୍ଶନ କରିବା ନିମନ୍ତେ ଅର୍ଦ୍ଧ ରାତ୍ର ପର୍ଯ୍ୟନ୍ତ ପୀଠରେ ଭିଡ ପରିଲିକ୍ଷିତ ହୋଇଥିଲା। ବେଦ ମାତା ବେଶରେ ମାଙ୍କୁ ଦର୍ଶନ କଲେ ଭକ୍ତମାନେ ବିଦ୍ୟା,ବୁଦ୍ଧି,ଜ୍ଞାନ ଅର୍ଜନ କରିଥାନ୍ତି ବୋଲି ବିଶ୍ୱାସ କରାଯାଏ। ମହାକାଳୀ ବେଶରେ ମା ଉଗ୍ର ରୁପରେ ଦର୍ଶନ ଦେଇଥାନ୍ତି। ମା ପୀଠରେ ବର୍ଷ ସାରା ଶାନ୍ତ ରୁପରେ ପୂଜା ପାଉ ଥିବାବେଳେ ବର୍ଷରେ ଗୋଟିଏ ଦିନ କାଳୀ ପୂଜା ଅବସରରେ ମହାକାଳୀ ରୁପରେ ପୂଜା ପାଇଥାନ୍ତି। ମହାକାଳୀ ରୁପରେ ମାଙ୍କୁ ଦର୍ଶନ କଲେ ଭକ୍ତ ମନରୁ ପାପ,ଗର୍ବ,ଅହଙ୍କାରର ବିନାଶ ହୁଏ ଭକ୍ତ ଧର୍ମ ମାର୍ଗରେ ଆଚରଣ କରେ ବୋଲି ବିଶ୍ୱାସ କରାଯାଇଥାଏ। ମଙ୍ଗଳବାର ମା ରାଜରାଜେଶ୍ୱରୀ ବେଶରେ ପୂଜା ପାଇବେ। ମାଙ୍କର ରାଜରାଜେଶ୍ୱରୀ ବେଶ ପାଇଁ ପୀଠରେ ସମସ୍ତ ପ୍ରସ୍ତୁତି ବୃତାନ୍ତ ହୋଇଛି। ପୀଠରେ ଭାଗବତ ପାଠ,ଚଣ୍ଡୀ ପାଠ,ସଂକୀର୍ତ୍ତନ, ରୁଦ୍ରାଭିଷେକ,ବେଦପାଠ ଚାଲିଛି। ସନ୍ଧ୍ୟା ଆଳତି ପରେ ଜମୁଛି ସାଂସ୍କୃତିକ କାର୍ଯଯକ୍ରମ। ପ୍ରଥମ ସନ୍ଧ୍ୟାରେ ଗାୟିକା ଉଷାରାଣୀ ନାୟକ ପାଲା ପରିବେଶନ କରିଥିବାବେଳେ ଦ୍ୱିତୀୟ ସନ୍ଧ୍ୟାରେ ପାଇକ ଆଖଡ଼ାର ଆସର ଜମିଥିଲା।

ନାବାଳିକା ନିର୍ଯାତନା ମାମଲା : ଅଭିଯୁକ୍ତ ଫେରାର

ଠାକୁରମୁଣ୍ଡା,(ସବ୍ୟୁ):ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ସୁନାରିପୋଷି ହୁଡ଼ି ସାହିରେ ଜଣେ ନାବାଳିକା ନିର୍ଯାତନାର ଶିକାର ହୋଇଥିବା ଅଭିଯୋଗ ହୋଇଛି। ଝାଡ଼ଖଣ୍ଡରୁ କାମ କରିବାକୁ ଆସି ସେଠାରେ ରହୁଥିବା ଜଣେ ମିସ୍ତ୍ରୀ ଏହି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଛି।ଝିଅ ହସ୍ପିଟଲକୁ ଯିବା ପରେ ଦେହ ଖରାପ ହେବାରୁ ତାଙ୍କୁ କେନ୍ଦୁଝର ମେଡିକାଲକୁ ନେଇ ଚିକିତ୍ସା କରାଯାଇଥିଲା। ସେଠାରେ ଚିକିତ୍ସା ବେଳେ ଘଟଣା ସାମ୍ନାକୁ ଆସିଥିବା ଜଣାପଡିଛି।ଏ ନେଇ ଠାକୁରମୁଣ୍ଡା ଥାନାରେ ୧୬୧ ନଂ ମାମଲା ରୁଜୁ ହୋଇଛି। ଅଭିଯୁକ୍ତ ବର୍ତ୍ତମାନ ଫେରାର ଥିବା ଏବଂ ତାଙ୍କର ସନ୍ଧାନ ମିଳୁ ନଥିବା ବେଳେ ତଦନ୍ତ ଜାରି ରହିଛି ବୋଲି ଥାନା ଆଇଆଇସି ଶରତ ମହାଲିକ ସୂଚନା ଦେଇଛନ୍ତି।

ଆଜି ନୀଳଗିରି ଆସିବେ ମୁଖ୍ୟମନ୍ତ୍ରୀ

ସାଂସଦଙ୍କ ଜନ୍ମ ଦିନରେ ଦିବ୍ୟାଙ୍ଗଙ୍କୁ ବାଣ୍ଟିବେ ସାଇକେଲ

ନୀଳଗିରି,(ସବ୍ୟୁ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଦିନ ନୀଳଗିରି ଗ୍ରସ୍ତରେ ଆସି ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ୭୧ତମ ଜନ୍ମ ଦିନରେ ଉପସ୍ଥିତ ରହି ଦିବ୍ୟାଙ୍ଗମାନଙ୍କୁ ସାଇକେଲ ବାଣ୍ଟିବା ସହ ୨୫ଗୋଟି ମହିଳା ଗୋଷ୍ଠୀଙ୍କୁ ସିଲାଇ ମେସିନ ବାଣ୍ଟିବେ। ନୀଳଗିରି ଯୁବ ସ୍ୱାଭିମାନ ମଞ୍ଚ ପକ୍ଷରୁ ସାଂସଦଙ୍କ ୭୧ତମ ଜନ୍ମ ଦିନ ଆୟୋଜନ କରାଯାଉଥିବା ବେଳେ ମୁଖ୍ୟମନ୍ତ୍ରୀ କେକ କାଟି ଅଭିନନ୍ଦନ ଜଣାଇବା ସହ ଏକ ବିଶାଳ ରକ୍ତ ଦାନ ଶିବିରକୁ ଉଦଘାଟନ କରିବେ ବୋଲି ସ୍ୱାଭିମାନ ମଞ୍ଚର ସଭାପତି ଚନ୍ଦ୍ରବିନ୍ଦୁ ଦାସ ପ୍ରକାଶ କରିଛନ୍ତି। ସେଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ବାଲେଶ୍ୱରର ପ୍ରୋଗ୍ରାମ ସାରି ଅପରାହ୍ନ ପ୍ରାୟ ୨ଟାରେ ନୀଳଗିରି କଲେଜ ପଡ଼ିଆ ପରିଷରରେ ହ୍ୟାଲିପ୍ୟାଡ ରେ ଅବତରଣ କରି ସଡ଼କ ପଥରେ କାର୍ଯ୍ୟକ୍ରମସ୍ଥଳକୁ ଯିବାର ଜଣା ପଡ଼ିଛି।

ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ

ବାଲେଶ୍ୱର,(ସବ୍ୟୁ):ବାଲେଶ୍ୱର ଜିଲ୍ଲାର ଭୋଗରାଇ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୋଗରାଇ ପଞ୍ଚାୟତ ସମିତି ଅଧୀନସ୍ଥ ବିଭିନ୍ନ ଗ୍ରାମ ପଞ୍ଚାୟତରୁ ୧୪୯ ଜଣ ଅଭିଯୋଗକାରୀ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ। ସେଥି ମଧ୍ୟରୁ ୧୨୨ ଗୋଟି ବ୍ୟକ୍ତିଗତ ଓ ୨୭ ଗୋଟି ସାମୁହିକ ଅଭିଯୋଗ ସମ୍ପର୍କିତ ଥିଲା । ବାଲେଶ୍ୱର ଆରକ୍ଷୀ ଅଧିକ୍ଷକ, ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ, ମୁଖଯ ଜିଲ୍ଲା ଚିକିତ୍ସାଧିକାରୀ ଡ଼ା. ଅମୂଲଯ କୁମାର ଦାସ, ବିଡିଓ, ଭୋଗରାଇ ବ୍ଲକ ପ୍ରଶାନ୍ତ ମହାରଣା, ଭୋଗରାଇ ତହସିଲଦାର ସୂର୍ଯଯ କୁମାର ନାୟକଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଉଦ୍‌ଘାଟନ କଲେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ

ଧାମନଗର,(ସବ୍ୟୁ) :ଧାମନଗର ବ୍ଲକ ଓ ଏନଏସି ଅଂଚଳରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଶୁଭ ଉଦଘାଟନ କରିଛନ୍ତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ଗତ ଶନିବାର ଦିନ ଧାମନଗର ବିଧାୟକ ତଥା ଉଚ୍ଚଶିକ୍ଷା,କ୍ରୀଡ଼ା,ଯୁବ ସେବା,ଓଡ଼ିଆ ଭାଷା,ସାହିତଯ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ,ଭଦ୍ରକ ସାଂସଦ ଅଭିମନ୍ୟ ସେଠୀ, ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ,ଧାମନଗର ବ୍ଲକ ଓ ଏନଏସି ଅଂଚଳର ବିଭିନ୍ନ ସ୍ଥାନରେ ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଶୁଭ ଉଦ୍ଘାଟନ କରିଥିଲେ। ଏହି



ଅବସରରେ ମନ୍ତ୍ରୀ, ସାଂସଦ ଓ ଜିଲ୍ଲାପାଳ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରି ପ୍ରକଳ୍ପ ଗୁଡ଼ିକର ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଗୁଣାତ୍ମକ କାର୍ଯ୍ୟସମାପନ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ହିମାଦ୍ରୀ ତନୟ ସାମଲ,ଏସଡିଓ କୃତିବାସ ମହାପାତ୍ର,କନିଷ୍ଠ ଯନ୍ତ୍ରୀ ରୁପ୍ କୁମାର ମୁଣ୍ଡା,ବିଡ଼ିଓ ବଳବିହାରୀ ଦିନ୍ଦା,ଏନଏସି ର ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ଦେବବ୍ରତ ମହାପାତ୍ର,ମନ୍ତ୍ରୀଙ୍କ ପ୍ରତିନିଧି କୈଳାସ ଚନ୍ଦ୍ର ମହାପାତ୍ର,ସାଂସଦଙ୍କ ପ୍ରତିନିଧି ସରୋଜ କୁମାର ମହାପାତ୍ର,ବିଜେପି ନେତା ଅରବିନ୍ଦ ପତି,ଅଶୋକ ପୁହାଣ,ମନୋରଞ୍ଜନ ମଲ୍ଲିକ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ।

ଇଡି ଚଢ଼ାଉ : ପକ୍ଷ ରଖିଲେ ଅମୂଲ୍ୟରନ୍ ନନ୍ଦ

ଆଗରପଡ଼ା,(ସବ୍ୟୁ):ଗତ ୪ତାରିଖରେ ଇଡି(ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ)ପକ୍ଷରୁ ଅତର୍କିତ ଚଢ଼ାଉ ଆଗରପଡ଼ା ନରାଜପୁର ଗ୍ରାମର ଅମୂଲ୍ୟରନ୍ ନନ୍ଦଙ୍କ ଘରେ କରାଯାଇଥିଲା। ଶ୍ରୀନନ୍ଦଙ୍କ ପକ୍ଷରୁ ଆହୂତ ସାମ୍ବାଦିକ ସମ୍ମିଳନୀରେ ତାଙ୍କ ଘରେ ହୋଇଥିବା ତଦନ୍ତକୁ ନେଇ ସୋସିଆଲ ମିଡିଆରେ ବିଭିନ୍ନ ଗୁଜବ ପ୍ରଚାରକୁ ସେ ସମ୍ପୂର୍ଣ୍ଣ ମିଥଯା ଓ ଭିତ୍ତିହୀନ ବୋଲି କହିଛନ୍ତି। ଟ୍ରେଡିଂ କରୁଥିବା ଅମିତ ମଣ୍ଡଳଙ୍କୁ ଇଡି ଗିରଫ କରିଥିଲା। ତଦନ୍ତର ଅଂଶସ୍ୱରୂପ ଅମିତ ମଣ୍ଡଳଙ୍କ ଆକାଉଣ୍ଟରୁ କେଉଁ କେଉଁ ବଯକ୍ତିଙ୍କ ଆକାଉଣ୍ଟକୁ କେତେ ଟଙ୍କା ଯାଇଛି ଏବଂ କେତେ ଟଙ୍କା ଫେରସ୍ତ ହୋଇଛି,ସେ ସମ୍ପର୍କରେ ତଥଯ ସଂଗ୍ରହ ପାଇଁ ଇଡି ତାଙ୍କ ଘରେ ସର୍ଚ୍ଚ ୱାରେଣ୍ଟ ବଳରେ ଚଢ଼ାଉ କରିଥିଲା। ତଦନ୍ତକାରୀ ଅଧିକାରୀମାନେ ତାଙ୍କର ଚାରୋଟି ଡାଏରୀ ନେଇଛନ୍ତି। ତାଙ୍କ କହିବା ଅନୁଯାୟୀ,ସେ ନିଜର ଅର୍ଥ ପିଡିସି ଚେକ୍ ଓ ଟୁକ୍ରିନାମା ମାଧ୍ୟମରେ ଅମିତ ମଣ୍ଡଳଙ୍କୁ ଦେଇଥିଲେ। ଏହା ବଦଳରେ ତାଙ୍କ ଆକାଉଣ୍ଟକୁ ଆସିଥିବା ଅର୍ଥ ଉପରେ ମଧ୍ୟ ନିୟମ ଅନୁଯାୟୀ ଟଯାକ୍ସ ପେଠ କରିଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି। ଇଡିର ତଦନ୍ତକୁ ସେ ସମ୍ମାନ କରୁଛନ୍ତି ଏବଂ ଆଗାମୀ ଦିନରେ ତଦନ୍ତକାରୀ ସଂସ୍ଥାକୁ ପୂର୍ଣ୍ଣ ସହଯୋଗ କରିବେ ବୋଲି କହିଛନ୍ତି।

କାନଝରୀ ଡ୍ୟାମ ପାର୍କରେ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ ସଫଳ

କେନ୍ଦୁଝର ,(ଜିପ୍ର): କେନ୍ଦୁଝର ସଦର ବ୍ଲକ ରଘୁନାଥପୁର ପଂଚାୟତ ଟକ ଗ୍ରାମରେ ଥିବା କାନଝରୀ ଡ୍ୟାମ ପାର୍କରେ କେନ୍ଦୁଝର ଜଳସେଚନ ବିଭାଜନ ପକ୍ଷରୁ ସୋମବାରଦିନ ଏକ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପାର୍କକୁ ସମୂହ ସଫେଇ କରାଯାଇଥିଲା। କେନ୍ଦୁଝର ଜଳସେଚନ ବିଭାଜନର ନିର୍ବାହୀ ଯନ୍ତ୍ରୀ ଇଂ ଲିପିକା ଡି. କାଶ୍ୟପ, କାନଝରୀ ଜଳସେଚନ ଉପଖଣ୍ଡ ବିଭାଜନ ର ଏସଡିଓ ଇଂ ଚତୁର୍ଭୁଜ ନାୟକ, କନିଷ୍ଠ ଯନ୍ତ୍ରୀ ଇଂ ହିରାଲାଲ ମାଝୀ, ଇଂ ସେନାପତି ନାୟକ, ଇଂ ରମେଶ ନାୟକ, ଇଂ ଲକ୍ଷ୍ମଣ କୁମାର ସିଙ୍କୁ, କୋଷାଧକ୍ଷ ମଂଟୁ ମୁଦୁଲିଙ୍କ ସମେତ ସମସ୍ତ କର୍ମଚାରୀ ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏକକ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ ବ୍ୟବହାର ନ କରିବାକୁ ପର୍ଯ୍ୟଟକଙ୍କୁ ସଚେତନ କରାଯାଇଥିଲା। ପ୍ରାକୃତିକ ପର୍ଯ୍ୟଟନର ଏକ ପ୍ରକୃଷ୍ଟ କ୍ଷେତ୍ର ହେଉଛି କାନଝରୀ ଡ୍ୟାମ। ପାର୍କ ପରିସରରେ ଶୀତ ଦିନରେ ବଣଭୋଜି ପାଇଁ ପର୍ଯ୍ୟଟକଙ୍କ ଭିଡ ହୋଇଥାଏ।



ନଭେମ୍ବର, ଡିସେମ୍ବର ଏବଂ ଜାନୁୟାରୀ ମାସରେ ବହୁ ସଂଖ୍ୟାରେ ପର୍ଯ୍ୟଟକ ଜିଲ୍ଲା ଏବଂ ଜିଲ୍ଲା ବାହାରୁ ଏହି ସ୍ଥାନକୁ ଆସିଥାନ୍ତି। ଶୀତଦିନେ ବଣଭୋଜି ସମୟରେ ପ୍ରବଳ ଜନସମାଗମ ହେଉଥିବାରୁ ଏହି ସ୍ଥାନକୁ ସଫେଇ କରାଯାଇଛି। ଓଡିଶାର ପର୍ଯ୍ୟଟନ ମାନଚିତ୍ରରେ କାନଝରୀ ଡ୍ୟାମ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିଥିବା ବେଳେ ଏଠାରେ ପରିବେଶ ପର୍ଯ୍ୟଟନର ବିକାଶ ପାଇଁ କାନଝରୀ ଡ୍ୟାମ କର୍ତ୍ତୃପକ୍ଷ ସ୍ୱତନ୍ତ୍ର ଦୃଷ୍ଟି ଦେଲେ ଅଧିକ ପର୍ଯ୍ୟଟକ ଆକୃଷ୍ଟ ହୋଇପାରିବେ ବୋଲି ମତବ୍ୟକ୍ତ ହୋଇଛି।

ବରୁଣସିଂ ପଞ୍ଚାୟତରେ ଜାତୀୟ ଆଇନସେବା ଦିବସ ପାଳିତ



ବାଲେଶ୍ୱର,(ସବ୍ୟୁ): ବରୁଣସିଂ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜାତୀୟ ଆଇନସେବା ଦିବସ ଓ ସଚେତନ ଶିବିର ଜିଲ୍ଲା ଆଇନ ସେବା ପ୍ରାଧିକରଣ ସହଯୋଗରେ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠିର ମହିଳା ଓ ଗ୍ରାମବାସୀମାନଙ୍କୁ ନେଇ ଅନୁଷ୍ଠିତ ହୋଇ ଯାଇଛି। ଜିଲ୍ଲା ସ୍ଥାୟୀ ଏବଂ ନିରନ୍ତର ଲୋକ ଅଦାଲତର ବିଚାରପତି ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ, ବାଲେଶ୍ୱରର ବରେଣଯ ସଚିବ ସୁମନ ଜେନା ମୁଖଯ ଅତିଥି ଭାବରେ ଯୋଗଦାନକରି ଜାତୀୟ ଆଇନସେବା ଦିବସ ମହାନତା ବିଷୟରେ କଥା ରଖିଥିଲେ। ୯ ନଭେମ୍ବର ୧୯୮୭ମସିହାର 'ଆଇନ ସେବା କର୍ତ୍ତୃପକ୍ଷ ଆଇନ ' କାର୍ଯକାରି ହେବ । ସ୍ମାରକୀ ଭାବେ ୧୯୯୫ମସିହାରୁ ପାଳିତ ହୋଇ ଆସୁଛି। ସମସ୍ତଙ୍କୁ ସଚେତନ କରିବା ଉଦେଶଯରେ ଜିଲ୍ଲାରେ ଆଇନସେବା ପ୍ରାଧିକରଣ କିଭଳି ମହିଳା, ଶିଶୁ,ଭିନ୍ନକ୍ଷମ, ଆର୍ଥିକ ଅନଗ୍ରସର ବର୍ଗ,ବନଯା ପୀଡିତ, ଏସିଡ ପୀଡିତ ସହ ଜନଜାତି ଓ ଉପଜାତିବର୍ଗଙ୍କୁ କିଭଳି ଆଇନ ସହାୟତା ନିଃଶୁଳକ ପ୍ରଦାନ କରୁଛି ଜଣାଇବା ସହ ଏହାର ସୁବିଧା ନେବାପାଇଁ ଆହ୍ୱାନ କରିଥିଲେ। ଶ୍ରୀ ଜେନା ଜାତୀୟ ଆଇନସେବା ପ୍ରାଧିକରଣ ଦ୍ୱାରା ପ୍ରଚଳିତ ନିଃଶୁଳକ ଫୋନ୍ ନମ୍ବର ୧୫୧୦୦ ଦ୍ୱାରା କିମ୍ବା ଜିଲ୍ଲା ଆଇନସେବା କାର୍ଯାଳୟ ପରିସରରେ ଉପସ୍ଥିତ ହୋଇ ନିଜଅଭିଯୋଗ କରିପାରିବେ ବୋଲି ଜଣାଇ ଥିଲେ। ବାଲ୍ୟବିବାହ ନିରୋଧକ ଆଇନ, ଶିକ୍ଷା ସଂସ୍କାର ଆଇନ, ଶିଶୁ ଶ୍ରମିକ ଆଇନ ଉପରେ ବିଶେଷ ଆଲୋକ ପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ଝିଲିଶ୍ରୀ ମଲ୍ଲିକ, ମାନବଧିକାର କର୍ମୀ ସୁଧାକର ସେଠୀ, ଆଇନଜୀବୀ ହେମଲତା ମହାପାତ୍ର, ଶଶୀକାନ୍ତ ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କମଳାକାନ୍ତ ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବୀରେନ୍ଦ୍ର କୁମାର ରାଉତ ଧନ୍ୟବାଦ ପ୍ରଦାନ କରିଥିଲା ଦିବସକୁ ସ୍ମରଣୀୟ କରିବା ପାଇଁ ପଞ୍ଚାୟତ ତରଫରୁ ଅତିଥିମାନଙ୍କ ଦ୍ୱାରା ବୃକ୍ଷ ରୋପଣ କରାଯାଇଥିଲା।

ଭଏସ ଅଫ ମିଡିଆର ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣପତ୍ର ପ୍ରଦାନ



କେନ୍ଦୁଝର, (ସବ୍ୟୁ): ଭଏସ ଅଫ ମିଡିଆର ବାର୍ଷିକ ଉତ୍ସବ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କେନ୍ଦୁଝର ଜିଲ୍ଲା ଟିମ ପକ୍ଷରୁ କେନ୍ଦୁଝରର ସର୍କିଟ ହାଉସରେ ରବିବାର ଦିନ ଆସନ୍ତା ୧୩ ଡିସେମ୍ବର ୨୦୨୬ ରେ ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ହେବାକୁ ଥିବା ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେବାକୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି।ଏହି ଅବସରରେ କେନ୍ଦୁଝର ଜିଲ୍ଲା ସଭାପତି ସୁଡଳ କୁମାର ସେଠୀ ଏବଂ ଜିଲ୍ଲା ସାଧାରଣ ସମ୍ପାଦକ ଶଶୀଭୂଷଣ ସିଂ ରାଜ୍ୟ ସଭାପତି ପ୍ରଭାତ କୁମାର ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ ପତ୍ର ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀ ନିମନ୍ତ୍ରଣ ପତ୍ର ଗ୍ରହଣ କରି ସଂଗଠନର କାର୍ଯ୍ୟକୁ ପ୍ରଶଂସା କରିଛନ୍ତି। ମୁଖ୍ୟମନ୍ତ୍ରୀ ନିମନ୍ତ୍ରଣ ପତ୍ର ଗ୍ରହଣ କରି କହିଲେ ଯେ ଉକ୍ତ ସଭାରେ ଯୋଗ ଦେବାପାଇଁ ପ୍ରତିଶୃତି ପ୍ରଦାନ କରିଛନ୍ତି ।

ରାସ୍ତାକଡ଼ରେ ଜଳିଗଲା ୧୬ ଚକିଆ ଟ୍ରକ

ଯୋଡ଼ା(ସବ୍ୟୁ): କେଉଁଝର ଜିଲ୍ଲା ଯୋଡ଼ା ଥାନା ବିଲେଇପଦା ନିକଟରେ ଗତ ମଧଯ ରାତ୍ରିରେ ଏକ ୧୬ ଚକିଆ ଟ୍ରକରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ବିଲେଇପଦା-ସିଆର୍ଲି ଯୋଡ଼ା ରାସ୍ତାକଡ଼ରେ ଛିଡ଼ା ହୋଇଥିବା ଅବସ୍ଥାରେ ଟ୍ରକଟିରେ ହଠାତ୍ ନିଆଁ ଲାଗିଯାଇଥିଲା। ଦେଖୁଦେଖୁ ନିଆଁର ପ୍ରକୋପ ବୃଦ୍ଧି ପାଇ ଟ୍ରକଟି ହୁତୁହୁତୁ ହୋଇ ଜଳିଯାଇଥିଲା। ଡ୍ରାଇଭରଙ୍କ ଠାରୁ ଖବର ପାଇ ଅଗ୍ନିଶମ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ମାତ୍ର ସେତେବେଳକୁ ଟ୍ରକର ଆଗଭାଗ ସମ୍ପୂର୍ଣ୍ଣ ଜଳିଯାଇଥିଲା। ତେବେ ଅଗ୍ନିକାଣ୍ଡ ସମୟରେ ଟ୍ରକ ଡ୍ରାଇଭର ଗାଡ଼ିରେ ନଥିଲେ, ତେଣୁ ଏକ ବଡ଼ ବିପଦ ଟଳିଯାଇଥିବା କୁହାଯାଉଛି । ହେଲେ ଏହି ଅଗ୍ନିକାଣ୍ଡ କେଉଁ କାରଣରୁ ଘଟିଛି, ତାହା ଅସ୍ପଷ୍ଟ ରହିଛି ।

କେଶବ ଚନ୍ଦ୍ର ପୃଷ୍ଟିଙ୍କ ପରଲୋକ



ବେତନଟୀ ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲାର ଜଣେ ଧର୍ମପରାୟଣ, ଅମାୟିକ ଓ ପରୋପକାରୀ ବ୍ୟକ୍ତିତ୍ୱ କେଶବ ଚନ୍ଦ୍ର ପୃଷ୍ଟି(୯୬)ଙ୍କର ପରଲୋକ ଘଟିଛି। ତାଙ୍କ ବିୟୋଗରେ ବେତନଟୀ ସମେତ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ପୃଷ୍ଟି ୧୯୩୦ ମସିହାରେ ମୟୂରଭଞ୍ଜ ଜିଲ୍ଲାର ପୁରୁଣା ବାରିପଦା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ଦୀର୍ଘଦିନ ଧରି ଡାକ ବିଭାଗରେ ପୋଷ୍ଟମାଷ୍ଟର ଭାବେ ନି

ସମ୍ପାଦକୀୟ

ଭାରତର ଆର୍ଥନୀତିକ ଅଭିବୃଦ୍ଧି

ବିକାଶଶୀଳ ରାଷ୍ଟ୍ର ଭାରତକୁ ବିକଶିତ ଭାରତରେ ପରିଣତ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବାରବର୍ଷ କାଳ ଉଦ୍ୟମ କରି ଆସିଥିଲେ ମଧ୍ୟ ଘୋର ବାଧାବିଘ୍ନ ମଧ୍ୟରେ ଭାରତର ଅର୍ଥନୀତି ଆଗକୁ ଗତି କରିଛି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଯୋଗୁଁ ଅଗ୍ରଗତି ପଥରେ ଆମର ଅର୍ଥନୀତି ଟିକେ ଧିମେଇ ଯାଇଥିଲା। ମାତ୍ର ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ତାଙ୍କର ପରାଜୟ ପରେ ଆମ ଅର୍ଥନୀତି ବିଭିନ୍ନ ବାଧାବିଘ୍ନରୁ ମୁକୁଳିବ ବୋଲି ଆଶା କରାଯାଉଛି। ପ୍ରଥମତଃ ଷ୍ଟକ ମାର୍କେଟ, ଦ୍ୱିତୀୟତଃ ତୈଳଦର ଓ ତୃତୀୟତଃ ଟଙ୍କାର ମୂଲ୍ୟାୟନ ଏ ତିନୋଟି କ୍ଷେତ୍ର ଆମ ଅର୍ଥନୀତି ପଛରେ ଯେଉଁ ଅନ୍ତରାୟ ସୃଷ୍ଟି କରିଆସୁଥିଲା, ତାହା ଆଉ ହେବ ନାହିଁ ବୋଲି ମନେକରାଯାଉଛି।

ବିଦେଶୀ ପ୍ରତିଷ୍ଠାନରୁ ଯେଉଁମାନେ ଭାରତରେ ପୁଞ୍ଜି ନିବେଶ ପାଇଁ ଆଗ୍ରହ ପ୍ରକାଶ କରିଥିଲେ, ସେମାନେ ପରେ ଅନାଗ୍ରହ ଭାବ ପ୍ରକାଶ କରିଥିଲେ। ମାତ୍ର ଅପ୍ରତ୍ୟାଶିତ ଭାବେ ଗତ ଗୁରୁବାର ବେଳକୁ ଭାରତର ଅଂଶଧନ ବାବଦକୁ ୧୫ ହଜାର କୋଟିର ପୁଞ୍ଜିନିବେଶ ସକାଶେ ପୁନର୍ବାର ଆଗ୍ରହ ପ୍ରକାଶ କଲେ। ପ୍ରାୟ ବର୍ଷଯାକର କ୍ରୟ ସେମାନେ ଦିନକ ମଧ୍ୟରେ କରିଥିଲେ। ଜାତୀୟ ଷ୍ଟକ ଏକ୍ସଚେଞ୍ଜ ଫିପ୍‌ଟି (ନିଫ୍‌ଟି) ୨ ଦଶମିକ ୪ ପ୍ରତିଶତ ହାରରୁ .୨୪ ଦଶମିକ ୫୩୬.୬୦ ହାର ପର୍ଯ୍ୟନ୍ତ ଲଂଘନ କରିଥିଲା। ଭାରତୀୟ ଅର୍ଥନୀତି ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ଥିଲା।

> **କୃତ୍ରିମ ବୁଦ୍ଧିମତାକୁ ଆମେରିକାର ଡେମୋକ୍ରାଟିକ ଦଳ ନିୟନ୍ତ୍ରିତ କରିବା ସହିତ ବଡ଼ ବଡ଼ ତଥ୍ୟ କେନ୍ଦ୍ରର ଅଭିବୃଦ୍ଧି ଗୁଡ଼ିକୁ ନୂତନ ଆଇନ ବଳରେ ମଧ୍ୟ ନିୟନ୍ତ୍ରିତ କରିବାକୁ ଚାହିଁଲେ। ଫଳରେ ଯୁକ୍ତରାଷ୍ଟ୍ର ଆମେରିକାର ତଥ୍ୟ କେନ୍ଦ୍ରଗୁଡ଼ିକ ଅସୁବିଧାର ସମ୍ମୁଖୀନ ହେବେ । ସେମାନେ ବାହ୍ୟିକ ସଂସ୍ଥା ବା ଠିକାଦାରଙ୍କ ଜରିଆରେ ଏବେ କାମ କରିବାକୁ ବାଧ ହେବେ।**

ଆସନ୍ତା ବର୍ଷ ୨୦୨୬ରେ ଉତ୍ତରପ୍ରଦେଶ, ଗୋଆ, ଉତ୍ତରାଖଣ୍ଡ, ମଣିପୁର ସମେତ ପଂଜାବର ସାଧାରଣ ନିର୍ବାଚନରେ ବିଜେପି ଦଳ ଏହାଦ୍ୱାରା ଲାଭାନ୍ୱିତ ହେବ ବୋଲି ଆଶା କରାଯାଉଛି।

ବିଶ୍ୱର ଯେଉଁ ପୁଂଜି ନିବେଶକମାନେ କୃତ୍ରିମ ବୁଦ୍ଧିମତା (ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ) ପାଇଁ ନିୟୁତ ନିୟୁତ ଅର୍ଥ ଆମେରିକା ସମେତ ତାହାର ସହବନ୍ଧିତ ରାଷ୍ଟ୍ର କୋରିଆ, ତାଇୱାନ ପ୍ରଭୃତିରେ ପୁଂଜିନିବେଶର ସୁଯୋଗ ଲାଭକଲେ । ଯଦିଓ କୃତ୍ରିମ ବୁଦ୍ଧିମତା କ୍ଷେତ୍ରରେ ଭାରତ ଆଗେଇବାକୁ ଚାହୁଁଥିଲା, ତଥାପି ଭାରତ ପୁଂଜିନିବେଶ କ୍ଷେତ୍ରରେ ପଛରେ ପଡ଼ିଥିଲା। ବିଦେଶୀ ପୁଂଜିପତିମାନେ ଭାରତର ଅଂଶଧନକୁ ୫ ନିୟୁତ ଡଲାରରେ ଅକ୍ଟୋବର ମାସର ଅଧା ସୁଦ୍ଧା ବିକ୍ରି କରିବାକୁ ଲାଗିଲେ। ମାତ୍ର ମଧ୍ୟବର୍ତ୍ତୀ କାଳୀନ ନିର୍ବାଚନରେ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ ପଛରେ ପଡ଼ିଯିବାରୁ ଆମେରିକାର ଅଂଶଧନ ସବୁ ଧ୍ୱଂସ ହେବା ଉପରେ ହେଲା। ବିଶ୍ୱର ସପ୍ତମ ସ୍ଥାନରେ ରହିଥିବା ବଡ଼ ବଡ଼ ବୈଷୟିକ କମ୍ପାନୀଗୁଡ଼ିକ ଯଥା ଆପଲ ଓ ଟେସଲାଙ୍କର ଷ୍ଟକ ମୂଲ୍ୟ ସବୁ ପୋଛି ହୋଇଗଲା।

କୃତ୍ରିମ ବୁଦ୍ଧିମତାକୁ ଆମେରିକାର ଡେମୋକ୍ରାଟିକ ଦଳ ନିୟନ୍ତ୍ରିତ କରିବା ସହିତ ବଡ଼ ବଡ଼ ତଥ୍ୟ କେନ୍ଦ୍ରର ଅଭିବୃଦ୍ଧି ଗୁଡ଼ିକୁ ନୂତନ ଆଇନ ବଳରେ ମଧ୍ୟ ନିୟନ୍ତ୍ରିତ କରିବାକୁ ଚାହିଁଲେ। ଫଳରେ ଯୁକ୍ତରାଷ୍ଟ୍ର ଆମେରିକାର ତଥ୍ୟ କେନ୍ଦ୍ରଗୁଡ଼ିକ ଅସୁବିଧାର ସମ୍ମୁଖୀନ ହେବେ । ସେମାନେ ବାହ୍ୟିକ ସଂସ୍ଥା ବା ଠିକାଦାରଙ୍କ ଜରିଆରେ ଏବେ କାମ କରିବାକୁ ବାଧ ହେବେ।

ଭାରତ ତଥ୍ୟକେନ୍ଦ୍ର (ଡାଟା ସେଣ୍ଟର) କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ରହିଥିବାରୁ ଏହାଦ୍ୱାରା ଭାରତ ଲାଭବାନ ହେବ ବୋଲି ଆଶା କରାଯାଉଛି । ପୁଞ୍ଜିନିବେଶକ କମ୍ପାନୀଗୁଡ଼ିକ ଆଉ ଥରେ ପୁଂଜି ନିବେଶ ପାଇଁ ଭାରତ ଉପରେ ଦୃଷ୍ଟି ପକେଇଲେଣି। ତେଣୁ ଆର୍ଥିକ କ୍ଷେତ୍ରରେ ଟ୍ରମ୍ପ ଆଶାବାଦୀ ଥିଲେ ମଧ୍ୟ ତାଙ୍କ ପରାଜୟ ଗ୍ଲାନି ଜନିତ ଭାରତ ଲାଭବାନ କେବଳ ହେବ ନାହିଁ, ବିଜେପି ବା ତାହାର ମିତ୍ରଗୋଷ୍ଠୀ ଆସନ୍ତା ବର୍ଷ ହେବାକୁ ଥିବା କେତୋଟି ରାଜ୍ୟର ନିର୍ବାଚନ ଜିତିବାର ପ୍ରୟାସ ରଖିଥିବା ପରି ମନେହେଉଛି।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ। ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି।

ସାଇବର ଝଡ଼ର ମୁକାବିଲା ପାଇଁ ଆମେ କେତେ ପ୍ରସ୍ତୁତ?



ବିକାଶ ନାରାୟଣ ମିଶ୍ର

ଭାରତର ଡିଜିଟାଲ୍ ବିପ୍ଳବ ଆମ ଆର୍ଥିକ ବ୍ୟବସ୍ଥାକୁ ନୂଆରୂପ ଦେଇଛି। ୟୁପିଆଇ, ମୋବାଇଲ୍ ବ୍ୟାଙ୍କିଂ ଓ ଅନ୍ୟାନ୍ୟ ଡିଜିଟାଲ୍ ସେବା ଯୋଗୁଁ ଟଙ୍କା ପଠାଇବା, ବିଲ୍ ପେଠ କରିବା ଓ ଆର୍ଥିକ କାରବାର କରିବା ଅଧିକ ସହଜ ହୋଇଛି। ଡିଜିଟାଲ୍ ପ୍ରଯୁକ୍ତି ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ମଧ୍ୟ ନୂଆ ଗତି ଦେଇଛି।

କିନ୍ତୁ ଏହି ଅଭୂତପୂର୍ବ ବିସ୍ତାର ସହ ଏକ ଗଭୀର ପ୍ରଶ୍ନ ଉଠୁଛି–ଆମର ଡିଜିଟାଲ୍ ଆର୍ଥିକ ବ୍ୟବସ୍ଥା ଯେତେଦ୍ରୁତ ଗତିରେ ବଢୁଛି, ତାହାର ସୁରକ୍ଷା ବ୍ୟବସ୍ଥା କ'ଣ ସେହି ଅନୁପାତରେ ସୁଦୃଢ଼ ହେଉଛି? ଡିଜିଟାଲ୍ କାରବାରର ବୃଦ୍ଧି ଯେତିକି ସୁଯୋଗ ସୃଷ୍ଟି କରିଛି, ସାଇବର ଅପରାଧୀଙ୍କ ପାଇଁ ସେତିକି ନୂଆ ଆକ୍ରମଣ କ୍ଷେତ୍ର ମଧ୍ୟ ଖୋଲିଛି।

ବଦଳୁଛି ସାଇବର ବିପଦର ସ୍ୱରୂପ

ଏ ପର୍ଯ୍ୟନ୍ତ ଡିଜିଟାଲ୍ ଠକେଇରେ ନକଲି ଲିଙ୍କ୍, ଫିସିଂ, ମୋବାଇଲ୍ ମାଲୱେର୍, ଓଟିପି ଚୋରି ଓ ଫୋନ୍ ମାଧ୍ୟମରେ ଠକେଇ ଭଳି ପଦ୍ଧତି ମୁଖ୍ୟ ରହିଛି। ଡିଜିଟାଲ୍ ଗିରଫ ନାମରେ ଭୟଭୀତ କରି ଟଙ୍କା ଆଦାୟ କରିବା ମଧ୍ୟ ଏକ ଗମ୍ଭୀର ସମସ୍ୟା ହୋଇଛି। ଅନେକ କ୍ଷେତ୍ରରେ ବ୍ୟାଙ୍କ ଗ୍ରାହକଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଏ, କିନ୍ତୁ ଠକେଇ ଘଟିବା ପରେ ତାହାର ପ୍ରଭାବକୁ ସମ୍ପୂର୍ଣ୍ଣ ରୋକିବା ସହଜ ହୁଏ ନାହିଁ।

କୃତ୍ରିମ ବୁଦ୍ଧିମତ୍ତା (AI) ଓ ସ୍ୱୟଂଚାଳିତ ଡିଜିଟାଲ୍ ଏଜେଣ୍ଟର ବିକାଶ ଏହି ଚ୍ୟାଲେଞ୍ଜକୁ ଆହୁରି ଜଟିଳ କରୁଛି। ଏହି ଏଜେଣ୍ଟଗୁଡ଼ିକ ନିର୍ଦ୍ଦିଷ୍ଟ କାର୍ଯ୍ୟ ପାଇଁ ଡିଜିଟାଲ୍ ଖାତା ଓ ଅନ୍ୟାନ୍ୟ ସେବାକୁ ପ୍ରବେଶ କରିପାରନ୍ତି। ଯଦି ସେମାନଙ୍କୁ ଅତ୍ୟଧିକ ଅନୁମତି ଦିଆଯାଏ, ଗ୍ରାହକଙ୍କ ପରିଚୟ ଓ ଗୋପନୀୟ ତଥ୍ୟର ସୁରକ୍ଷା ଦୁର୍ବଳ ହୁଏ କିମ୍ବା ନିୟନ୍ତ୍ରଣ ବ୍ୟବସ୍ଥାରେ ତ୍ରୁଟି ରହେ, ତେବେ କ୍ଷତିର ପରିମାଣ ବଢ଼ିପାରେ।

ଏଆଇ ଠକେଇକୁ ଅଧିକ ବିଶ୍ୱସନୀୟ କରିବା, ନକଲି ସ୍ୱର ଓ ବାର୍ତ୍ତା ସୃଷ୍ଟି କରିବା ଏବଂ ବହୁସଂଖ୍ୟକ ଲୋକଙ୍କୁ ଏକାସାଙ୍ଗରେ ଲକ୍ଷ୍ୟ କରିବାର ସମ୍ଭାବନା ବଢ଼ାଇଛି। ତେଣୁ ପୁରୁଣା ସୁରକ୍ଷା ପଦ୍ଧତି ଉପରେ ମାତ୍ର ନିର୍ଭର କରି ନୂଆ ବିପଦର ମୁକାବିଲା କରିହେବ ନାହିଁ।

ବ୍ୟକ୍ତିଗତ ଠକେଇରୁ ଜାତୀୟ ବିପଦ

ସାଇବର ଆକ୍ରମଣର ସବୁଠାରୁ ଗମ୍ଭୀର ଦିଗ ହେଉଛି ଏହାର ପ୍ରଭାବ ଗୋଟିଏ ଗ୍ରାହକ କିମ୍ବା ବ୍ୟାଙ୍କରେ ସୀମିତ ନ ରହିପାରେ। ଯଦି କୌଣସି ଗୁରୁତ୍ୱପୂର୍ଣ୍ଣ ଡାଟା ସେଣ୍ଟର୍, ପେମେଣ୍ଟ ନେଟୱର୍କ କିମ୍ବା ବ୍ୟାଙ୍କିଂ ପ୍ରଣାଳୀ ଆକ୍ରମଣର ଶିକାର ହୁଏ, ତେବେ ଅନେକ ସଂସ୍ଥା ଓ ଲକ୍ଷ ଲକ୍ଷ ଗ୍ରାହକ ପ୍ରଭାବିତ ହୋଇପାରନ୍ତି।

ଏପରି ଆକ୍ରମଣ ଯୋଗୁଁ ଡିଜିଟାଲ୍ ସେବା ବନ୍ଦ ହେବା, ବ୍ୟବସାୟିକ କାରବାର ବାଧାପ୍ରାପ୍ତ ହେବା ଓ ଆର୍ଥିକ ବ୍ୟବସ୍ଥା ଉପରେ ଜନସାଧାରଣଙ୍କ ଆସ୍ଥା ହ୍ରାସ ପାଇବାର ଆଶଙ୍କା ରହିଛି। ଡିଜିଟାଲ୍ ପେମେଣ୍ଟ ଦୈନନ୍ଦିନ ଜୀବନର ଅବିଚ୍ଛେଦ୍ୟ ଅଂଶ ହୋଇଥିବାରୁ, ଏହାର ବ୍ୟାପକ ବିଫଳତା ଅର୍ଥନୀତିର ଅନ୍ୟାନ୍ୟ କ୍ଷେତ୍ରକୁ ମଧ୍ୟ ପ୍ରଭାବିତ କରିପାରେ।

ତେଣୁ ସାଇବର ସୁରକ୍ଷା ଆଉ କେବଳ ଆଇଟି ବିଭାଗର ବୈଷୟିକ ବିଷୟ ନୁହେଁ। ଏହା ଆର୍ଥିକ ସ୍ଥିରତା, ଜାତୀୟ ସୁରକ୍ଷା ଓ ଡିଜିଟାଲ୍ ଅର୍ଥନୀତିର ନିର୍ଭରଯୋଗ୍ୟତା ସହ ଜଡ଼ିତ।

> **ଡିଜିଟାଲ୍ ଭାରତର ସୁରକ୍ଷିତ ଭବିଷ୍ୟତ ପାଇଁ ପ୍ରଯୁକ୍ତିଗତ ପ୍ରଗତି ସହ ସାଇବର ସୁରକ୍ଷାକୁ ସମାନ ଗୁରୁତ୍ୱ ଦେବା ହିଁ ସମୟର ଆହ୍ୱାନ।**

ଆଗାମୀ ପଥ: ପାଞ୍ଚଟି ପ୍ରମୁଖ ପଦକ୍ଷେପ

* ଦାୟିତ୍ୱ ଓ ଜବାବଦେହିତା: ସାଇବର ସୁରକ୍ଷାକୁ କେବଳ ଆଇଟି ବିଭାଗର ଦାୟିତ୍ୱ ଭାବେ ନ ଦେଖି, ବ୍ୟାଙ୍କର ଶୀର୍ଷ ପରିଚାଳନା ସ୍ତରରେ ପ୍ରାଥମିକତା ଦେବା ଆବଶ୍ୟକ। ଏଆଇ ଆଧାରିତ ସେବା ଓ ତୃତୀୟ ପକ୍ଷ ପ୍ରଯୁକ୍ତିର ବ୍ୟବହାର ପୂର୍ବରୁ ସମ୍ଭାବ୍ୟ ବିପଦର ମୂଲ୍ୟାଙ୍କନ ହେବା ଉଚିତ।

* ସେବାର ନିରନ୍ତରତା: ଆକ୍ରମଣ କିମ୍ବା ପ୍ରଯୁକ୍ତିଗତ ବିଫଳତା ସମୟରେ ମଧ୍ୟ ଜରୁରୀ ବ୍ୟାଙ୍କିଂ ସେବା ଚାଲୁ ରଖିବା ପାଇଁ ସୁରକ୍ଷିତ ଡାଟା ବ୍ୟାକ୍‌ଅପ୍, ବିକଳ୍ପ ବ୍ୟବସ୍ଥା ଓ ନିୟମିତ ବିପର୍ଯ୍ୟୟ ମୁକାବିଲା ଅଭ୍ୟାସ ଜରୁରୀ।

* ବିପଦ ସୂଚନାର ଆଦାନପ୍ରଦାନ: ବ୍ୟାଙ୍କ, ନିୟାମକ ଓ ସାଇବର ସୁରକ୍ଷା ସଂସ୍ଥାଗୁଡ଼ିକ ମଧ୍ୟରେ ତ୍ୱରିତ ସୂଚନା ବିନିମୟ ହେବା ଆବଶ୍ୟକ। ଗୋଟିଏ ସଂସ୍ଥାରେ ଚିହ୍ନଟ ହୋଇଥିବା ବିପଦ ସମ୍ପର୍କରେ ଅନ୍ୟ ସଂସ୍ଥାଗୁଡ଼ିକୁ ଆଗୁଆ ସତର୍କ କରାଯାଇପାରିଲେ କ୍ଷତିର ପରିମାଣ କମିପାରିବ।

* ଗ୍ରାହକ ସୁରକ୍ଷା: ସଚେତନତା ବୃଦ୍ଧି ସହ ଠକେଇର ଅଭିଯୋଗ ଦାଖଲ, ସନ୍ଦେହଜନକ କାରବାର ଅଟକାଇବା ଓ ତ୍ୱରିତ ସହାୟତା ପାଇଁ ସରଳ ବ୍ୟବସ୍ଥା ରହିବା ଉଚିତ। ସୁରକ୍ଷାର ସମସ୍ତ ଦାୟିତ୍ୱ ଗ୍ରାହକଙ୍କ ଉପରେ ଛାଡ଼ି ଦେବା ଯଥାର୍ଥ ନୁହେଁ।

* ବିକଳ୍ପ ପେମେଣ୍ଟ ବ୍ୟବସ୍ଥା: ଡିଜିଟାଲ୍ ନେଟୱର୍କ ବାଧାପ୍ରାପ୍ତ ହେଲେ ମଧ୍ୟ ଜରୁରୀ ଆର୍ଥିକ କାରବାର ଜାରି ରଖିବା ପାଇଁ ବିକଳ୍ପ ଓ ଅଫଲାଇନ୍ ବ୍ୟବସ୍ଥାର ସମ୍ଭାବନାକୁ ସୁଦୃଢ଼ କରିବା ଦରକାର।

ଜାତୀୟ ସମନ୍ୱୟର ଆବଶ୍ୟକତା

ଏହି ପ୍ରୟାସଗୁଡ଼ିକୁ ସଫଳ କରିବା ପାଇଁ କେବଳ ବ୍ୟାଙ୍କଗୁଡ଼ିକର ଉଦ୍ୟମ ପର୍ଯ୍ୟାପ୍ତ ନୁହେଁ। ନିୟାମକ, ସରକାରୀ ସଂସ୍ଥା, ପ୍ରଯୁକ୍ତି ଗବେଷଣା କେନ୍ଦ୍ର ଓ ଆର୍ଥିକ ସେବା ପ୍ରଦାନକାରୀଙ୍କ ମଧ୍ୟରେ ଏକ ସମନ୍ୱିତ ଜାତୀୟ ଆଭିମୁଖ୍ୟ ଆବଶ୍ୟକ।

ଭୁବନେଶ୍ୱରରେ ୨୫ ଅକ୍ଟୋବର ୨୦୨୬ରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ଆର୍‌ବିଆଇର ଡାଟା ସେଣ୍ଟର୍ ଓ ଏଣ୍ଟରପ୍ରାଇଜ୍ କମ୍ପ୍ୟୁଟିଂ ଏବଂ ସାଇବର ସୁରକ୍ଷା ପ୍ରଶିକ୍ଷଣ ସଂସ୍ଥା ଏହି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଡାଟା ସେଣ୍ଟରରେ ଆର୍ଟିଜିଏସ୍ ଓ ଏନ୍‌ଇଏଫ୍ଟି ଭଳି ଗୁରୁତ୍ୱପୂର୍ଣ୍ଣ ପେମେଣ୍ଟ ବ୍ୟବସ୍ଥା ପାଇଁ ଆବଶ୍ୟକ ଭିତ୍ତିଭୂମି ରହିବ। ଅନ୍ୟପକ୍ଷରେ, ପ୍ରଶିକ୍ଷଣ ସଂସ୍ଥାଟି ସାଇବର ସୁରକ୍ଷା, ଏଆଇ ଓ ନୂଆ ପ୍ରଯୁକ୍ତି କ୍ଷେତ୍ରରେ ଦକ୍ଷତା ଓ ଗବେଷଣାକୁ ଆଗକୁ ବଢ଼ାଇବାର ସୁଯୋଗ ସୃଷ୍ଟି କରିବ।

ହାଇଦ୍ରାବାଦସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଡେଭଲପମେଣ୍ଟ ଆଣ୍ଡ ରିସର୍ଚ୍ଚ ଇନ୍ ବ୍ୟାଙ୍କିଂ ଟେକ୍ନୋଲୋଜି (IDRBT) ବ୍ୟାଙ୍କିଂ ଓ ଆର୍ଥିକ କ୍ଷେତ୍ରର ପ୍ରଯୁକ୍ତିଗତ ଗବେଷଣାରେ ବିଶେଷ ଭୂମିକା ନିର୍ବାହ କରୁଛି। ସାଇବର ସୁରକ୍ଷା, ଡିଜିଟାଲ୍ ପେମେଣ୍ଟ, ଏଆଇ ଓ ତଥ୍ୟର ଗୋପନୀୟତା ଏହାର ଗବେଷଣା କ୍ଷେତ୍ରର ଅଂଶ। ସେହିପରି ପୁଣେସ୍ଥିତ ସେଣ୍ଟର୍ ଫର୍ ଡେଭଲପମେଣ୍ଟ ଅଫ୍ ଆଡଭାନ୍ସଡ୍ କମ୍ପ୍ୟୁଟିଂ (C-DAC) ସାଇବର ସୁରକ୍ଷା, ସାଇବର ଫରେନ୍ସିକ୍ସ ଓ ଉନ୍ନତ କମ୍ପ୍ୟୁଟିଂ କ୍ଷେତ୍ରରେ ଗବେଷଣା ଓ ପ୍ରଶିକ୍ଷଣ କରୁଛି।

ଏହି ସଂସ୍ଥାଗୁଡ଼ିକର ଦକ୍ଷତାକୁ ପରସ୍ପରର ପରିପୂରକ ଭାବେ ବ୍ୟବହାର କରାଯାଇପାରିଲେ, ସାଇବର ବିପଦର ଆଗୁଆ ଚିହ୍ନଟ, ନୂଆ ସୁରକ୍ଷା ପ୍ରଯୁକ୍ତିର ବିକାଶ ଓ ଦକ୍ଷ ମାନବ ସମ୍ବଳ ଗଠନରେ ଦେଶ ଅଧିକ ସକ୍ଷମ ହୋଇପାରିବ। ମିଳିତ ଗବେଷଣା, ସୁରକ୍ଷିତ ଭାବେ ବିପଦ ସୂଚନାର ଆଦାନପ୍ରଦାନ, ନିୟମିତ ଅଭ୍ୟାସ ଓ ସଙ୍କଟ ସମୟରେ ସମନ୍ୱିତ ପ୍ରତିକ୍ରିୟା ପାଇଁ ଏକ ସ୍ପଷ୍ଟ ଢାଞ୍ଚା ଗଢ଼ିବା ଉଚିତ। ଏହା ଏକ ପ୍ରସ୍ତାବିତ ସହଯୋଗର ଦିଗ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ସଂସ୍ଥାଗତ ସମନ୍ୱୟ ଓ ନିର୍ଦ୍ଦିଷ୍ଟ ଦାୟିତ୍ୱ ନିର୍ଦ୍ଧାରଣ ଆବଶ୍ୟକ।

ଭାରତର ଡିଜିଟାଲ୍ ବିପ୍ଳବର ସଫଳତା କେବଳ କାରବାରର ସଂଖ୍ୟା କିମ୍ବା ଗତିରେ ମପାଯିବ ନାହିଁ ସଙ୍କଟ ସମୟରେ ଆମ ଆର୍ଥିକ ବ୍ୟବସ୍ଥା କେତେ ସୁରକ୍ଷିତ, ଦୃଢ଼ ଓ ନିର୍ଭରଯୋଗ୍ୟ ରହୁଛି, ତାହା ମଧ୍ୟ ସମାନ ଗୁରୁତ୍ୱ ବହନ କରେ। ସାଇବର ଝଡ଼ ଆସିବା ପରେ ପ୍ରତିକ୍ରିୟା ଦେବା ଅପେକ୍ଷା, ପୂର୍ବପ୍ରସ୍ତୁତି ଓ ଜାତୀୟ ସମନ୍ୱୟ ମାଧ୍ୟମରେ ତାହାର ପ୍ରଭାବକୁ ରୋକିବା କିମ୍ବା ସର୍ବନିମ୍ନ କରିବା ଅଧିକ ଜରୁରୀ। ଡିଜିଟାଲ୍ ଭାରତର ସୁରକ୍ଷିତ ଭବିଷ୍ୟତ ପାଇଁ ପ୍ରଯୁକ୍ତିଗତ ପ୍ରଗତି ସହ ସାଇବର ସୁରକ୍ଷାକୁ ସମାନ ଗୁରୁତ୍ୱ ଦେବା ହିଁ ସମୟର ଆହ୍ୱାନ।

ସି-୨୭୮, ଶେଖ ସରାଇ-୧
ମାଲବୀୟ ନଗର,
ନୂଆଦିଲ୍ଲୀ – ୧୧୦୦୧୭
ମୋବାଇଲ୍: ୮୩୮୪୦୯୯୨୭୯

ବିସ୍ମୃତି ଗର୍ଭରେ ମାଲକାନଗିରିର ଅନନ୍ତପାଲ୍ଲୀ ଗାଁ



ଏମ୍. ଅମରେଶ କୁମାର

ରାଜ୍ୟର ଉପାନ୍ତ ଅଞ୍ଚଳ ମାଲକାନଗିରି। ଦିନେ ଦିନେ ଏହି ଜିଲ୍ଲାରେ ବିକାଶର ନୂଆ ଅଧ୍ୟାୟ ଯୋଡ଼ି ହେଉଥିବା ବେଳେ ଏହାର ମାଟି ତଳେ ଓ ଲୋକଙ୍କ ସ୍ମୃତିରେ ଲୁଚିରହିଛି ଅନେକ ଅଜଣା ଇତିହାସ। ପ୍ରାକୃତିକ ସୌନ୍ଦର୍ଯ୍ୟ, ଘଞ୍ଚ ଜଙ୍ଗଲ ଓ ବିଭିନ୍ନ ଜନଜାତିଙ୍କ ପରମ୍ପରାରେ ସମୃଦ୍ଧ ଏହି ଜିଲ୍ଲାର ଅତୀତ ସମ୍ପର୍କରେ ଆଜି ବି ଅନେକ ତଥ୍ୟ ଲୋକଲୋଚନକୁ ଆସିପାରିନାହିଁ। ଏଠାରେ ରହିଛି ବ୍ରିଟିଶ ଶାସନର ଅତ୍ୟାଚାର, ଆଦିବାସୀଙ୍କ ପ୍ରତିରୋଧ ଓ ସଂଘର୍ଷର କାହାଣୀ। ଏପରି ଜିଛି ଐତିହାସିକ ସ୍ମୃତିକୁ ନିଜ ଭିତରେ ସାଇତି ରଖିଛି ମାଲକାନଗିରି ଜିଲ୍ଲା। କାଲିମେଳା ବ୍ଲକର ଅନନ୍ତପାଲ୍ଲୀ ଗାଁ। ଗ୍ରାମବାସୀଙ୍କ ମୁଖରୁ ପିଢ଼ି ପରେ ପିଢ଼ି ଶୁଣି ଆସୁଥିବା କାହାଣୀ ଆଜି ବି ଅତୀତର ସ୍ମୃତିକୁ ଜୀବନ୍ତ କରି ରଖିଛି। ଇତିହାସର ପୃଷ୍ଠାରେ ଏହାର ସ୍ଥାନ ଅସ୍ପଷ୍ଟ ହୋଇପାରେ, କିନ୍ତୁ ସ୍ଥାନୀୟ ଲୋକଙ୍କ ସ୍ମୃତିରେ ରହିଛି ଅନେକ ଅକୁହା କାହାଣୀ।

ଅନନ୍ତପାଲ୍ଲୀର ଅଜଣା ଇତିହାସ

କାଲିମେଳା ବ୍ଲକର ଅନନ୍ତପାଲ୍ଲୀ ଗାଁର ଇତିହାସ କେତେ ପୁରୁଣା, ତାହାର ଠିକ୍ ଆକଳନ କରିବା କଷ୍ଟକର। ଏହି ଅଞ୍ଚଳ ପୂର୍ବରୁ ଦଣ୍ଡକାରଣ୍ୟର ଅଂଶ ଭାବେ ପରିଚିତ ଥିଲା ବୋଲି ସ୍ଥାନୀୟ ଲୋକେ କହନ୍ତି। ଗାଁର ପ୍ରାରମ୍ଭିକ ବାସିନ୍ଦାଙ୍କ ମଧ୍ୟରେ ହନ୍ତାଳ, ମାଦିରି, ୱାଡେଙ୍ଗୀ ଓ ବେଟି ପରିବାରର ଲୋକ ରହିଥିଲେ। ପରବର୍ତ୍ତୀ ସମୟରେ ବିଭିନ୍ନ ଅଞ୍ଚଳରୁ ଲୋକ ଆସି ଏଠାରେ ବସବାସ କରିଥିଲେ। ବର୍ତ୍ତମାନ ଗାଁର ଜନସଂଖ୍ୟା ପ୍ରାୟ ଦୁଇ ହଜାର ବୋଲି ସ୍ଥାନୀୟ ସୂତ୍ରରୁ ଜଣାପଡ଼ିଛି। ଗ୍ରାମବାସୀଙ୍କ ମତରେ, ପୂର୍ବରୁ ଆନାନ୍ତାମା ନାମକ ଜଣେ ମହିଳା ଏଠାରେ ବସବାସ କରୁଥିଲେ। ତାଙ୍କ ନାମରୁ ଗାଁର ନାମ ଅନନ୍ତପାଲ୍ଲୀ ହୋଇଥିବା କଥା ପ୍ରଚଳିତ ରହିଛି। ଏଠାକାର ଲୋକେ ସରଳ ଜୀବନଯାପନ କରୁଥିବା ବେଳେ ଦିନେ ଘଞ୍ଚ ଜଙ୍ଗଲ ଓ ହିଂସ୍ର ଜନ୍ତୁଙ୍କ ମଧ୍ୟରେ ପ୍ରକୃତି ସହ ସଂଘର୍ଷ କରି ବଞ୍ଚୁଥିଲେ। ଗାଁର ଭୌଗୋଳିକ ଅବସ୍ଥିତି ମଧ୍ୟ ଅନନ୍ୟ। ପୂର୍ବ ଦିଗରେ ଜିଲ୍ଲାର ଏକ ବୃହତ୍ତମ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ (MIP) ରହିଥିବା ବେଳେ ପଶ୍ଚିମରେ ପ୍ରାୟ ୨୫ କିଲୋମିଟର ଦୂରରେ ସାବେରୀ ନଦୀ ରହିଛି। ଦକ୍ଷିଣ ଦିଗରେ ପ

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଓଡ଼ିଶା...

ହେବାପରେ ୩୩୭୨.୮୮ କୋଟି ମୂଲ୍ୟରେ ଇପିସି ଠିକାଦାର ଭାବେ ଚୟନ କରାଯାଇଛି । ଓଡ଼ିଶା ପଞ୍ଚାୟତ ନିର୍ବାହି ଅଧିକାରୀଙ୍କ କ୍ୟାଡରରେ ସଂଶୋଧନ କରାଯାଇଛି । ଏଥିରେ ପଦବୀର ଜିଲ୍ଲାୱାରୀ ଅନୁମୋଦିତ ସଂଖ୍ୟାକୁ ବୃଦ୍ଧି କରାଯାଇଛି ।ଓଡ଼ିଶା ଉଚ୍ଚତର ନ୍ୟାୟିକ ସେବା ଓ ଓଡ଼ିଶା ନ୍ୟାୟିକ ସେବା ନିୟମାବଳି ୨୦୨୭ର ସଂଶୋଧନ କରାଯାଇଛି । ଓଡ଼ିଶା ସହର ଯୋଜନା ସେବା- ଗ୍ରୁପ୍ ଏର (ନିଯୁକ୍ତି ପଦ୍ଧତି ଓ ସେବା ସର୍ତ୍ତାବଳୀ) ନିୟମାବଳୀର ସଂଶୋଧନ ହୋଇଛି । ସେହିଭଳି ଓଡ଼ିଶା ବିଧାନସଭାର ଅଷ୍ଟମ ଅଧିବେଶନ ଆହୁତ ନିମନ୍ତେ ଥିବା ପ୍ରସ୍ତାବକୁ ଅନୁମୋଦନ କରାଯାଇଛି ।

କମିଲା...

୧୪ ଡିଗ୍ରୀକୁ ଖସିବା ସହ କୋରାପୁଟ (ସିମିଳିଗୁଡ଼ା), ଝାରସୁଗୁଡ଼ା ଏବଂ କେନ୍ଦୁଝରର ଉଚ୍ଚାଞ୍ଚଳ ସବୁ ପ୍ରମୁଖ ରହିବେ ।

ରାତିର ତାପମାତ୍ରାରେ ଏହି ହ୍ରାସ ମୁଖ୍ୟତଃ ତିନୋଟି ଭୌତିକ ବାୟୁମଣ୍ଡଳୀୟ ପ୍ରକ୍ରିୟା ଦ୍ୱାରା ନିୟନ୍ତ୍ରିତ ହେଉଛି । ଯଥା: ଭୂ-ପୃଷ୍ଠର ନିକଟବର୍ତ୍ତୀ ଉତ୍ତର-ପୂର୍ବ ବାୟୁପ୍ରବାହ ଛୋଟନାଗପୁର ମାଳଭୂମିରୁ ଉତ୍ତର ଓ ଦକ୍ଷିଣ-ଅଭ୍ୟନ୍ତରୀଣ ଉପତ୍ୟକାଗୁଡ଼ିକୁ ଶୁଷ୍କ ତଥା ଥଣ୍ଡା ସ୍ଥଳବାୟୁ ପ୍ରବାହିତ କରାଉଛି । ବାୟୁମଣ୍ଡଳରେ କମ୍ ଜଳୀୟବାଷ୍ପ ଏବଂ ପ୍ରତି-ଘୂର୍ଣ୍ଣିବଳୟ ପ୍ରଭାବ ହେତୁ ମେଘମୁକ୍ତ ଆକାଶ ଯୋଗୁ ରାତିରେ ଭୂ-ପୃଷ୍ଠରୁ ଉତ୍ତାପ ଦ୍ରୁତ ଗତିରେ ବାହାରିଯାଉଛି, ଯାହା ତାପମାତ୍ରା ହ୍ରାସକୁ ତ୍ୱରାନ୍ୱିତ କରୁଛି ।

ଉଚ୍ଚାଞ୍ଚଳଗୁଡ଼ିକରେ ଉଚ୍ଚତା ବୃଦ୍ଧି ହେତୁ ପ୍ରାକୃତିକ ଭାବେ ତାପମାତ୍ରା କମିଥାଏ । ଏହାସହିତ ରାତିରେ ପାହାଡ଼ିଆ ଗଡ଼ାନରୁ ଥଣ୍ଡା ଓ ଭାରୀ ବାୟୁ ତଳକୁ ଖସି ଉପତ୍ୟକାଗୁଡ଼ିକରେ ଜମା ହୋଇ ସ୍ଥାନୀୟ ତାପମାତ୍ରାକୁ ଆହୁରି କମାଇଦିଏ । ତେବେ ଉପକୂଳବର୍ତ୍ତୀ ଅଞ୍ଚଳରେ ସାମୁଦ୍ରିକ ଜଳୀୟବାଷ୍ପର ପ୍ରବାହ ଏହିପରି ଅଧିକ ତାପମାତ୍ରା ହ୍ରାସକୁ ରୋକିଥାଏ ।

ରବିବାର ରାତିର ସର୍ବନିମ୍ନ ତାପମାତ୍ରା ଦାରିଙ୍ଗବାଡ଼ି ଓ ଭବାନୀପାଟଣାରେ ୧୫ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ନବରଙ୍ଗପୁର ଓ ଝାରସୁଗୁଡ଼ାରେ ୧୬ ଡିଗ୍ରୀ, କେନ୍ଦୁଝରରେ ୧୬.୬ ଡିଗ୍ରୀ, ବଲାଙ୍ଗୀରରେ ୧୭.୨ ଡିଗ୍ରୀ, ଭୁବନେଶ୍ୱରରେ ୧୮.୯ ଡିଗ୍ରୀ ଓ କଟକରେ ୧୭.୬ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି ।

ଡେବ୍ରିଗଡ଼ରେ...

ବିଶ୍ଳେଷଣ ପରେ ଜଣାପଡ଼ିବ । ବାଘର ଉପସ୍ଥିତି ଠାବ ହେବା ପରେ ଅଭୟାରଣ୍ୟରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି ।ସମଗ୍ର ଅଞ୍ଚଳରେ ୧୦୦ଟି ସ୍ୱତନ୍ତ୍ର କ୍ୟାମେରା ଟ୍ରାପ ଖଞ୍ଜା ଯାଇଛି ।

ଅଭୟାରଣ୍ୟ ସୀମାନ୍ତ ଅଞ୍ଚଳରେ ୨୭ଟି ଟିମ ଦିନରାତି ପାଟ୍ରୋଲିଂ କରୁଛନ୍ତି । ରାତ୍ରୀ କାଳୀନ ସୁରକ୍ଷା ପାଇଁ ତିନିସ୍ତରୀୟ ଟିମ ନିୟୋଜିତ ହୋଇଛନ୍ତି । ସେମାନେ ବାଘର ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି । ପୂର୍ବରୁ ୨୦୨୨ରୁ ୨୦୨୪ ମଧ୍ୟରେ ଗୋଟିଏ ମହାବଳ ବାଘ ପ୍ରାୟ ଦେଢ଼ ବର୍ଷ ଡେବ୍ରିଗଡ଼ରେ ରହିଥିଲା । ପରେ ଛତିଶଗଡ଼ ଗୋମର୍ଦା ଅଭୟାରଣ୍ୟକୁ ଯାଇ ବିଦ୍ୟୁତି ଆଘାତରେ ପ୍ରାଣ ହରାଇଥିଲା । ସେହି ଦୁଃଖଦ ଘଟଣାକୁ ଆଖି ଆଗରେ ରଖି ଏଥର ବନ ବିଭାଗ ବାଘର ସୁରକ୍ଷା, ଖାଦ୍ୟ ଆଉ ବାସସ୍ଥଳୀ ଉପରେ ସ୍ୱତନ୍ତ୍ର ନଜର ରଖିଛି । ତେବେ ବହୁ ବର୍ଷ ପରେ ପୁଣି ଡେବ୍ରିଗଡ଼ରେ ମହାବଳର ଆଗମନ ବନ୍ୟପ୍ରାଣୀ ସଂରକ୍ଷଣ ପାଇଁ ଏକ ବଡ଼ ଖୁସି ଖବର ବୋଲି ହୀରାକୁଦ ବନ୍ୟପ୍ରାଣୀ ଡିଏଫଓ ଅଂଶୁପ୍ରଜ୍ଞା ଦାସ କହିଛନ୍ତି ।

ଗୋପାଳପୁରରେ ଶ୍ୟାମାକାଳୀ ପୂଜା

ରଣପୁର, ,(ସବ୍ୟୁ):ୟାଗଡ ଜିଲ୍ଲା ରଣପୁର ବ୍ଲକ ଗୋପାଳପୁର ବଜାରରେ ଦୀର୍ଘ ବର୍ଷ ଧରି ମା ଶ୍ୟାମାକାଳୀ ଙ୍କ ପୂଜା ଅନୁଷ୍ଠିତ ହୋଇ ଆସୁଅଛି । ସବୁ ବର୍ଷ ଭଳି ଏବର୍ଷ ମଧ୍ୟ ନଭେମ୍ବର ୮ ତାରିଖ ନିଶାର୍ଦ୍ଧରେ ୫୫ ତମ ଶ୍ୟାମାକାଳୀ ପୂଜା ବେଦଜ୍ଞ ବିଦ୍ୱାନ ପଣ୍ଡିତଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି । ରଙ୍ଗ ବେରଙ୍ଗର ସୁସଜ୍ଜିତ. ଆଲୋକମାଳା ତୋରଣ ସାଙ୍ଗକୁ ପ୍ରତିଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଆଧୁନିକ ନୃତ୍ୟ ଓ ଆଦିବାସୀ ନୃତ୍ୟ ଭଳି ଅନେକ ଆୟୋଜନ କରାଯାଇଛି । ମାଙ୍କ ଏହି କାର୍ଯ୍ୟକ୍ରମରେ ଏକ ଲଟେରୀ କରାଯାଇଛି । କାଳୀପୂଜା କମିଟି ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ଚଳିତ ବର୍ଷର ପୂଜା ଶାନ୍ତି ଶୃଙ୍ଖଳାର ସହ ଅଦ୍ୟାବଧି ଚାଲିଥିବା ଜଣାପଡିଛି । ମାଙ୍କ ଦର୍ଶନ ଓ କରୁଣା ଲାଭ ପାଇଁ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଭିଡ ଲାଗି ରହିଛି ।

ଚମଡ଼ା ବୋଝେଇ ପିକ୍‌ଅପ୍ ଗାଡ଼ି ଜବତ

କୁଆଁପାଳ,(ସବ୍ୟୁର) ମାହାଙ୍ଗା ଥାନା ଅନ୍ତର୍ଗତ କୁଆଁପାଳ-ବାଲିଚନ୍ଦ୍ରପୁର ପୂର୍ତ ସଡକର ଅଡମ ମହେଶପୁର କେନାଲ ସେତୁ ନିକଟରେ ଏକ ଚମଡା ବୋଝେଇ ପିକଅପ ଓଡି ୦୫ଆର ୫୭୪୨ନମ୍ବର ଗାଡିକୁ ମାହାଙ୍ଗା ପୋଲିସ ଜବତ କରିଥିବା ଜଣାଯାଇଛି। ମାହାଙ୍ଗା ବ୍ଲକ ଅନ୍ତର୍ଗତ ରାମକାପୁର ମୋଠଜାରୁ ଆଜି ପ୍ରାୟ ୧୨ଟା ସମୟରେ କୁଆଁପାଳ-ବାଲିଚନ୍ଦ୍ରପୁର ପୂର୍ତ ରାସ୍ତାର ବାଲିଚନ୍ଦ୍ରପୁର ଅଭିମୁଖେ ଏକ ଚମଡା ବୋଝେଇ ପିକଅପ ଗାଡି ଯାଉଥିବା ସମୟରେ ସ୍ଥାନୀୟ ଅଂଚଳର କିଛି ଯୁବକ ଅଡମ ପୋଲ ନିକଟରେ ଗାଡିଟିକୁ ଅଟକାଇ ଗାଡି ଚାଳକକୁ ଏହି ଗାଡିରେ କଣ ଯାଉଛି ବୋଲି ପଚାରିଥିଲେ। ଚତୁରତାର ସହ ଗାଡି ଚାଳକ ଶୁଖୁଆ ଯାଉଥିବା କହି ଖସିଯିବାକୁ ଉଦ୍ୟମ କରୁଥିବା ସମୟରେ ସ୍ଥାନୀୟ ଯୁବକ ମାନେ ଗାଡି ଅଟକାଇ ପଛ ଡାଲା ଖୋଲି ଦେଖନ୍ତି ତ ଏଥିରେ ଚମଡା ବୋଝେଇ ହୋଇଥିବା ଦେଖିବାକୁ ପାଇଥିଲେ। ଏହି ଗାଡିରେ ଥିବା ଚମଡାକୁ ଦେଖିବା ସମୟରେ କୋଠଶଳ କ୍ରମେ ଗାଡିଚାଳକ ବିରୂପା ନଦୀ ତଟ ବଣ ମଧ୍ୟକୁ ପଳାଇ ଯାଇଥିଲେ। ସ୍ଥାନୀୟ ଯୁବକ ମାନେ ୧୧୨କୁ ଫୋନ କରିବା ପରେ ମାହାଙ୍ଗା ପୋଲିସ ଘଟଣା ସ୍ଥଳରେ ପହଂଚି ଚମଡା ବୋଝେଇ ଗାଡିଟିକୁ ଜବତ କରିବା ସହ ଥାନାରେ ଅଟକ ରଖିଥିଲେ। ପୋଲିସ କହିବା ଅନୁଯାୟୀ ପ୍ରାଣୀ ଚିକିସିକ ଆସି ଗାଡିରେ ଥିବା ଚମଡା ଗୁଡିକର ଅନୁଧ୍ୟାନ କରିବା ପରେ ପରବର୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାଏ ନେଇ ମାହାଙ୍ଗା ଆଇଆଇସି ଯୁଗଳ କିଶୋର ଦାସଙ୍କୁ ଯୋଗାଯୋଗ କରିବାରୁ ତଦନ୍ତ ଚାଲୁ ରହିଥିବା କହିଥିଲେ।

ଗହୀରମଥାରୁ ଟ୍ରଲର ଜବତ, ୯ ମତ୍ସ୍ୟଜୀବୀ ଗିରଫ

ରାଜନଗର (ସ୍ପ୍ୟୁ) ଗହୀରମଥା ସାମୁଦ୍ରିକ ନିଷିଦ୍ଧାଞ୍ଚଳର ଏକାକୁଳା ଠାରୁ ୩ କିଲୋମିଟର ଦୂରରେ ଏକ ଟ୍ରଲର ବେଆଇନ ଭାବେ ମାଛ ଧରୁଥିବା ବେଳେ ବନ ବିଭାଗ ହାତରେ ଧରାପଡ଼ିଛି ଓ ୯ ମତ୍ସ୍ୟଜୀବୀ ଗିରଫାରାଜନଗର ଡ଼ିଏଫଓ ଭରଦରାଜ ଗାଓଁକରଙ୍କ ନିର୍ଦେଶକ୍ରମେ ଗହୀରମଥା ରେଞ୍ଜର ଚିତ୍ରସେନ ଜେନାଙ୍କ ନେତୃତ୍ୱରେ ବନକର୍ମଚାରୀ ଗଭୀର ସମୁଦ୍ରରେ କଇଁଛମାନଙ୍କୁ ସୁରକ୍ଷା ଦେବାପାଇଁ ପଇଁତାର ଦେଉଥିବା ସମୟରେ ଟ୍ରଲର କୁ ଜବଦ କରିଥିଲେ ।

AFFIDAVIT

By virtue of an Affidavit Before Executive Magistrate Banki No:3331/ Dt,07/11/2026 I Naresh Kumar Age 52 years old, S/O- Shyam Sunder, Vill- Kumusar , PO : Nuagaon, P S: Banki Dist : Kataka I Declared that in my Voter ID name is Nrisinha Charan Sahu and Father name is Shjam Sahu, But in my SBI Account No: 30383427170 My name recorded Nrusingh charan Sahio, S/O: Shyam Sunder Sahoo, So, NARESH KUMAR, Nrisinha charan Sahu and Nrusingh charan Sahoo, S/O Shyam Sunder is one and same person in our locality for All purpose.

Sd/ Naresh Kumar

AFFIDAVIT

By virtue of an Affidavit Before the Executive Magistrate Bhubaneswar. this affidavit no. 65, on deted.09.11.2026. I Brij Kishor, S/o- Late Kulamani, Resident of flat No-D-203, 2nd floor, Apollo Ashiana, Palasuni Hat, GGP Colony, Bhubaneswar, Dist- Khordha, Pin- 751025. Declared that I have changed my minor son's name from Baibhav Mohan to Baibhav Mohanty. Henceforth, I shall be known as Baibhav Mohanty for all purposes.

Sd/- Brij Kishor

13001/2400/2627

KATAKA MUNICIPAL CORPORATION

"e" PROCUREMENT NOTICE

Bid Reference No. MC(KMC) KTC _ EL_No.7/2026-27

Tender ID : 2026_ORULB_144603

Tender Call Notice No. 10562 (PW) Date. 07.11.2026

Name of Works	:	Electrical Works
No of Works	:	01
Bid Value	:	Rs. 31.53 Lakh
Period of Completion	:	Two Calendar Months
Date and Time schedule	:	

Start	End	Opening
12.00 PM on dt. 11.11.2026	5.00 PM on dt. 20.11.2026	11:00 A.M. on dt.23.11.2026

Tender Details : can be seen from the procurement portal: www.tendersorissa.gov.in

Sd/- Executive Engineer (Electrical)

OIPR : 13001/13031/1/26-27/0080

CENTRAL INSTITUTE OF PETROCHEMICALS ENGINEERING & TECHNOLOGY (CIPET)
CENTRE FOR SKILLING AND TECHNICAL SUPPORT (CSTS)
Department of Chemicals & Petrochemicals, Ministry of Chemicals and Fertilizers (Govt of India)
Plot No. S-3/79, Sector-A, Zone-B, Mancheswar Industrial Estate, Bhubaneswar, Odisha
Ph. No. 0674-2588392/ 2587874, E-mail: mcti@cipet.gov.in/cipetsat@gmail.com
Website: www.cipet.gov.in

ବେରୋଜଗାର ଇଚ୍ଛୁକ ଅନୁସୂଚିତ ଜାତି (SC) ପ୍ରାର୍ଥୀ/ପ୍ରାର୍ଥିନୀମାନଙ୍କ ପାଇଁ ନିଶୁଳ୍କ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ
ପୃଷ୍ଠପୋଷକତା: ଏନ୍‌ଏସ୍‌ଏଫ୍‌ଡିସି (NSFDC), New Delhi

ଚଳିତ ୨୦୨୬-୨୦୨୭ ବର୍ଷରେ CIPET ନିମ୍ନୋକ୍ତ ଚାରି ମାସିଆ ସ୍ୱତନ୍ତ୍ର ଧନ୍ୟାମୂଳକ ବୈଷୟିକ ତାଲିମ ଯୋଗାଇଦେବା ପାଇଁ ଓଡ଼ିଶାରେ ବାସ କରୁଥିବା ଅନୁସୂଚିତ ଜାତି (SC) ବର୍ଗର ପ୍ରାର୍ଥୀ/ ପ୍ରାର୍ଥିନୀମାନଙ୍କ ଠାରୁ ନିମ୍ନ ପ୍ରଦତ୍ତ ଦରଖାସ୍ତ ଆହ୍ୱାନ କରାଯାଇଛି ।

ତାଲିମ ଯୋଗାଇଦେବା ବିଷୟ ଓ ଶିକ୍ଷାଗତ ଯୋଗ୍ୟତା				
କ୍ର.ଙ୍କ	ପାଠ୍ୟକ୍ରମର ନାମ	ପ୍ରବେଶ କ୍ଷମତା	ଶିକ୍ଷାଗତ ଯୋଗ୍ୟତା	ଅବଧି	ବୟସ ସୀମା
୧.	ମେସିନ୍ ଅପରେଟର ଆଣ୍ଡ ପ୍ରୋଗ୍ରାମ୍ - ସି.ଏନ୍.ସି ମିଲିଙ୍ଗ୍	୪୦	ଦ୍ୱାଦଶ ଓ ତଦୂର୍ଦ୍ଧ	୪ ମାସ	୧୮-୪୫ ବର୍ଷ

- ଦେୟ ମୁକ୍ତ ଶିକ୍ଷା, ରହିବା ଏବଂ ଖାଇବା: ରହିବା ଏବଂ ଖାଇବା ସହିତ ପାଠ ପଢ଼ିବାର କାର୍ଯ୍ୟକ୍ରମ ପାଇଁ ସମସ୍ତ ଖର୍ଚ୍ଚ ଏନ୍‌ଏସ୍‌ଏଫ୍‌ଡିସି (NSFDC) New Delhi, ବହନ କରିବ ।
- ଆବେଦନ କରିବାର ପଦ୍ଧତି: ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥିନୀମାନେ ଉପରେ ଦିଆଯାଇଥିବା ୱିପେଟ୍ ଠିକଣାରେ ସ୍ୱ-ହସ୍ତଖତ ଥିବା ସମସ୍ତ ଆବଶ୍ୟକୀୟ କାଗଜପତ୍ର ଯଥା: ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର, ଜାତିଗତ ପ୍ରମାଣପତ୍ର, ଆଧାରକାର୍ଡ, ଆୟ ପ୍ରମାଣପତ୍ର / ବିପିଏଲ୍ କିମ୍ବା ରାସନ କାର୍ଡ ଏବଂ ପାସପୋର୍ଟ ସାଇଜର ୫ଟି ରଙ୍ଗିନ ଫଟୋ ସହିତ ସିଧାସଳଖ ସାକ୍ଷାତ କରିପାରିବେ ।

ବି.ଦ୍ର.: କୌଣସି କାରଣ ନଦର୍ଶାଇ, ଯେକୌଣସି ବା ସମସ୍ତ ଦରଖାସ୍ତ ନାକଚ କରିବାର ଅଧିକାର କର୍ତ୍ତୃପକ୍ଷଙ୍କର ଅଛି ।

ଅଧିକ ବିବରଣୀ ପାଇଁ ଯୋଗାଯୋଗ: 8329641425 / 95836 68047 / 9337143007

OFFICE OF THE PRINCIPAL
PANCHAYAT SAMITI HIGHER SECONDARY SCHOOL, MURIBAHAL

P.S. Higher Secondary Schoo, Muribahal
Dist.- Balangir (Odisha)
Pin-767037
CHSE CODE - BA22

UDIES CODE-21240914084
Cell No-9437367435(Prin)
E-mail-id psjuniorcollegemuribahal@gmail.com
SAMS CODE-05134101

Ref. No-133/PSHSS/2026 Date : 09.11.2026

WALK- IN- INTERVIEW

An Interview for the posts of Lecturer- in- History (Self-Finance), Lecturer- in-Economics (Self-Finance), Lecturer- in- Odia (Self-Finance), Assistant Librarian (Guest Faculty) and a peon (Self-Finance) is scheduled to be held in Panchayat Samiti Higher Secondary School, Muribahal on date. 18.11.2026 (Wednesday) from 11.00 A.M To 2.00 P.M. Interested candidates for the said lecturers post having at least 55% of Marks in P.G. level, the Asst. Librarian should have minimum of B. Lib. degree and a peon should be a Matriculate . Preference shall be given to the B.Ed candidates for the post of Lecturers.

N.B.- No TA, DA will be given to the applicants.

Sd/- Principal-cum-Secretary
P.S. Higher Secondary School, Muribahal
Contact No. 9437367435

हाइ-टेक् मेଡ଼िକାଲ୍ କଲେଜ୍ ଆଣ୍ଡ୍ ହସ୍ପିଟାଲ
ହେଲ୍‌ଥ ପାର୍କ, ଆର୍.ଜି.ଏର୍ କ୍ୟାମ୍ପସ୍ ନିକଟ, ରାଉରକେଲା,
ଜିଲ୍ଲା- ସୁନ୍ଦରଗଡ଼, ଥାନା- ରଘୁନାଥପାଲି, ପିନ୍ - ୭୬୯୦୦୪

ମେଡିକାଲ୍ ଇନ୍-ପେସେଣ୍ଟ୍ ରେକର୍ଡ ନଷ୍ଟ କରିବା ସମ୍ବନ୍ଧୀୟ ବିଜ୍ଞପ୍ତି

ହାଇ-ଟେକ୍ ମେଡ଼ିକାଲ୍ କଲେଜ୍ ଆଣ୍ଡ୍ ହସ୍ପିଟାଲ୍, ହେଲ୍‌ଥ ପାର୍କ, ଆର୍.ଜି.ଏର୍ କ୍ୟାମ୍ପସ୍ ନିକଟରେ, ରାଉରକେଲା, ଜିଲ୍ଲା – ସୁନ୍ଦରଗଡ଼, ଥାନା– ରଘୁନାଥପାଲି, ପିନ୍ – ୭୬୯୦୦୪ରେ ଭର୍ତ୍ତି ହୋଇଥିବା ସମସ୍ତ ରୋଗୀ ଏବଂ ତାଙ୍କ ପରିବାର ସଦସ୍ୟ / ସମ୍ପର୍କୀୟମାନଙ୍କୁ ଏହା ଦ୍ୱାରା ଜଣାଇ ଦିଆଯାଉଛି ଯେ, NMC ନିୟମାବଳୀ, ୨୦୦୨ ର ୧.୩ ମେଡିକାଲ୍ ରେକର୍ଡ ରକ୍ଷଣାବେକ୍ଷଣ ପରିଶିଷ୍ଟ ୩ ଅନୁଯାୟୀ, ହସ୍ପିଟାଲ୍ କର୍ତ୍ତୃପକ୍ଷ ୧ ଜାନୁଆରୀ ୨୦୧୧ରୁ ୩୧ ଅଗଷ୍ଟ ୨୦୨୧ ପର୍ଯ୍ୟନ୍ତ ଭୋଗୀମାନଙ୍କର ମେଡିକାଲ୍ ରେକର୍ଡ ନଷ୍ଟ କରିବେ । ଏଥିରୁ ବର୍ତ୍ତମାନର ନିୟମିତ, ମେଡିକୋ ଲିଗାଲ୍ କେସ୍ (MLCs) ଏବଂ ମୃତ୍ୟୁ ରେକର୍ଡକୁ ବାଦ୍ ଦିଆଯାଇଛି ।

ଉକ୍ତ ସମୟ ମଧ୍ୟରେ ନିଜର ଫାଇଲ୍ ନେବାକୁ ଇଚ୍ଛୁକ ରୋଗୀ / ପରିବାର ସଦସ୍ୟ / ସମ୍ପର୍କୀୟମାନେ ପରିଚୟ ପ୍ରମାଣପତ୍ର ଦେଖାଇ ୧୦ ଡିସେମ୍ବର ୨୦୨୬, ବିନ ୧୨ଟା ପୂର୍ବରୁ ନିଜେ ଆସି ନିଜର ରେକର୍ଡ ନେଇପାରିବେ । ଏହା ପରେ କୌଣସି କାରଣରୁ ରେକର୍ଡ ମାଗିଲେ ହସ୍ପିଟାଲ୍ କର୍ତ୍ତୃପକ୍ଷ ଦେବାକୁ ବାଧ୍ୟ ରହିବେ ନାହିଁ ।

ମେଡିକାଲ୍ ସୁପରିଣ্টেণ্ডেণ্ট
ହାଇ-ଟେକ୍ ମେଡିକାଲ୍ କଲେଜ୍ ଆଣ୍ଡ୍ ହସ୍ପିଟାଲ୍, ରାଉରକେଲା

ସହକାରୀ ଉଦ୍ୟାନକୃଷି ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା
1001/219/2627

ଆଳୁ ଚାଷ ସମ୍ବନ୍ଧୀୟ ସଚେତନତା ବାର୍ତ୍ତା

ଏତଦ୍ଦ୍ୱାରା ଖୋର୍ଦ୍ଧା ଉପଖଣ୍ଡ ଅନ୍ତର୍ଗତ ସମସ୍ତ ଚାଷୀଭାଇ ଓ ଭଉଣୀମାନଙ୍କୁ ଅବଗତ କରାଯାଉଛି ଯେ, ଚଳିତ ରବି ଋତୁରେ ଆଳୁ ଚାଷ ପାଇଁ ଉନ୍ନତ କିସମର ବିହନ କୁପ୍ରି ଜ୍ୟୋତି ନଭେମ୍ବର ମାସ ୧୪ ତାରିଖ ପରଠାରୁ ଖୋର୍ଦ୍ଧା ଜିଲ୍ଲାର ଜିଲ୍ଲାର ବିଭିନ୍ନ ବୁକ୍‌ସ୍ଥିତ ସହକାରୀ ଉଦ୍ୟାନକୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ହେବ । ଜଣେ ଚାଷୀଙ୍କୁ ସର୍ବନିମ୍ନ ୦.୧ ହେକ୍ଟର ପାଇଁ ୧୫୦ କି.ଗ୍ରା. ଓ ସର୍ବୋଚ୍ଚ ୦.୨ ହେକ୍ଟର ପାଇଁ ୩୦୦ କି.ଗ୍ରା ଆଳୁ ବିହନ ମିଳିବ । ଆଳୁ ବିହନକୁ ଉଚ୍ଚା ଜରି ଓ ବିଶୋଧନ କରି ଲଗାଇବା ଆବଶ୍ୟକ । ୦.୧ ହେକ୍ଟର ପାଇଁ ଉନ୍ନତ ଆଳୁ ବିହନ ୧୫୦ କିଲୋର ମୂଲ୍ୟ (ଚାଷୀ ଭାଗ) ଟ. ୯୩୭.୫୦ ପ. ଦାଖଲ କରିବାକୁ ପଡ଼ିବ ଏବଂ ଚାଷୀ ଆଳୁ ଲଗାଇବା ଓ ଅମଳ କରିବା ସମୟର ଜିଓ–ଟ୍ୟାଗ୍ ଫଟୋ ଦାଖଲ ହେବା ପରେ ଉକ୍ତ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଟ.୬,୮୮୭.୫୦ ପ. ହିସାବରେ ଅନୁଦାନ ରାଶି ଦିଆଯିବ ।

ଆଳୁ ଚାଷ କରିବା ପାଇଁ ଇଚ୍ଛୁକ ଚାଷୀଭାଇମାନେ ସେମାନଙ୍କ ଆଧାର, ଜମିପଟ୍ଟା, ବ୍ୟାଙ୍କ ଜମାଖାତାର ନକଲ ଏବଂ ପାସପୋର୍ଟ ଫଟୋ ସହିତ ଆଳୁ ବିହନ ବାବଦରେ ଧାର୍ଯ୍ୟ ମୂଲ୍ୟ ଯଥାଶୀଘ୍ର ବୁକସ୍ତରୀୟ ଉଦ୍ୟାନକୃଷି କାର୍ଯ୍ୟାଳୟରେ ଦାଖଲ କରିବାକୁ ଅନୁରୋଧ ।

ନିବେଦକ
ସହକାରୀ ଉଦ୍ୟାନକୃଷି ନିର୍ଦ୍ଦେଶକ, ଖୋର୍ଦ୍ଧା

OIPR : 1001/1419/1/26-27/0002

Government of Odisha
Office of the Superintending Engineer-Cum-Deputy Electrical Inspector,Anugola

Qtr No.CCC-11,CISF Colony,Nalco Nagar,Anugola, Pin-759145
Email-Id- deiangul-od@od.gov.in
4001/409/2627 No. 01 Dt. 09.11.2026

QUOTATION/TENDER CALL NOTICE FOR HIRING OF VEHICLE

Sealed tenders are invited from interested reputed Travel Agencies / Tour Operators/ Private Individuals for providing 1 (One) No. of vehicle (BS-VI compliant EV driven AC 4-wheeler vehicle) including driver, which shall confirm to the terms and conditions (Annexure-1) for official used by SE cum DEI, Anugola on monthly rent basis for contract period of 3 years. The quotation completed in all respect should reach the undersigned by Regd. Post/ Speed Post or by person with proper acknowledgment on or before 07.12.2026 by 1.00 PM and will be opened on the 07.12.2026 at 04.00 PM by the tender opening committee in the O/o SE-Cum-Deputy Electrical Inspector, Anugola in the presence of the bidders or their authorized representatives.

The application form of quotation / Tender containing General bid information & terms and condition for hiring of vehicle etc. will be available in the office of SE-Cum- Deputy Electrical Inspector, Anugola from 16.11.2026 to 07.12.2026 up to 01.00 PM and also downloaded from website www.eicelectricityodisha.nic.in .

Complete Address for submission of Tender

Office of the SE-Cum- Deputy Electrical Inspector, Anugola, At-Qtr. No. CCC/11,CISF Colony, Po/Ps-Nalco Nagar, Dist-Anugola,Pin-759145

Sd/- S.E-Cum-D.E. I, Anugola

OIPR : 4001/4043/1/26-27/0001

OFFICE OF THE TREASURY OFFICER,
DISTRICT TREASURY, KHORDHA, BHUBANESWAR.

5001/22/2627

Tender Call Notice

Sealed tender in the prescribed format are invited from interested and eligible Travel Agencies, Tour Operators, Service Providers and Private Individuals having valid GST registration and GeM registration for providing **one Electric Vehicle (EV), along with a qualified driver**, for official use in District Treasury, Khordha, Bhubaneswar, on a monthly hiring basis, in accordance with Finance Department O.M. No. 15836/F dated 27.05.2025, O.M. No. 14583/F dated 04.06.2026 and O.M. No. 26618/F dated 12.10.2026.

Sl. No.	Type of Vehicle	No. Required	Maximum Monthly Hiring Charges	Charging Cost
1.	New Electric Passenger Car (Tata Tiago EV/ Tigor EV	01 (One)	Rs. 50,000/- excluding applicable taxes and charging costs	Rs. 2/- per km, subject to Government guidelines

The terms & conditions for official use of a hire vehicle in the District Treasury, Khurdha, Bhubaneswar on monthly rent basis as per the rate quoted vide Finance Department Office Memorandum No. 14583/F dt.04.06.2026. The Quotation completed in all respect should reach the undersigned on or before 20.11.2026 by 5.00 P.M. and shall be opened on 20.11.2026 at 5.30 P.M. The authority reserves the right to accept or reject any tender without assigning any reason thereof.

Other terms and conditions may either be downloaded from website of the Directorate of Treasuries & Inspection, Odisha, Bhubaneswar (www.odishatreasury.gov.in/webportal/newtender.do) or can be collected free of cost from this office during working hours from dt. 10.11.2026 to 20.11.2026.

Sd/- TREASURY OFFICER, DISTRICT TREASURY, KHORDHA, BHUBANESWAR

OIPR : 5001/5017/1/26-27/0002

ରେଳପଥ ମନ୍ତ୍ରାଳୟ
[ପୂର୍ବତଟ ରେଳପଥ (ନିର୍ମାଣ)]
ବିଜ୍ଞପ୍ତି

ଭୁବନେଶ୍ୱର, 13 ଅକ୍ଟୋବର , 2026

ରେଳବାଇ ଅଧିନିୟମ, ୧୯୮୯ର ଧାରା ୨୦E ଅନୁଯାୟୀ ବିଜ୍ଞପ୍ତି

ଏସ.ଓ. 5616(ଇ).—ଯେତେବେଳେ, ଭାରତ ସରକାରଙ୍କ ବିଜ୍ଞପ୍ତି ଦ୍ୱାରା, ରେଳ ମନ୍ତ୍ରଣାଳୟ (ପୂର୍ବ ତଟ ରେଳପଥ, ନିର୍ମାଣ ସଂଗଠନ), ବିଜ୍ଞପ୍ତି ସଂଖ୍ୟା- 412 ତାରିଖ 25 ଜାନୁଆରୀ

୨୦ 30th ANNIVERSARY
ସମୟ
ପ୍ରତିଷ୍ଠାତା : ବସନ୍ତ କୁମାର ବିଶ୍ୱାଳ
ମଙ୍ଗଳବାର, ୧୦ ନଭେମ୍ବର ୨୦୨୬
ତ୍ରିଂଶତମ ବିଶେଷାଙ୍କ

ତାରକସି ହବ୍ ନିର୍ମାଣ କାର୍ଯ୍ୟର ସମୀକ୍ଷା କଲେ ବିଧାୟିକା



କଟକ, (ସ୍ୱପ୍ର): କଟକର ଐତିହ୍ୟ ତଥା ରୂପା ତାରକସି ଶିଳ୍ପର ପ୍ରଚାର ଓ ପ୍ରସାର ପାଇଁ ନିର୍ମାଣାଧୀନ 'ତାରକସି ହବ୍' କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଛନ୍ତି ବାରବାଟୀ-କଟକ ବିଧାୟିକା ସୋଫିଆ ଫିରଦୋସ । ସୋମବାର ଅପରାହ୍ନରେ ବିଧାୟିକା ସୋଫିଆ ଫିରଦୋସ ନିର୍ମାଣସ୍ଥଳରେ ପହଞ୍ଚି ସ୍ଥିତି ଅନୁଧାନ କରିବା ସହ ଉପସ୍ଥିତ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନଙ୍କ ସହିତ ଆଲୋଚନା କରିଥିଲେ । କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ତଥ୍ୟ ନେବା ସହ କାମକୁ ଆହୁରି ତ୍ୱରାନ୍ୱିତ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ ବିଧାୟିକା କହିଥିଲେ ଯେ, ତାରକସି କଳା କଟକ ସହରର ଏକ ସ୍ୱତନ୍ତ୍ର ପରିଚୟ । ତେଣୁ ଏହି ପ୍ରକଳ୍ପର ଗୁଣବତ୍ତା ସହ କୌଣସି ପ୍ରକାର ବୁଝାମଣା କରାଯିବ ନାହିଁ । ନିର୍ମାଣ କାର୍ଯ୍ୟର ସର୍ବୋଚ୍ଚ ମାନ ବଜାୟ ରଖିବା ସହିତ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମସ୍ତ କାର୍ଯ୍ୟ ଶେଷ କରିବା ଉପରେ ସେ ବିଶେଷ ଗୁରୁତ୍ୱାରୋପ କରିଥିଲେ ।

ସୁନ୍ଦରଗ୍ରାମରେ ରାମଚରିତ ମାନସ

କଣ୍ଟାପଡ଼ା, (ସବୁ୍ୟ): ଓଲଟପୁର ଥାନା ଅନ୍ତର୍ଗତ ସୁନ୍ଦରଗ୍ରାମଠାରେ ଥିବା ସୁନ୍ଦର ଫିଲିଙ୍ଗ ଷ୍ଟେସନ ପକ୍ଷରୁ ବାର୍ଷିକ ଶ୍ରୀରାମ ଚରିତ ମାନସ ପାରାୟଣ ଅନୁଷ୍ଠିତ ହୋଇଯାଇଛି ।ପଣ୍ଡିତ ରବିନାରାୟଣ ପଣ୍ଡା ଓ ସାଥିମାନେ ପାରାୟଣ ପରିବେଷଣ କରିଥିଲେ । ଏହି ଅବସରରେ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ଅନୁଷ୍ଠାନ ମୁଖ ସୁନ୍ଦରପ୍ରଭାତ ଦାସ ସମ୍ମାନିତ କରିଥିଲେ । ପ୍ରାକ୍ତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ, କାପଡ଼ା ବ୍ଲକ ଆମ୍ବା ଅଧ୍ୟକ୍ଷ ପ୍ରଦୀପ୍ତକୁମାର ପାତ୍ର, ସମିତି ସଭ ସତବ୍ରତ ଜେନା, ପ୍ରାକ୍ତନ ସମିତି ସଭ କୈଳାସଚନ୍ଦ୍ର ସାହୁ, ଇଂ.ଫଣିଭୂଷଣ ମହାନ୍ତି, ବାବନଚନ୍ଦ୍ର ମହାନ୍ତି, ଓମପ୍ରସାଦ ମିଶ୍ର, ଅଜିତ ସାହୁ, ପ୍ରତାପଚନ୍ଦ୍ର ପଣ୍ଡା, ପ୍ରକୃତିବନ୍ଧୁ ବିପିନ ବେହେରା, କଟକ ସଦର ପ୍ରେସ କ୍ଲବ ସମ୍ପାଦକ ପ୍ରତାପକେଶରୀ ପାତ୍ର, ପ୍ରାକ୍ତନ ସରପଞ୍ଚ ଦିଲୀପକୁମାର ପାତ୍ର, ଅଜୟ ପତି, ଶରତକୁମାର ଆଚାର୍ଯ୍ୟ, ମନୋରଂଜନ ଦାଶ, ସଦାଶିବ ପାଲ ପ୍ରମୁଖ ଯୋଗଦେଇଥିଲେ । ମିତ୍ରା ଦାସ ଓ କ୍ରିଶୁ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ସୁନ୍ଦରପବିତ୍ର ଦାସ, ସୁନ୍ଦରପ୍ରବୀଣ ଦାସ, ଶୁଭମ ଦାସ, ସ୍ୱାତୀ ଦାସ, ସତମ ଦାସ, ଶ୍ରାବଣୀ ଦାସ, ଅଜୟ ସାହୁ, ସୁବାସ ରାୟ, ଅନ୍ତର ସାହୁ, ନୃସିଂହ ବେଉରା, ପ୍ରସନ୍ନ ସିଂ, ସୁରେନ୍ଦ୍ର ଶର୍ମା ଓ ଜଗନ୍ନାଥ ସାମଲ ସହଯୋଗ କରିଥିଲେ ।

ଡ୍ରିମ୍‌ସରେ ପିଏଚ୍‌ଡି ପାଠ୍ୟକ୍ରମ ଅଭିମୁଖୀକରଣ କାର୍ଯ୍ୟକ୍ରମ

କଟକ, (ସ୍ୱପ୍ର): ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ରିସର୍ଚ୍ଚ ଓ ଡେଭଲପ୍‌ମେଣ୍ଟ ସେଲ୍ ଆନୁକୂଲ୍ୟରେ ପିଏଚ୍‌ଡି ପାଠ୍ୟକ୍ରମ ଅଭିମୁଖୀକରଣ କାର୍ଯ୍ୟକ୍ରମ-୨୦୨୬ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମକୁ ଅଭାସୀ ମାଧ୍ୟମରେ ଉଦଘାଟନ କରି ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ନିମନ୍ତ୍ରିତ ଅତିଥିଙ୍କୁ ସ୍ୱାଗତ କରିବା ସହିତ ଗବେଷଣାରତ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ଗୋପାଳକୃଷ୍ଣ ନାୟକଙ୍କ ପୋଠରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭୁବନେଶ୍ୱର ସ୍ଥିତ ଏକ୍ସଆଇଏମ ବିଶ୍ୱବିଦ୍ୟାଳୟର ପରିଚାଳନା ଏବଂ ନିଷ୍ପତ୍ତି ବିଜ୍ଞାନ ବିଭାଗର ପ୍ରଫେସର ଡ. ଉଇନ୍‌ଫ୍ରେଡ୍ ଏସ୍ ଉଇଲିୟମ୍ ଗବେଷଣାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିବା ଅବସରରେ ସଂପ୍ରତି ଏକ୍ଷେତ୍ରରେ ଦେଖାଦେଇଥିବା ବିଭିନ୍ନ ଆହ୍ୱାନ ଓ ସୁଯୋଗକୁ କିଭଳି ସଠିକ୍ ଉପଯୋଗ କରି ସଫଳତା ମିଳିବ ସେ ଉପରେ ଅଭିମତ ଦେଇଥିଲେ । ବିଶ୍ୱବିଦ୍ୟାଳୟର ଉପ କୁଳପତି ପ୍ରଫେସର ଡ. ରମାକାନ୍ତ ପାଣିଗ୍ରାହୀ ଗବେଷଣା ଅବଧି ଭିତରେ ବି ଜଣେ କିଭଳି ବିଭିନ୍ନ ପ୍ରୋଜେକଫ ପ୍ରସ୍ତୁତି କରି ସରକାରଙ୍କ ଦ୍ୱାରା ପ୍ରଦତ୍ତ



ପ୍ରୋସିାହନମୂଳକ ସହାୟତା ପାଇବା ସହ ନିଜ ଜ୍ଞାନର ପରିସୀମା ବୃଦ୍ଧି ଘଟାଇ ପାରିବ ସେ ସଂପର୍କରେ ସୂଚନା ଦେଇଥିଲେ । ଡିନ୍ (ଗବେଷଣା) ଡ. ବିଶ୍ୱରଂଜନ ମହାନ୍ତି ପ୍ରାରମ୍ଭିକ ସୂଚନା ଓ ସ୍ୱାଗତ ଅଭିଭାଷଣ ଏବଂ ପ୍ରାଧାପିକା ଡ. ଦେବଯାନୀ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ଡିନ୍ ଡ. ନୟନ ରଂଜନ ସାମବଲ, ଡ. ରଘୁନାଥ ସାହୁ, ଡ. ଅମୂଲ୍ୟରନି ବେହେରା, ଡ. ପ୍ରଥ୍ମା ପ୍ରକାଶମ୍, ଡ. କୁମ୍ଭକର୍ଣ୍ଣ ରାଉତଙ୍କ ସମେତ ବିଭିନ୍ନ ବିଭାଗର ବିଭାଗୀୟ ମୁଖ୍ୟ, ଅଧ୍ୟାପକ, ଅଧ୍ୟାପିକା ଓ ଗବେଷକ ଯୋଗଦେଇଥିଲେ । ଏହି ଅବସରରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ମୁଖ୍ୟ ଅତିଥିଙ୍କୁ ଉତ୍ତରୀୟ ଓ ଉପଢୋଠକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

କୁଞ୍ଜ ବିହାରୀ ମଠରେ ଗୋବର୍ଦ୍ଧନ ଉତ୍ସବ

କଟକ, (ସ୍ୱପ୍ର): ଚାଉଳିଆଗଞ୍ଜ ସ୍ଥିତ କୁଞ୍ଜ ବିହାରୀ ମଠରେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଗୋବର୍ଦ୍ଧନ ଉତ୍ସବ ଭକ୍ତି ଓ ଆଧ୍ୟାତ୍ମିକ ପରିବେଶ ପାଳିତ ହୋଇଯାଇଛି । ଏହି ଅବସରରେ ମଠ ପରିସରରେ ବିରାଜମାନ ଭଗବାନ ଶ୍ରୀକୃଷ୍ଣଙ୍କର ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥାଏ । ଗୋବର୍ଦ୍ଧନ ପର୍ବତ ଧାରଣ କରି ଶ୍ରୀକୃଷ୍ଣ ବୃନ୍ଦାବନବାସୀଙ୍କୁ ଇନ୍ଦ୍ରଙ୍କ କୋପରୁ ରକ୍ଷା କରିଥିବା ପୌରାଣିକ ଘଟଣାକୁ ସ୍ମରଣ କରି ଏହି ଉତ୍ସବ ପାଳନ କରାଯାଇଥାଏ । ଏହା ଅନ୍ନକୂଟ ଉତ୍ସବ ନାମରେ ମଧ୍ୟ ପରିଚିତ । ଉତ୍ସବରେ ବହୁ ସଂଖ୍ୟାରେ ଭକ୍ତବୃନ୍ଦ ସାମିଲ ହୋଇ ପ୍ରଭୁଙ୍କ ଆଶୀର୍ବାଦ ଲାଭ କରିବା ସହ ପ୍ରସାଦ ସେବନ କରିଥିଲେ । ଏହି ଉତ୍ସବରେ ମଠର ମ୍ୟାନେଜିଂ ଟ୍ରଷ୍ଟି ସଂଗ୍ରାମ କେଶରୀ ପାତ୍ର, ସଭ୍ୟ ପବିତ୍ର କୁମାର ପାତ୍ର, ସୁରେନ୍ଦ୍ର ନାଥ ସାହୁ, ଲକ୍ଷ୍ମୀଧର ସାହୁ, ଅଜୟ ପାତ୍ର, ମହେଶ ପାଟରା, ପ୍ରଭାତ ପୃଷ୍ଟି, ପୂର୍ବତନ କର୍ପୋରେଟର ମୀନତୀ ସାହୁ, ସବିତା ପାତ୍ର, ପୂର୍ଣ୍ଣିମା ପାତ୍ର, ବିଜୟ ପାତ୍ର, ଶିଶିର ପାତ୍ର, ଶିବ ସାହୁ, ଗୁମାସ୍ତା ରବିନ୍ଦ୍ର ନାଥ ଷଙ୍ଗୀ (କାଳିଆ ନନା), ଅଧିକାରୀ ସୁରେନ୍ଦ୍ର ସାହୁ, ପୂଜକ ବୈରାଗୀ ଚରଣ ପଣ୍ଡାଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।



ମାକାଓ ଗୁରାଣ୍ଡି ମଲେ : ନନ୍ଦନକାନନରେ ଆଉ କେତେ ମଲେ ନିଦ ଭାଙ୍ଗିବ?

ବାରଙ୍ଗ,(ସବୁ୍ୟ):: ପ୍ରଚାରରେ ଆଗ, ସୁରକ୍ଷାରେ ପଛ! ନନ୍ଦନକାନନର ଏହି ଛବି ଏବେ ପୁଣି ସାମ୍ନାକୁ ଆସିଛି । ସ୍କାରଲେଟ୍ ମାକାଓଙ୍କ ମୃତ୍ୟୁ ଶୋକ ମଉଳିନି, ଏବେ ଗୋଟିଏ ଗୁଡୁନି (ମାଉସ ଡିଅର୍) ର ମୃତ୍ୟୁ ହୋଇଛି ।ଅସୁସ୍ଥ ଥିଲା, ଚିକିତ୍ସା ଚାଲିଥିଲା, ତଥାପି ମଲା । ଏହା ପରେ ବି ଯଦି ସବୁକିଛି ଠିକ ଅଛି ବୋଲି କହାଯିବ, ତା'ହେଲେ ଭୁଲ କେଉଁଠି ହେଉଛି? ରୋଗ ଧରାପଡ଼ିଲା ବେଳକୁ ବହୁତ ଡେରି ହୋଇଯାଇଥିଲା କି? ନା ଚିକିତ୍ସା କେବଳ କାଗଜ କଲମରେ ଚାଲିଥିଲା? ଏ ପ୍ରଶ୍ନ ଏବେ ସାଧାରଣରେ ଘୁରି ବୁଲୁଛି ।ନୂଆ ଅତିଥି ଆସିଲେ ଫଟୋ ସେସନ, ପ୍ରେସ ରିଲିଜ, ପର୍ଯ୍ୟଟକଙ୍କୁ ଆକର୍ଷଣ । ହେଲେ ମଲେ କେବଳ ଗୋଟିଏ ଲାଇନ - ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଜଣାପଡ଼ିବ । ଏହି ରିପୋର୍ଟ କେବେ ସାମ୍ନାକୁ ଆସିବ? କିଏ ଦେଖିବ? ଏହାକୁ ନେଇ ପଶୁପ୍ରେମୀ ମହଲରେ ଅସନ୍ତୋଷ ବଢୁଛି ।

ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଅବସରପ୍ରାପ୍ତ ଅଧିକାରୀ ସଂଘର ବୃଦ୍ଧାଶ୍ରମକୁ ମହତ ଦାନ



ଭୁବନେଶ୍ୱର, (ସବୁ୍ୟ): ପବିତ୍ର ଦିପାବଳୀ ଉପଲକ୍ଷେ ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଅବସରପ୍ରାପ୍ତ ଅଧିକାରୀ ସଂଘ, ଓଡିଶା ପକ୍ଷରୁ ପାଣ୍ଡରାସ୍ଥିତ ଉତ୍କଳମଣି ଗୋପବନ୍ଧୁ ଆଦର୍ଶ ବୃଦ୍ଧାଶ୍ରମର ଅନ୍ତେବାସୀମାନଙ୍କୁ ଏକ ମାସର ଗ୍ରୋସରୀ ସାମଗ୍ରୀ ସହିତ ଦିପାବଳୀ ଆଲୋକ ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା । ଅନ୍ତେବାସୀମାନଙ୍କୁ ସାକ୍ଷାତ କରି ସେମାନଙ୍କୁ ଦିପାବଳୀର ଉତ୍ସବ ଓ ଦାନ ସମ୍ପର୍କରେ ଅବଗତ କରାଯାଇଥିଲା । ସଂଘ ତରଫରୁ ସଭାପତି ମୂରଳୀଧର ପତି ଏବଂ ସାଧାରଣ ସମ୍ପାଦକ ଦାମୋଦର ନନ୍ଦ ଏହି ଦାନ ସମୂହକୁ ବୃଦ୍ଧାଶ୍ରମର ତତ୍ତ୍ୱାବଧକ ନିଲୁ ଖୁଣ୍ଟିଆକୁ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆର୍ତ୍ତତ୍ରାଣ ମିଶ୍ର, ଲକ୍ଷ୍ମୀ ନାରାୟଣ ମୁଖାର୍ଜୀ, କିଶୋର କର, ରତ୍ନାକର ବେହେରା, ଲଳିତ ମଲ୍ଲିକ, କଳ୍ପତରୁ ପୃଷ୍ଟି ଓ ବିକ୍ରମ କର ପ୍ରମୁଖ ଏହି ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ବୃଦ୍ଧାଶ୍ରମ ତରଫରୁ ନିଲୁ ଖୁଣ୍ଟିଆ ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଅବସରପ୍ରାପ୍ତ ଅଧିକାରୀ ସଂଘର ଏହି ପ୍ରଚେଷ୍ଟାକୁ ପ୍ରଶଂସା କରିଥିଲେ।

ଅକ୍ଷରା ଅନୁଷ୍ଠାନର ଦୀପାବଳି ପାଳନ

ଭୁବନେଶ୍ୱର (ସବୁ୍ୟ): ଭୁବନେଶ୍ୱର ଶ୍ୟାମପୁର ସ୍ଥିତ ଦୁର୍ଗାମାଧବ ନଗର ଭାଷା , ସାହିତ୍ୟ, ସୃଜନ ଭିତ୍ତିକ ଅନୁଷ୍ଠାନ ଅକ୍ଷରାର ମାସିକ ବୈଠକ ସହିତ ଦୀପାବଳିର ମାହାତ୍ମ୍ୟ, ପ୍ରାସଙ୍ଗିକତା , ଓ ବାଣ ଫୁଟାଇବାରେ ବାୟୁ ପ୍ରଦୂଷଣର ପ୍ରଭାବ ସମ୍ପର୍କିତ ସଚେତନତା ମୂଳକ ଆଲୋଚନାଚକ୍ର ଆଦ୍ୟାଶକ୍ତି ମହିଳା ସମିତି ସଭାଗୃହ ରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ଶତ୍ରୁଘନ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏଥିରେ ସମ୍ପାଦିକା ମାନି ଦାଶ ସଭା ପରିଚାଳନା କରିଥିଲେ ଓ ଉପସଭାପତି ସୁଶାନ୍ତ କୁମାର ବଳିୟାର ସିଂହ , ବିଜୟ ସାହୁ ଙ୍କ ସହିତ ସଦସ୍ୟା ରଜନୀ ରାଣୀ ସାଠିଆ , ଶକୁନ୍ତଳା ପଣ୍ଡା , ଲିଲି ଉଦଗାତା ଙ୍କ ସହିତ ଆହୁରି ଅନେକ ସଦସ୍ୟ ସଦସ୍ୟା ଯୋଗ ଦେଇ ଆଲୋଚନା ଚକ୍ରରେ ଭାଗ ନେବା ସହିତ ଅନୁଷ୍ଠାନର ଆଗାମୀ



କାର୍ଯ୍ୟକ୍ରମ ପ୍ରସଙ୍ଗ ରେ ବିଚାର ବିମର୍ଷ କରିଥିଲେ । ଶେଷରେ ଉପସଭାପତି ସୁଶାନ୍ତ ବଳିୟାର ସିଂ ଧନ୍ୟବାଦ ଅର୍ପଣ କରିଥିଲେ ।

"ସ୍ୱପ୍ନସିଦ୍ଧା' ପାର୍ବଣ ବିଶେଷାଙ୍କ ପାଠକାର୍ପିତ

ଭୁବନେଶ୍ୱର,(ସବୁ୍ୟ) : ପବିତ୍ର ଦୀପାବଳି ଅବସରରେ "ସ୍ୱପ୍ନସିଦ୍ଧା ଫାଉଣ୍ଡେସନ' ପକ୍ଷରୁ ପ୍ରକାଶିତ ଚତୁର୍ମାସିକ ସାହିତ୍ୟ, ଫିଚର ଓ ସମ୍ବାଦଧର୍ମୀ ପତ୍ରିକା ସୃଜନର ନବ ଉନ୍ମେଷ "ସ୍ୱପ୍ନସିଦ୍ଧା'ର ପାର୍ବଣ ସଂଖ୍ୟା ଶୈଳଶ୍ରୀ ବିହାରସ୍ଥିତ ମା' ତାରିଣୀ ମନ୍ଦିରଠାରେ ପାଠକାର୍ପିତ ହୋଇଯାଇଛି । ମା' ତାରିଣୀଙ୍କଠାରେ ପୂଜାର୍ଚ୍ଚନା ପରେ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ପ୍ରପୌତ୍ର ତଥା ବିଶିଷ୍ଟ ସାହିତ୍ୟିକ ପ୍ରଫେସର ମଣୀନ୍ଦ୍ର କୁମାର ମେହେର "ସ୍ୱପ୍ନସିଦ୍ଧା'କୁ ଉନ୍ମୋଚନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କବି ସୁରେଶ ସାଗର, କବି ଗାରିମା ନାଥ, "ସ୍ୱପ୍ନସିଦ୍ଧା'ର ସଂପାଦକ ଡକଫର ସୁଶୀଳ କୁମାର ବାଗ, ଲେଖିକା ଡକଫର କ୍ଷୀରୋଦିନୀ ବେହେରା, ଫାଉଣ୍ଡେସନର ଟ୍ରଷ୍ଟି ମଧୁସ୍ମିତା ବାଗ ପ୍ରମୁଖ ଉପସ୍ଥିତ ଥିଲେ । ଏହି ସଂଖ୍ୟାରେ ଓ ବହୁ ପ୍ରତିଷ୍ଠିତ ଓ ଯୁବ ଲେଖକଲେଖିକାଙ୍କ କବିତା,ଗପ, ପ୍ରବନ୍ଧ, ଫିଚର, ଶିଶୁ କବିତା, ଅନୁବାଦ, ସାକ୍ଷାତକାର ଆଦି ପ୍ରକାଶ ପାଇଛି । "ସ୍ୱପ୍ନସିଦ୍ଧା'ର ପାର୍ବଣ ସଂଖ୍ୟାଟି ପାଠକମାନଙ୍କ ଦ୍ୱାରା ଆଦୃତି ଲାଭ କରିବ ବୋଲି ଆଶା କରାଯାଏ ।



କୁଖ୍ୟାତ ଏଟିଏମ୍ ଲୁଟେରା ଗିରଫ

୪୦ ହଜାର ଟଙ୍କା, ବିଭିନ୍ନ ବ୍ୟାଙ୍କର ୧୮ଟି ଏଟିଏମ୍ କାର୍ଡ ଜବତ

କଟକ,(ସବୁ୍ୟ): ଏଟିଏମ କାର୍ଡ ବଦଳାଇ ଆକାଉଣ୍ଟ ଖାଲିକରି ଦେଉଥିବା ୨ ଜଣ କୁଖ୍ୟାତ ଲୁଟେରାଙ୍କୁ ମଙ୍ଗଳାବାଗ ଥାନା ପୁଲିସ ଗିରଫ କରିଛି । ଅଭିଯୁକ୍ତ ଦ୍ୱୟ ହେଲେ ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର କୃଷ୍ଣପୁର ଶାସନର ସମ୍ଭବ କୁମାର ଆଚାର୍ଯ୍ୟ(୩୭) ଓ ଭୁବନେଶ୍ୱର ମଞ୍ଚେଶ୍ୱର ଝରଣା ସାହିର ମନୋଜ ପାଇକ(୪୩) । ଏମାନଙ୍କ ପାଖରୁ ୪୦ ହଜାର ଟଙ୍କା, ବିଭିନ୍ନ ବ୍ୟାଙ୍କର ୧୮ଟି ଏଟିଏମ କାର୍ଡ ସହ ଅନ୍ୟାନ୍ୟ ଲୁଟ୍‌ପାଟ ସାମଗ୍ରୀ ଜବତ ହୋଇଛି । ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ ପରେ ଚୌଦ୍ୱାର ଜେଲ ପଠାଇ ଦିଆଯାଇଛି । କ୍ୟାଣ୍ଟନମେଣ୍ଟ ରୋଡର ରଶ୍ମିରଞ୍ଜନ ମହାନ୍ତି ଗତ ୩ ତାରିଖ ସକାଳ ସାଢେ ୧୦ଟାରେ ଟଙ୍କା ଉଠାଣ ପାଇଁ ନୂଆପାଟଣା ସ୍ଥିତ ଏସବିଆଇ ଏଟିଏମକୁ ଯାଇଥିଲେ । ପୂର୍ବରୁ ସେଠାରେ ଜଣେ ଯୁବକ ଛିଡା ହୋଇଥିଲା । ଶ୍ରୀ ମହାନ୍ତି ମେସିନରେ ନିଜର କାର୍ଡ ଭର୍ତ୍ତି କରିଥିଲେ ମଧ୍ୟ ଟଙ୍କା ବାହାରିନଥିଲା । ତେଣୁ ସେ କାଉଣ୍ଟର ବାହାରେ ଥିବା ଅଜଣା ଯୁବକକୁ ଘଟଣା ସମ୍ପର୍କରେ ଜଣାଇଥିଲେ । ଯୁବକ ଜଣକ ସାହାଯ୍ୟ କରିବା ଆଳରେ ଶ୍ରୀ ମହାନ୍ତିଙ୍କ ଏଟିଏମ କାର୍ଡ ନେଇ ମେସିନରେ ଭର୍ତ୍ତି କରିଥିଲା । ପାସୱାର୍ଡ ମଧ୍ୟ ଟାଇପ କରିଥିଲା । ମାତ୍ର ବୈଷୟିକ ତ୍ରୁଟିରୁ ଟଙ୍କା ବାହାରୁନଥିବା ଦର୍ଶାଇ ଶ୍ରୀ ମହାନ୍ତିଙ୍କୁ ଅନ୍ୟତ୍ର ଯିବାକୁ କହି ନିଜେ ସେଠାରୁ ଚାଲିଯାଇଥିଲା । ଏହା ଭିତରେ ଯୁବକ ଜଣକ ଶ୍ରୀ ମହାନ୍ତିଙ୍କ ଏଟିଏମକୁ ବଦଳାଇ ଦେଇଥିଲା । ନିଜ ପାଖରେ ଥିବା ସମାନ ବ୍ୟାଙ୍କର ଅନ୍ୟ ଏକ ଏଟିଏମ ଧରାଇଦେଇ ସେଠାରୁ ଚମ୍ପଟ ମାରିଥିଲା । ଏହି ଘଟଣାର କିଛି ସମୟ ପରେ ଶ୍ରୀ ମହାନ୍ତି ଜାଣିବାକୁ ପାଇଲେଯେ, ତାଙ୍କ ଆକାଉଣ୍ଟରୁ ୪୦ ହଜାର ଟଙ୍କା କଟିଯାଇଛି । କନିକା ଛକ ସ୍ଥିତ ଏକ ଏଟିଏମରୁ ଟଙ୍କା ଉଠାଣ ହୋଇଥିବା ମେସେଜରେ ଉଲ୍ଲେଖ ଥିଲା । ଏହାପରେ ସେ ନିଜର ଏଟିଏମ ଦେଖିଲାବେଳକୁ କାର୍ଡ ଉପରେ ଅନ୍ୟ ଜଣଙ୍କ ନାଁ ଲେଖା ହୋଇଛି । ଏହା ଦେଖି ଶ୍ରୀ ମହାନ୍ତି ତୁରନ୍ତ ମଙ୍ଗଳାବାଗ ଥାନାରେ ଏତଲା ଦେଇଥିଲେ । ପୁଲିସ ଘଟଣାକୁ ଗୁରୁତ୍ୱର ସହ ନେଇ ତୁରନ୍ତ ଦୁଇ ଏଟିଏମ କାଉଣ୍ଟରର ସିସିଟିଭି ଫୁଟେଜ ଯାଞ୍ଚ କରି ସନ୍ଦିଗ୍ଧ ଯୁବକକୁ ଚିହ୍ନଟ କରିଥିଲା । ଏହା ପରେ ସହରରେ ଲାଗିଥିବା ଏଆଇ କ୍ୟାମେରା ମାଧ୍ୟମରେ ଦୁଇ ଜଣ ଯୁବକଙ୍କୁ ସ୍ପଷ୍ଟ ଚିହ୍ନଟ କରାଯାଇଥିଲା । ସେମାନଙ୍କ ଗାଡି ନମ୍ବର ଆଧାରରେ ଇନ୍ସପେକ୍ଟର ଉମାକାନ୍ତ ସାହୁଙ୍କ ନେତୃତ୍ୱରେ ଏସଆଇ ଦେବବ୍ରତ ମହାନ୍ତି, ନରେଶ୍ୱର ରାଓ, ଭଜମନ ପତିକ, ରାଜେଶ ନାଥଙ୍କୁ ନେଇ ଗଠିତ ଟିମ ଭିନ୍ନ ଭିନ୍ନ ସ୍ଥାନରେ ଚଢଉ କରି ଅଭିଯୁକ୍ତ ସମ୍ଭବ ଓ ମନୋଜକୁ ଗିରଫ କରିଥିଲା ।

ତେବେ ଜେରା ସମୟରେ ଅଭିଯୁକ୍ତ ଦ୍ୱୟଙ୍କ କଳା କାରନାମା ଶୁଣି ପୁଲିସ ଟିମ ବି ତାଜୁବ ହୋଇଯାଇଛି । ଅଭିଯୁକ୍ତ ଦ୍ୱୟ ବିଭିନ୍ନ ସ୍ଥାନ ବୁଲି ଏଟିଏମ ମେସିନ ଭିତରେ କିଛି ଗୋଟେ ରଖିଦିଅନ୍ତି । ଯଦ୍ୱାରା ମେସିନରେ କାର୍ଡ ପଶିଲେ ବି ଟଙ୍କା ଉଠିପାରେନାହିଁ ।

ପୁରୀ ଶରଧାବାଲିରେ ଆଜିଠାରୁ ୫୯ତମ କୁମାର ଉତ୍ସବ

'ଇନକିଲାବ ଜିନ୍ଦାବାଦ୍' ନାଟକ ଓ ଅଲତାଫ୍ ରାଜାଙ୍କ ସଙ୍ଗୀତ ମୁଖ୍ୟ ଆକର୍ଷଣ

ପୁରୀ, (ସବୁ୍ୟ): ପୁରୀ ଶରଧାବାଲିସ୍ଥିତ ପୁଷ୍ପାକାଶ ରଙ୍ଗମଞ୍ଚ ଆସନ୍ତାକାଲିଠାରୁ ତିନିଦିନ ଧରି କଳା, ସଂସ୍କୃତି ଓ ଲୋକକଳାର ଆସରରେ ମୁଖରିତ ହେବ। କୁମାର ଉତ୍ସବ ସମିତି ପକ୍ଷରୁ ନଭେମ୍ବର ୧୦ରୁ ୧୨ ପର୍ଯ୍ୟନ୍ତ ଏଠାରେ ଆୟୋଜିତ ହେବ ୫୯ତମ କୁମାର ଉତ୍ସବ-୨୦୨୬। ଉତ୍ସବରେ ଓଡ଼ିଶା ସମେତ ଦେଶର ବିଭିନ୍ନ ଅଞ୍ଚଳର ନୃତ୍ୟ, ସଙ୍ଗୀତ ଓ ଲୋକକଳା ପରିବେଷଣ କରାଯିବ। ଚଳିତବର୍ଷ ଉତ୍ସବର ମୁଖ୍ୟ ଆକର୍ଷଣ ରହିବ ମହାନ ବିପ୍ଳବୀ ସହିଦ ଭଗତ ସିଂହଙ୍କ ଜୀବନୀ ଓ ଦେଶପ୍ରେମ ଉପରେ ଆଧାରିତ ନାଟକ 'ଇନକିଲାବ ଜିନ୍ଦାବାଦ୍'। ଯୁବ ନାଟ୍ୟ ନିର୍ଦ୍ଦେଶକ ସନ୍ତୋଷ କୁମାର ମହାନ୍ତିଙ୍କ ନିର୍ଦ୍ଦେଶନାରେ ଏହା ମଞ୍ଚସ୍ଥ ହେବ। ସେହିପରି ବଲିଉଡ୍‌ର ଲୋକପ୍ରିୟ କଣ୍ଠଶିଳ୍ପୀ

ଦିଲ୍ଲୀ ପ୍ରଦୂଷଣ:ସାଂଘାତିକ ଅଭିଯୋଗ ଆଣିଲେ ବିରୋଧୀ



ନୂଆଦିଲ୍ଲୀ: ଦୀପାବଳି ପରେ ଦିଲ୍ଲୀ-ଏନସିଆର ଧୂଆଁର ଏକ ଘନ ଆବରଣରେ ଆଚ୍ଛାଦିତ ହୋଇ ଏକ୍ୟୁଆଇ ୩୭୩ରେ ପହଞ୍ଚିବା ସହିତ ଅନେକ ଅଞ୍ଚଳରେ ୪୦୦ ଅତିକ୍ରମ କରିଛି। ପ୍ରଦୂଷଣକୁ ନେଇ କଂଗ୍ରେସ-ଆପ ଏବଂ ବିଜେପି ମଧ୍ୟରେ ରାଜନୈତିକ ବାକ୍ ଯୁଦ୍ଧ ଆରମ୍ଭ ହୋଇଛି। ଦୀପାବଳି ପରେ ଦିଲ୍ଲୀରେ ପ୍ରଦୂଷଣ ସଙ୍କଟ ନେଇ ସୋମବାର ସକାଳେ ଏକ ରାଜନୈତିକ ଯୁଦ୍ଧରେ ପରିଣତ ହୋଇଥିଲା, ବିରୋଧୀ କଂଗ୍ରେସ ଏବଂ ଆମ ଆଦମୀ ପାର୍ଟି ବିଜେପି ସରକାର ଉପରେ ନିୟମାବଳୀକୁ ସଠିକ୍ ଭାବରେ ଲାଗୁ କରିବାରେ ବିଫଳ ହେବା ଏବଂ ବାୟୁ ଗୁଣବତ୍ତା ତଥ୍ୟ ଲୁଚାଇବା ଅଭିଯୋଗ କରିଛନ୍ତି।ଶାସକ ଦଳ ଏହାର ଜବାବରେ ଦୋଷ ବିରୋଧୀ ଦଳ ଉପରେ ଲଦି ଅଭିଯୋଗ ଆଣିଛି ଯେ, ସେମାନେ ୨୫ ବର୍ଷ ଶାସନ କାଳରେ ସମସ୍ୟାର ସମାଧାନ କରିବାରେ ବିଫଳ ହୋଇଛନ୍ତି ଏବଂ ଏବେ ହିନ୍ଦୁ ପର୍ବପର୍ବାଣୀ ଉପରେ ରୋକ ଲଗାଇବାକୁ ଚାହୁଁଛନ୍ତି। ବିଜେପି ସାଂସଦ ପ୍ରବୀଣ ଖଣ୍ଡେଲୱାଲ କଂଗ୍ରେସ ଏବଂ ଅନ୍ୟାନ୍ୟ ବିରୋଧୀ ଦଳଗୁଡ଼ିକ କେବଳ ହିନ୍ଦୁ ପର୍ବପର୍ବାଣୀ ସମୟରେ ପ୍ରଦୂଷଣ ପ୍ରସଙ୍ଗ ଉଠାଇବାର ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ ଦିଲ୍ଲୀରେ କଂଗ୍ରେସ ୧୫ ବର୍ଷ ଏବଂ ତା'ପରେ ଆମ୍ ଆଦମୀ ପାର୍ଟି ୧୦ ବର୍ଷ ଶାସନ କରିଥିଲା। ସେତେବେଳେ ଦୀର୍ଘକାଳୀନ ପଦକ୍ଷେପ କାର୍ଯ୍ୟକାରୀ ହେବା ଉଚିତ୍ ଥିଲା। ମାତ୍ର ସେମାନେ କୌଣସି ପଦକ୍ଷେପ ନେଇ ନଥିଲେ। ଫଳରେ ଆଜି ଦିଲ୍ଲୀର ଲୋକମାନେ ଏହାର ପରିଣାମ ଭୋଗୁଛନ୍ତି। ବାକ୍ ଯୁଦ୍ଧ ଏପରି ଏକ ସମୟରେ ଆରମ୍ଭ ହୋଇଛି ଯେତେବେଳେ ଦୀପାବଳି ପାଳନ ପରେ ଦିଲ୍ଲୀ-ଏନସିଆରରେ ଘନ କୁହୁଡ଼ି ଆଚ୍ଛାଦିତ ହୋଇ ରହିଛି। ଫଳରେ ଦୃଶ୍ୟମାନତା ହ୍ରାସ ହେଉଛି। ଅନେକ ଅଞ୍ଚଳରେ ବାୟୁ ପ୍ରଦୂଷଣକୁ ଗମ୍ଭୀର ବର୍ଗରେ ରହିଛି। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ତଥ୍ୟ ଅନୁଯାୟୀ, ରବିବାର ରାତି ୧୧:୦୫ ସମୟରେ ଦିଲ୍ଲୀର ସାମଗ୍ରିକ ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୩୭୩ ଥିଲା। ଆଲିପୁର, ବାୱାନା, ବୁରାଡି, ଚାନ୍ଦନୀ ଚୌକ, ମୁଣ୍ଡକା, ପଞ୍ଜାବୀ ବାଗ, ରୋହିଣୀ ଏବଂ ବିବେକ ବିହାର ଭଳି ଅଞ୍ଚଳରେ ଏକ୍ୟୁଆଇ ୪୦୦ ଅତିକ୍ରମ କରିଥିଲା। ରିପୋର୍ଟ ଅନୁଯାୟୀ, ପ୍ରଦୂଷଣ ସ୍ତର ବୃଦ୍ଧି ସତ୍ତ୍ୱେ ଅନେକ ମନିଟରିଂ ଷ୍ଟେସନ୍ ରିୟଲ ଟାଇମ୍ ତଥ୍ୟ ପ୍ରଦାନ କରିବା ବନ୍ଦ କରିଦେଇଥିଲେ। ଫଳରେ ଏହାକୁ ନେଇ ରାଜନୀତି ଆରମ୍ଭ ହୋଇଥିଲା। ରିପୋର୍ଟ ଅନୁସାରେ ପ୍ରଭାବିତ ଅଞ୍ଚଳଗୁଡ଼ିକ ମଧ୍ୟରେ ଆରକେ ପୁରମ୍, ନେହେରୁ ନଗର, ମୁଣ୍ଡକା, ସୋନିଆ ବିହାର ଏବଂ ଦ୍ୱାରକା ରହିଛନ୍ତି।

ଦୀପାବଳି ରାତିରେ ଭୟଙ୍କର ଅଗ୍ନିକାଣ୍ଡ:୧୨ ମୃତ

ଭୋପାଳ: ମଧ୍ୟପ୍ରଦେଶର ସିଓନୀ ଓ କଟ୍ନୀ ଜିଲ୍ଲାରେ ଦୀପାବଳି ରାତିରେ ଭୟଙ୍କର ଅଗ୍ନିକାଣ୍ଡ ଘଟି ଦୁଇଟି ବ୍ୟବସାୟୀ ପରିବାରର ୧୨ଜଣ ଲୋକଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଜଣେ ୨ ମାସର ନବଜାତକ ଶିଶୁ ଅଛନ୍ତି। ଗୋଟିଏ ଘଟଣା କଟ୍ନୀର ବରହି ଓ ଅନ୍ୟଟି ସିଓନୀର ଛାପ୍ରାରେ ଘଟିଛି। ଅନ୍ୟ ଏକ ଘଟଣାରେ ଉଜ୍ଜୟିନୀରେ ଏକ ଦୁଇ ମହଲା କୋଠା ତଳେ ଥିବା ଦୁଇଟି ଦୋକାନରେ ହଠାତ୍ ଅଗ୍ନିକାଣ୍ଡ ଘଟିଥିଲା। ଅଗ୍ନିକାଣ୍ଡ ଯୋଗୁ ଶ୍ୱାସରୁଦ୍ଧ ହୋଇ ଜଣେ ୧୦୭ ବର୍ଷୀୟ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ଏହି ତିନିଟି ଘଟଣାରେ ୫ ମହିଳା, ୪ ପୁରୁଷ ଓ ୪ ଶିଶୁ ଅଛନ୍ତି।ବରହିରେ ଏକ ତିନି ମହଲା କୋଠାରେ ଅଗ୍ନିକାଣ୍ଡ ଘଟି ଗୋଟିଏ ପରିବାରର ଛଅ ଜଣ ସଦସ୍ୟଙ୍କ ମୃତ୍ୟୁ ଘଟିଛି। ଏଥିରେ ଜଣେ ଦୁଇ ମାସର ନବଜାତକ, ଦୁଇ ଜଣ ଶିଶୁ (ଜଣେ ୧୪ ବର୍ଷ ପୁଅ ଓ ଅନ୍ୟ ଜଣେ ୬ ବର୍ଷର ଝିଅ), ସେମାନଙ୍କ ମାଆ, ଜେଜେମାଆ ଓ ଜେଜେବାପା ଅଛନ୍ତି। ଦୁଇ ମାସର ଶିଶୁଟି ମୃତ୍ୟୁବେଳକୁ ନିଜ ମା' କୋଳରେ ଥିଲା। ସେମାନଙ୍କ ଘରର ସବୁଠୁ ତଳ ମହଲାରେ ଚିନାମାଟି ପାତ୍ର ଓ ପ୍ଲାଷ୍ଟିକ ଦୋକାନ ଥିଲା। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ସେଠାରେ ରଖାଯାଇଥିବା ଏକ ଜଳନ୍ତା ମାଟି ଦୀପରୁ ନିଆଁ ଅନ୍ୟ ଆଡ଼େ ବ୍ୟାପି ଯାଇଥିଲା। ଘରେ ନିଆଁ ଲାଗିବା ପରେ ମାତ୍ର ଦୁଇଜଣ କୌଣସି ମତେ ବାହାରକୁ ବାହାରି ପାରିଥିଲେ କିନ୍ତୁ ଅନ୍ୟମାନେ ନିଆଁରେ ପୋଡ଼ି ହୋଇଯାଇଥିଲେ। ଅଗ୍ନିକାଣ୍ଡ ସମ୍ପର୍କରେ ରାତି ୧୨ଟା ୩୦ରେ ଜଣାପଡ଼ିଥିଲା। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ ୪ଟି ଦମକଳ ଗାଡ଼ି ନିଆଁ ଲିଭାଇବାକୁ ନିୟୋଜିତ କରାଯାଇଥିଲେ ମଧ୍ୟ ଯାନ୍ତ୍ରିକ ତ୍ରୁଟି ଯୋଗୁ ନିଆଁ ଲିଭାଇବାରେ ବିଳମ୍ବ ହୋଇଥିଲା। ସ୍ଥାନୀୟ ଲୋକମାନେ ନିଆଁ ଲିଭାଇବାରେ ସହାୟତା କରିଥିଲେ ମଧ୍ୟ ନିଆଁକୁ ଆୟତ୍ତ କରିପାରିନଥିଲେ ଓ ଏତେ ବଡ଼ ବିପଦ ଘଟିଥିଲା।ଅନ୍ୟପକ୍ଷରେ କଟ୍ନୀଠାରୁ ୨୭୦ କିମି ସେଓନି ଛାପ୍ରା ସହରରେ ରାତି ୪ଟା ୩୦ରେ ଜଣେ ସୁନା ବ୍ୟବସାୟୀଙ୍କ ତିନି ମହଲା ଘରେ ଅଗ୍ନିକାଣ୍ଡ ଘଟି ଛଅ ଜଣଙ୍କର ମୃତ୍ୟୁ ହୋଇଛି। ପୋଡ଼ି ହୋଇ ଓ ଶ୍ୱାସରୁଦ୍ଧ ହୋଇ ୬ ଜଣ ଲୋକଙ୍କର ମୃତ୍ୟୁ ହୋଇଥିଲା। ଘରେ ୧୦ ଜଣ ଲୋକ ଥିବାବେଳେ ୪ ଜଣଙ୍କୁ ଅଗ୍ନିଶମ ବାହିନୀ ଉଦ୍ଧାର କରିବାରେ ସଫଳ ହୋଇଥିଲା। ନିଆଁ ଲାଗିବାର କାରଣ ଜଣାପଡ଼ିନାହିଁ। ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ଦୁଇଟି ଅଗ୍ନିକାଣ୍ଡ ଘଟଣାରେ ମୃତ୍ୟୁ ହୋଇଥିବା ୧୨ ଜଣଙ୍କ ପରିବାର ପାଇଁ ୪ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ଘୋଷଣା କରିଛନ୍ତି।

୪୮ ଘଣ୍ଟାରୁ ଅଧିକ ହାଜତରେ ରହିଲେ ସରକାରୀ କର୍ମଚାରୀ ନିଲମ୍ବିତ ହେବେ

ନୂଆଦିଲ୍ଲୀ: କୌଣସି ଆପରାଧିକ ମାମଲାରେ ଗିରଫ ହେବା ପରେ ସରକାରୀ କର୍ମଚାରୀ ୪୮ ଘଣ୍ଟାରୁ ଅଧିକ ସମୟ ବିଚାର ବିଭାଗୀୟ ହାଜତରେ ରହିଲେ, ପ୍ରଚଳିତ ସେବା ନିୟମ ଅନୁଯାୟୀ ସେ ସ୍ୱତଃ ନିଲମ୍ବିତ ହେବେ। ଏଥିପାଇଁ ସରକାରଙ୍କ ପକ୍ଷରୁ ପୃଥକ୍ ନିଲମ୍ବନ ଆଦେଶ ଜାରି କରିବାର ଆବଶ୍ୟକତା ନାହିଁ। ନଭେମ୍ବର ୬ରେ ଏକ ଜାମିନ ମାମଲାର ଶୁଣାଣି ବେଳେ ସୁପ୍ରିମ୍କୋର୍ଟ ଏହି ଟିପ୍ପଣୀ ଦେଇଛନ୍ତି। ଜଷ୍ଟିସ୍ ଜେ.ବି. ପାର୍ଦିୱାଲା ଓ ଜଷ୍ଟିସ୍ ମନମୋହନଙ୍କ ଖଣ୍ଡପୀଠ ବିହାରର ସମସ୍ତିପୁର ସଦର ଡାକ୍ତରଖାନାର ପ୍ରଶାସକ ବିଶ୍ୱଜିତ୍ ସିଂହଙ୍କ ମାମଲାର ବିଚାର କରି ଏହା କହିଛନ୍ତି। ଜଣେ ଠିକା କର୍ମଚାରୀଙ୍କ ୩୬ ହଜାର ୪୨୧ ଟଙ୍କାର ବକେୟା ଦରମା ମଞ୍ଜୁର କରିବା ପାଇଁ ୪ ହଜାର ଟଙ୍କା ଲାଞ୍ଚ ମାଗିଥିବା ଅଭିଯୋଗରେ ସିଂହଙ୍କ ବିରୋଧରେ ୨୦୨୫ରେ ମାମଲା ରୁଜୁ ହୋଇଥିଲା। ଗିରଫ ପରେ ସେ ପ୍ରାୟ ୧୫ ଦିନ ବିଚାର ବିଭାଗୀୟ ହାଜତରେ ରହିଥିଲେ। ପ୍ରଥମେ ନିଲମ୍ବିତ ହୋଇଥିଲେ ମଧ୍ୟ ପରେ ତାଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହାର କରାଯାଇ ସେହି ଡାକ୍ତରଖାନାରେ ସମାନ ପଦବିରେ ପୁନଃ ନିଯୁକ୍ତି ଦିଆଯାଇଥିଲା। ଏହାକୁ ନେଇ ଖଣ୍ଡପୀଠ ଉଦ୍ବେଗ ପ୍ରକାଶ କରିବା ସହ ତୁରନ୍ତ ଯାଞ୍ଚ କରି ଆଇନ ଅନୁଯାୟୀ ପଦକ୍ଷେପ ନେବାକୁ ବିହାର ସରକାରଙ୍କୁ କହିଛନ୍ତି। ଅନ୍ୟପକ୍ଷରେ, ଅଭିଯୁକ୍ତଙ୍କ ଜାମିନ ରଦ୍ଦ କରିଥିବା ପାଟନା ହାଇକୋର୍ଟଙ୍କ ୧ ଜୁଲାଇ ୨୦୨୬ର ଆଦେଶକୁ ସୁପ୍ରିମ୍କୋର୍ଟ ଖାରଜ କରିଛନ୍ତି। ଏଥିସହ ସେସନ୍ସ କୋର୍ଟ ପ୍ରଦାନ କରିଥିବା ଜାମିନକୁ ପୁନର୍ବାହାଲ କରିଛନ୍ତି।

ପାକିସ୍ତାନରେ ମହିଳା ଟିଭି ଆଙ୍କରଙ୍କୁ ଗୁଳି କରି ହତ୍ୟା



ଇସ୍ଲାମବାଦ,(ସବୁ): ପାକିସ୍ତାନର ରାୱଲପିଣ୍ଡିରେ ଜଣେ ମହିଳା ଟିଭି ଆଙ୍କରଙ୍କୁ ତାଙ୍କ ଘରେ ଗୁଳି କରି ହତ୍ୟା କରାଯାଇଛି। ମୃତ ମହିଳା ଜଣକ ହେଉଛନ୍ତି ରାବିଆ ଅହସାନ। ସେ ଏକ ସ୍ଥାନୀୟ ଘରୋଇ ଟିଭି ଚ୍ୟାନେଲର ଜଣେ ଆଙ୍କର ଏବଂ ପ୍ରୋଗ୍ରାମ ହୋଷ୍ଟ ଥିଲେ। ଇସଲାମାବାଦ: ପାକିସ୍ତାନର ରାୱଲପିଣ୍ଡିରେ ଜଣେ ମହିଳା ଟିଭି ଆଙ୍କରଙ୍କୁ ତାଙ୍କ ଘରେ ଗୁଳି କରି ହତ୍ୟା କରାଯାଇଛି। ମୃତ ମହିଳା ଜଣକ ହେଉଛନ୍ତି ରାବିଆ ଅହସାନ। ସେ ଏକ ସ୍ଥାନୀୟ ଘରୋଇ ଟିଭି ଚ୍ୟାନେଲର ଜଣେ ଆଙ୍କର ଏବଂ ପ୍ରୋଗ୍ରାମ ହୋଷ୍ଟ ଥିଲେ। ରବିବାର ଦିନ ସହରର ଗୁଲଶାନାବାଦ ଅଞ୍ଚଳରେ ଏହି ଘଟଣା ଘଟିଛି। ପୁଲିସ ତାଙ୍କ ସ୍ୱାମୀଙ୍କୁ ଅଟକ ରଖିଛି ଏବଂ ସନ୍ଦିଗ୍ଧ ଅସ୍ତ୍ରଶସ୍ତ୍ର ଜବତ କରିଛି। ପୁଲିସର ସୂଚନା ଅନୁଯାୟୀ, ଘରେ କାମ କରୁଥିବା ଜଣେ କର୍ମଚାରୀ କରିଛନ୍ତି ଯେ,ଭୁଲ୍ରେ ଗୁଳି ଫୁଟିଯାଇଥିଲା ବୋଲି ସ୍ୱାମୀ କହିଛନ୍ତି। ପୁଲିସ ଘଟଣାର ତଦନ୍ତ କରୁଛି। ତଦନ୍ତ ଆଧାରରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। କିସ୍ତାନର ରାଷ୍ଟ୍ରପତି ଆସିଫା ଭୁଟ୍ଟୋ-ଜରଦାରୀ ରାବିଆ ଅହସାନଙ୍କ ହତ୍ୟା ପାଇଁ ଦୁଃଖ ପ୍ରକାଶ କରିଛନ୍ତି ଏବଂ ଘଟଣାର ଦୃଢ଼ ନିନ୍ଦା କରିଛନ୍ତି। ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ଦ୍ୱାରା ଜାରି ଏକ ବିବୃତି ଅନୁଯାୟୀ, ସେ ଘଟଣାର ସମ୍ପୂର୍ଣ୍ଣ, ନିରପେକ୍ଷ ଏବଂ ସ୍ୱଚ୍ଛ ତଦନ୍ତ ଦାବି କରିଛନ୍ତି। ରାୱଲପିଣ୍ଡିରେ କର୍ମଜୀବୀ ମହିଳାଙ୍କ ହତ୍ୟା ଘଟଣାକୁ ସେ ଚିନ୍ତାଜନକ ବୋଲି କହିଛନ୍ତି। ପୋଷ୍ଟମର୍ଟମ ପାଇଁ ହସ୍ପିଟାଲକୁ ପଠାଯାଇଛି। ଏକ ମାମଲା ପଞ୍ଜିକୃତ ହୋଇଛି। ତଦନ୍ତ ଆଧାରରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ସଂଗ୍ରହ କରୁଛନ୍ତି। ମୃତଦେହକୁ

ଭୟଙ୍କର ଦୁର୍ଘଟଣା, କାରରେ ଜଳିଗଲେ ୬ ଯାତ୍ରୀ



ଲକ୍ଷ୍ନୌ: ଉତ୍ତରପ୍ରଦେଶର ମୁଜାଫରନଗରରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ଡିଭାଇଡରରେ ପିଟି ହୋଇ ଓଲଟି ପଡ଼ିଥିବା ଏକ କାର୍ରେ ଭୟଙ୍କର ନିଆଁ ଲାଗିଯିବାରୁ ୬ ଜଣ ଜୀବନ୍ତ ଦଗ୍ଧ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୧୦ରୁ ୧୨ ବର୍ଷର ଜଣେ ଶିଶୁ ମଧ୍ୟ ଥିବା ଜଣାପଡ଼ିଛି। ପରିବାରଟି ହରିୟାଣାରୁ ହରିଦ୍ୱାର ଯାଉଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, ପାଣିପତ-ଖଟିମା ଜାତୀୟ ରାଜପଥର ଜଗାହେଡ଼ି ନିକଟରେ ଏହି ଦୁର୍ଘଟଣା ଘଟିଛି। ତିତାୱି ଥାନା ଅଞ୍ଚଳରେ ଏକ ଦ୍ରୁତଗାମୀ କାର୍ ନିୟନ୍ତ୍ରଣ ହରାଇ ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇ ଓଲଟି ପଡ଼ିଥିଲା। କେହି କିଛି ବୁଝିବା ପୂର୍ବରୁ ଘଟଣାର ତଦନ୍ତ କରୁଛି। ଏଥିରେ ନିଆଁ ଲାଗିଯାଇଥିଲା। ଫଳରେ କାର୍ ଭିତରେ ଥିବା ୬ ଜଣ ଘଟଣାସ୍ଥଳରେ ହିଁ ଜଳି ଯାଇଥିଲେ।ଖବର ପାଇ ପୁଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ମୃତଦେହଗୁଡ଼ିକୁ ହସ୍ପିଟାଲ ପଠାଇ ଦିଆଯାଇଛି। ମୃତକମାନେ ହରିୟାଣାର ଜିନ୍ଦ ଅଞ୍ଚଳର ବାସିନ୍ଦା ବୋଲି କୁହାଯାଉଛି। ପୁଲିସ

ବିନା ମୁଲତବୀରେ ୮୮ ଦିନ ହେଲା ଚାଲିଛି ସଂସଦର ମୌସୁମୀ ଅଧିବେଶନ



ନୂଆଦିଲ୍ଲୀ: ସଂସଦର ମୌସୁମୀ ଅଧିବେଶନକୁ ନେଇ ନୂଆ ରେକର୍ଡ ସୃଷ୍ଟି ହୋଇଛି। ଉଭୟ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ରଖାଯିବାର ୮୮ ଦିନ ବିତିଥିଲେ ମଧ୍ୟ ଅଧିବେଶନର ଔପଚାରିକ ସମାପ୍ତି ଘୋଷଣା କରାଯାଇନାହିଁ। ଏହା ୨୦୦୮ରେ ବିନା ମୁଲତବୀରେ ଅଧିବେଶନ ଜାରି ରହିବାର ୮୭ ଦିନର ରେକର୍ଡ ଭାଙ୍ଗିଛି। ଚଳିତ ବର୍ଷ ଅଗଷ୍ଟ ୧୩ରେ ଲୋକସଭା ଓ ରାଜ୍ୟସଭାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ରଖାଯାଇଥିଲା।
ନଭେମ୍ବର ୯ (ସୋମବାର) ସକାଳ ସୁଦ୍ଧା ଉଭୟ ଗୃହର ଅଧିବେଶନ ଔପଚାରିକ ଭାବେ ସମାପ୍ତ କରାଯାଇ ନଥିଲା। ଫଳରେ ସ୍ୱଳ୍প ସମୟର ନୋଟିସ୍ରେ ପୁଣି ସଂସଦ ବସିବାର ବାଟ ଖୋଲା ରହିଛି। ସରକାର ଅଧିବେଶନ ଶେଷ ନକରିବା ପଛରେ ମହିଳା ସଂରକ୍ଷଣ ବିଲ୍ ସହ ଜଡ଼ିତ ପ୍ରସ୍ତାବିତ ସମ୍ବିଧାନ ସଂଶୋଧନକୁ ନେଇ ସ୍ୱତନ୍ତ୍ର ବୈଠକର ସମ୍ଭାବନା ଚର୍ଚ୍ଚା ହେଉଛି। ଏହି ପ୍ରସ୍ତାବରେ ସୀମା ପୁନଃ ନିର୍ଦ୍ଧାରଣ ମାଧ୍ୟମରେ ଲୋକସଭା ଆସନ ସଂଖ୍ୟା ୫୪୩ରୁ ସର୍ବାଧିକ ୮୫୦କୁ ବୃଦ୍ଧି କରିବାର ଲକ୍ଷ୍ୟ ରହିଛି। ସୂଚନା ଅନୁସାରେ ଚାଲୁଥିବା ଅଧିବେଶନରେ ପୁଣି ବୈଠକ ଡାକିବାକୁ ଅତି କମ୍ରେ ଦୁଇ ଦିନର ନୋଟିସ୍ ଆବଶ୍ୟକ। ନୂଆ ଅଧିବେଶନ ଡାକିବାକୁ ୧୪ ଦିନର ନୋଟିସ୍ ଦେବାକୁ ପଡ଼ିଥାଏ। ଉଲ୍ଲେଖଯୋଗ୍ୟ, ଏପ୍ରିଲ ୧୭ରେ ବଜେଟ୍ ଅଧିବେଶନର ସ୍ୱତନ୍ତ୍ର ବୈଠକରେ ସମାନ ଧରଣର ସମ୍ବିଧାନ ସଂଶୋଧନ ବିଲ୍ ଲୋକସଭାରେ ଆବଶ୍ୟକ ସମର୍ଥନ ପାଇନଥିଲା। ତେବେ ଅଧିବେଶନ ମୁଲତବୀ ପରେ ଏହାକୁ ଔପଚାରିକ ଭାବେ ଶେଷ କରିବା ପାଇଁ ସମ୍ବିଧାନରେ କୌଣସି ନିର୍ଦ୍ଦିଷ୍ଟ ସମୟସୀମା ନାହିଁ। ତେଣୁ ଅଧିବେଶନ ଦୀର୍ଘଦିନ ଧରି ଜାରି ରହିବା କୌଣସି ସାମ୍ବିଧାନିକ ଅନିୟମିତତା ନୁହେଁ।

୧୩୬୪ଟି କ୍ୟାନସର୍ ଔଷଧ ଦାମ୍ କମିଲା

ନୂଆଦିଲ୍ଲୀ: ଦେଶରେ ୧୩୬୪ଟି କ୍ୟାନସର୍ ଔଷଧର ସର୍ବାଧିକ ଖୁଚୁରା ମୂଲ୍ୟ (ଏମ୍ଆର୍ପି) ହ୍ରାସ ପାଇଛି। ନୂଆ ଦର ନଭେମ୍ବର ୯ରୁ ଲାଗୁ ହୋଇଛି। ଦର ହ୍ରାସ ପାଇଥିବାରୁ ଗ୍ରାହକମାନଙ୍କ ବାର୍ଷିକ ୩୫୪୦.୩୮ କୋଟି ଟଙ୍କା ସଞ୍ଚୟ ହେବା ଆଶା କରାଯାଉଥିବା ସରକାର କହିଛନ୍ତି। ନିକଟରେ ଜାତୀୟ ଔଷଧ ମୂଲ୍ୟ କର୍ତ୍ତୃପକ୍ଷ (ଏନ୍ପିପିଏ) ୧୩୭ଟି କ୍ୟାନସର୍ ଔଷଧର ଟ୍ରେଡ୍ ମାର୍ଜିନ୍କୁ ହ୍ରାସ କରିଥିଲେ। ସୂଚନା ଅନୁସାରେ, ୮୩ଟି ଔଷଧ କମ୍ପାନି ୧୩୬୪ଟି ଫର୍ମୁଲେସନର ଏମ୍ଆର୍ପି ହ୍ରାସ କରିଛନ୍ତି। ସେହି ଫର୍ମୁଲେସନଗୁଡ଼ିକୁ ବ୍ୟବହାର କରି ୧୨୧ ପ୍ରକାର ଔଷଧପ୍ରସ୍ତୁତ କରାଯାଉଛି। ୬୭ ୯ଟି ବ୍ରାଣ୍ଡ ସେମାନଙ୍କ ଔଷଧ ଦରରେ ୫୦%ରୁ ଅଧିକ ହ୍ରାସ କରିଛନ୍ତି। ସର୍ବାଧିକ ଦରହ୍ରାସ ୯୬.୪୫% ରହିଛି। ବିତରଣ ଓ ଖୁଚୁରା ବିକ୍ରେତାଙ୍କ ପାଇଁ ରହିଥିବା ଅତ୍ୟଧିକ ଟ୍ରେଡ୍ ମାର୍ଜିନକୁ ହ୍ରାସ କରାଯିବା ପରେ ଔଷଧଗୁନିକର ଦାମ୍ କମ୍ ହୋଇଥିବା ସରକାର ଜଣାଇଛନ୍ତି। ଟ୍ରେଡ୍ ମାର୍ଜିନ ହ୍ରାସ କରାଯାଇଥିବା ୧୩୭ଟି ଔଷଧ ମଧ୍ୟରେ ବହୁ ଲୋକପ୍ରିୟ ଔଷଧ ରହିଛି ଯାହାକୁ କ୍ୟାନସର ରୋଗୀମାନେ ବ୍ୟବହାର କରୁଛନ୍ତି। ପେମ୍ବ୍ରୋଲିଜୁମାବ ଓ ଓସିମର୍ଟେନିବ ଭଳି ଔଷଧ ଆହୁରି ଶସ୍ତା ହୋଇପାରିଛି। କ୍ୟାନସର ଔଷଧ କିଣିବା ବେଳେ ଏମ୍ଆର୍ପିକୁ ଭଲ ଭାବେ ଦେଖିବାକୁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କୁ ଆହ୍ୱାନ ଦିଆଯାଇଛି। କୌଣସି ଔଷଧ ଦୋକାନୀ କିମ୍ବା ହସ୍ପିଟାଲ୍ ଲିଖିତ ଏମ୍ଆର୍ପିଠାରୁ ଅଧିକ ଦାମ୍ ଦାବି କରିପାରିବେ ନାହିଁ। ଯଦି କେହି



ଅଧିକ ଟଙ୍କା ଦାବି କରୁଥିବେ ତାଙ୍କ ବିରୋଧରେ ଫାର୍ମା ଜନ ସମାଧାନ ପୋର୍ଟାଲ କିମ୍ବା ୧୮୦୦-୧୧୧-୨୫୫ରେ ଏନ୍ପିପିଏରେ ଅଭିଯୋଗ କରିହେବ।
କ୍ୟାନସର ଔଷଧ ଦରକୁ ନିୟନ୍ତ୍ରଣ କରିବା ଲାଗି ଏନ୍ପିପିଏ ତରଫରୁ ୨୦୧୯ରେ ପରୀକ୍ଷାମୂଳକ ଭାବେ ଏହାକୁ ଲାଗୁ କରାଯାଇଥିଲା। ସେହି ସମୟରେ ୪୨ଟି ଔଷଧର ଟ୍ରେଡ୍ ମାର୍ଜିନକୁ ୩୦%ରେ ସୀମିତ ରଖାଯାଇଥିଲା। ଫଳରେ ପ୍ରାୟ ୫୨୬ଟି ବ୍ରାଣ୍ଡ ଔଷଧ ଦରରେ ୯୦% ପର୍ଯ୍ୟନ୍ତ ହ୍ରାସ ଘଟିଥିଲା। ଫାର୍ମାସ୍ୟୁଟିକାଲ୍ ବିଭାଗ ପକ୍ଷରୁ କୁହାଯାଇଛି ଯେ ଏହି ପଦକ୍ଷେପ ଦ୍ୱାରା ରୋଗୀ ଓ ସେମାନଙ୍କ ପରିବାର ଉପରେ ଆର୍ଥିକ ଚାପ କମ୍ ହେବ ଏବଂ ସମସ୍ତଙ୍କ ପାଖରେ ସୁଲଭ ମୂଲ୍ୟର ଚିକିତ୍ସା ଉପଲବ୍ଧ ହୋଇପାରିବ।

ଧନତେରାସରେ ରେକର୍ଡ କାରବାର କରିଛି ଏନଏସଇ

ନୂଆଦିଲ୍ଲୀ: ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆ (ଏନଏସଇ), ଇଲେକ୍ଟ୍ରୋନିକ ଗୋଲ୍ଡ ରିସିପ୍ଟ (ଇଜିଆର) ସେଗମେଂଟରେ ସର୍ବାଧିକ କାରବାର ରେକର୍ଡ କରିଛି ଯାହା ଭାରତର ସଂଗଠିତ ସୁନା ବଜାରର ବିକାଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତାକୁ ସୂଚିତ କରୁଛି । ପାରମ୍ପରିକ ଭାବେ ସୁନା କିଣିବା ପାଇଁ ଏକ ଶୁଭ ଦିନ ଭାବେ ବିବେଚିତ ଧନ୍ତେରସ ଅବସରରେ ବହୁସଂଖ୍ୟାରେ ଏନଏସଇ ଇଜିଆର ସୃଷ୍ଟି ହୋଇଛି, ଯାହା ଏହି ଅଭିନବ ଉତ୍ପାଦକୁ ନେଇ ବଢୁଥିବା ସଚେତନତା ଓ ଗ୍ରହଣୀୟତାକୁ ପ୍ରତିଫଳନ କରିଛି । ଧନ୍ତେରସ ଅବସରରେ ଦେଶବ୍ୟାପୀ ଏନଏସଇ ଇଜିଆର ପାଇଁ ନୂଆ ପାର୍ବଣ ଚାହିଦାରେ ବୃଦ୍ଧି ଦେଖିବାକୁ ମିଳିଥିଲା । ଏନଏସଇ ଇଜିଆର ବର୍ଗରେ ସକ୍ରିୟ ଭାବେ ଅଂଶଗ୍ରହଣ

ନ୍ୟୁଜିଲାଣ୍ଡ ବିପକ୍ଷ ତୃତୀୟ ଦିନିକିଆ ଆଜି

ଶୃଙ୍ଖଳା ବିଜୟ ଲକ୍ଷ୍ୟରେ ଭାରତ



ହାମିଲଟନ୍, ୯।୧୧(ସବୁ୍ୟ): ଭାରତ-ନ୍ୟୁଜିଲାଣ୍ଡ ମଧ୍ୟରେ ଚାଲିଥିବା ୫ ମ୍ୟାଚ୍ ବିଶିଷ୍ଟ ଦିନିକିଆ ଶୃଙ୍ଖଳାର ତୃତୀୟ ମୁକାବିଲା ମଙ୍ଗଳବାର ହାମିଲଟନର ସେଡାନ ପାର୍କରେ ଖେଳଯିବ। ସଂପ୍ରତି ୨-୦ରେ ଆଗୁଆ ଥିବା ଶୁବମନ ଗିଲ୍ଙ୍କ ନେତୃତ୍ୱାଧୀନ ଭ୍ରମଣକାରୀ ଦଳ ଏହି ମ୍ୟାଚ୍ ଜିତି ଦିନିକିଆ ଶୃଙ୍ଖଳା କବ୍ଜା କରିବା ଲକ୍ଷ୍ୟରେ ରହିଛି। ଏହି ମ୍ୟାଚ୍ ପରେ ଗିଲଙ୍କ ସହ କିଛି ତାରକା ଖେଳାଳି ଟେଷ୍ଟ୍ ଲାଗି ପ୍ରସ୍ତୁତି ହେବେ। ତେଣୁ ଗିଲ୍ ଆଗୁଆ। ଶୃଙ୍ଖଳା ଜିତିବା ସହ ଭଲ ପାଳି ଖେଳି ଦୃଢ଼ ମନୋବଳ ସହ ଟେଷ୍ଟକୁ ଓହ୍ଲାଇବା ଆଶାରେ ରହିଛନ୍ତି। ଅନ୍ୟପକ୍ଷରେ ଦ୍ରୁତବୋଲରଙ୍କୁ ସୁହାଉଥିବା ନ୍ୟୁଜିଲାଣ୍ଡ ପିଚରେ ଉଭୟ ଦଳର ବ୍ୟାଟର୍ କଡ଼ା ସଂଘର୍ଷ କରୁଛନ୍ତି। ଗତ ଦୁଇଟି ଯାକ ମ୍ୟାଚରେ କମ୍ ରନ୍ ଦେଖିବାକୁ ମିଳିଛି। ବର୍ଷା ବାଧାପ୍ରାପ୍ତ ଉଭୟ ମ୍ୟାଚର ଭାରତ ପଶ୍ଚାତ୍ଭାବନ କରି କଷ୍ଟକର ବିଜୟ ପାଇଥିଲା। କେବଳ ତାରକା ବ୍ୟାଟର୍ ବିରାଟ କୋହଲି ପ୍ରଥମ ମ୍ୟାଚରେ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଭେଟେରାନ ରୋହିତ ଶର୍ମା ପ୍ରଥମ ମ୍ୟାଚରେ ଶୂନରେ ଆଉଟ୍ ହୋଇଥିଲା ବେଳେ ଦ୍ୱିତୀୟରେ କିଛି ଆକର୍ଷଣ ସଟ୍ ସହ ୨୩ ରନ୍ କରିଥିଲେ। ତୃତୀୟ ମ୍ୟାଚରେ ଏହି ଦୁଇ ଭେଟେରାନଠୁ ବଡ଼ ସ୍କୋର୍ ଆଶା ରଖିଛି ଦଳ।

କେଏଲ୍ ରାହୁଲ, ଶ୍ରେୟସ ଆୟର ଗତ ମ୍ୟାଚରେ ଟିକେ ଭଲ ଖେଳିଥିଲେ। ଅକ୍ଷର ପଟେଲ ଗତ ଦୁଇଟି ଯାକ ମ୍ୟାଚରେ ବିଫଳ ହୋଇଥିବାରୁ ତାଙ୍କ ଆଗରେ ରାହୁଲଙ୍କୁ ବ୍ୟାଟିଂକୁ ଛାଡ଼ିବା ଲାଗି ଦଳ ଚିନ୍ତା କରୁଛି। ଏହା ବାଦ୍ ବ୍ୟାଟିଂ ଅର୍ଡରରେ କୌଣସି ପରିବର୍ତ୍ତନ ସମ୍ଭାବନା ଆଉ ନାହିଁ। ଅର୍ଶଦୀପ ସିଂହଙ୍କ ନେତୃତ୍ୱରେ ଅଂଶୁଲ କମ୍ବୋଜ, ଗୁରନୂର ବ୍ରାର ଓ ଆକ୍ୱିବ ନବି ଭଲ କରିଥିବାରୁ ଅଭିଜ୍ଞ ମହମ୍ମଦ ସିରାଜ ଚୂଡ଼ାନ୍ତ ଏକାଦଶକୁ ଫେରିବାର ସମ୍ଭାବନା ପ୍ରାୟତଃ ନାହିଁ। ତେବେ ଟେଷ୍ଟ୍ ଶୃଙ୍ଖଳା ଆଉ ମାତ୍ର ୧୦ ଦିନ ଥିଲା ବେଳେ ସିରାଜଙ୍କୁ ମ୍ୟାଚ୍ ଅଭ୍ୟାସ ଲାଗି ଖେଳାଯିବାର ଟିକେ ଆଶା ଦେଖାଯାଉଛି। ଅନ୍ୟପକ୍ଷରେ ଘରୋଇ ପଡ଼ିଆରେ ଟ୍ୱେଣ୍ଟି-୨୦ ଶୃଙ୍ଖଳା ହାରିଥିବା ନ୍ୟୁଜିଲାଣ୍ଡ ତୃତୀୟ ଦିନିକିଆ ଜିତି ଶୃଙ୍ଖଳା ଜୀବିତ ରଖିବା ଆଶାରେ ରହିଛି। ତେବେ ଆହତ ଜନିତ ସମସ୍ୟା ସହ ଘରୋଇ ପରିବେଶରେ ଶୀର୍ଷକ୍ରମ ବ୍ୟାଟର୍ଙ୍କ ଦୁର୍ବଳ ପ୍ରଦର୍ଶନ ଦଳକୁ ବେଶୀ ଚିନ୍ତାରେ ପକାଇଛି। ଆହତ ଯୋଗୁଁ ରାଚିନ ରବୀନ୍ଦ୍ର, ମାର୍କ ଚାପମାନ ଓ ଡେଭନ କନୱେ ବାଦ୍ ପଡ଼ିବା ଦଳର ବ୍ୟାଟିଂକୁ ଆହୁରି ଦୁର୍ବଳ କରି ଦେଇଛି। ଅଧିନାୟକ ମିଚେଲ ସାଣ୍ଟନର ଗତ ଦୁଇ ମ୍ୟାଚ୍ରେ ଟସ୍ ମଧ୍ୟ ହାରିଛନ୍ତି। ଫଳରେ ବିପକ୍ଷ ଦଳ ସମ୍ମୁଖରେ ବିଜୟ ଲକ୍ଷ୍ୟ କମ୍ ସ୍କୋର୍ ରହିବାରୁ ଘରୋଇ ବୋଲର ଚାପରେ ରହୁଥିବା ଦେଖାଯାଇଛି। ଗତ ଦୁଇ ମ୍ୟାଚ୍ ପରି ସେଡନ୍ ପାର୍କରେ ମଙ୍ଗଳବାର ମ୍ୟାଚ୍ରେ ମଧ୍ୟ ବର୍ଷା ବାଧକ ସାଜିବାପାରେ। ମ୍ୟାଚ୍ ଆରମ୍ଭ ସମୟରେ ବର୍ଷାର ସମ୍ଭାବନା ଅଧିକ ଥିବାରୁ ବିଳମ୍ବରେ ଖେଳ ଆରମ୍ଭ ହେବାର ସମ୍ଭାବନା ରହିଛି।। ଅପରାହ୍ଣ ୧ଟାରେ ବର୍ଷା ସମ୍ଭାବନା ୮୩ ଥିଲା ବେଳେ ୩ଟାରେ ୬୮ ପ୍ରତିଶତ ରହିଛି। ତେବେ ପରବର୍ତ୍ତୀ ସମୟରେ ପାଗରେ ସାମାନ୍ୟ ସୁଧାର ଆସିବା ଥିଲେ ମଧ୍ୟ ବର୍ଷା ଅଶଙ୍କା ରହିବ।

୨୧ରୁ 'କର୍ପୋରେଟ୍ କପ୍' କ୍ରିକେଟ

୨୦ ଟିମ୍ ମଧ୍ୟରେ ଖେଳାଯିବ ୪୭ ମ୍ୟାଚ୍

ଭୁବନେଶ୍ୱର, ୯।୧୧(ସବୁ୍ୟ): 'ଦ୍ୱିତୀୟ ଇନିଂସ ଟ୍ରଷ୍ଟ' ଆନୁକୂଲ୍ୟରେ ଆଗାମୀ ନଭେମ୍ବର ୨୧ ତାରିଖରୁ ଆରମ୍ଭ ହେବାକୁ ଯାଉଛି ବହୁ ପ୍ରତୀକ୍ଷିତ 'କର୍ପୋରେଟ୍ କପ୍' (ଦ୍ୱିତୀୟ ମୁରଲୀଧର ରଥ ସ୍ମାରକୀ) କ୍ରିକେଟ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ସଂସ୍କରଣ। କର୍ପୋରେଟ୍ ଜଗତରେ କ୍ରୀଡ଼ା ମନୋଭାବ, ସ୍ୱାସ୍ଥ୍ୟ ସଚେତନତା ଏବଂ ପାରସ୍ପରିକ ସମ୍ପର୍କ ସୁଦୃଢ଼ କରିବା ଲକ୍ଷ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ପ୍ରମୁଖ ୨୦ଟି କର୍ପୋରେଟ୍ ଦଳ ଅଂଶଗ୍ରହଣ କରୁଛନ୍ତି। ମାସବ୍ୟାପୀ ଚାଲିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୪୭ଟି ମ୍ୟାଚ୍ ଅନୁଷ୍ଠିତ ହେବ। କଟକ, ଭୁବନେଶ୍ୱର ଏବଂ ଖୋର୍ଦ୍ଧାର ବିଭିନ୍ନ ପ୍ରମୁଖ କ୍ରିକେଟ ପଡ଼ିଆରେ ଲିଗ୍ ପର୍ଯ୍ୟାୟ ଖେଳାଯିବା ପାଇଁ ନିଷ୍ପତ୍ତି ହୋଇଛି। ବିଶେଷ କରି ନିମପୁର, ଏସ୍ଓଏ (SOA) ଗ୍ରାଉଣ୍ଡ ଏବଂ ବିଡ଼ାନାସୀ ପଡ଼ିଆରେ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍ଗୁଡ଼ିକ ଖେଳାଯିବ। ପ୍ରତିଯୋଗିତାର ମହାମୁକାବିଲା ତଥା ଗ୍ରାଣ୍ଡ ଫାଇନାଲ୍ କଟକର ଐତିହାସିକ ବାରବାଟୀ ଷ୍ଟାଡିୟମରେ ଫ୍ଲଡ୍ଲାଇଟ୍ ଆଲୋକ ତଳେ ଅନୁଷ୍ଠିତ ହେବ। ଏହି ଅବସରରେ ଏକ ଭବ୍ୟ ଟ୍ରଫି ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସାଂସଦ ପ୍ରଦୀପ ପାଣିଗ୍ରାହୀ, ମଧ୍ୟ ଭୁବନେଶ୍ୱର ବିଧାୟକ ଅନନ୍ତ ନାରାୟଣ ଜେନା ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ୱାଣ୍ଡରଲା ପାର୍କର ମୁଖ୍ୟ ସୟଦ ସମୀର ଅଲ୍ଲା, ଗାଇଡାନ୍ସ ଇଣ୍ଟରନ୍ୟାସନାଲ ସ୍କୁଲର ଅଧକ୍ଷ ସୟଦ ଇନଜାମାମୁଲ୍ ହକ୍, ବିଶିଷ୍ଟ ସମାଜସେବୀ ପ୍ରକାଶ ତ୍ରିପାଠୀ ଓ ନିହାର ରଞ୍ଜନ ସ୍ୱାଇଁ ଯୋଗଦେଇଥିଲେ। ଆୟୋଜକ 'ଦ୍ୱିତୀୟ ଇନିଂସ ଟ୍ରଷ୍ଟ'ର ସଭାପତି ଆଡଭୋକେଟ୍ ମାନସ ରଞ୍ଜନ ସାହୁ, ଉପ-ସଭାପତି ରମାକାନ୍ତ ସାହୁ, ସମ୍ପାଦକ ମନ୍ମଥ ବାରିକ ଏବଂ ଯୁଗ୍ମ ସମ୍ପାଦକ ତଥା ଆଇନ ପରାମର୍ଶଦାତା ଆଶୁତୋଷ ବେହେରା ଟୁର୍ଣ୍ଣାମେଣ୍ଟର ସମସ୍ତ କାର୍ଯ୍ୟକ୍ରମ ସୁଚାରୁ ରୂପେ ପରିଚାଳନା କରୁଛନ୍ତି।



ୱାଇଏମସିଏ ଅଲ୍ ଓଡ଼ିଶା ଓପନ୍ ସ୍କୁଲ୍ ଚେସ୍ ପ୍ରତିଯୋଗିତା: ସାଇ ଶକ୍ତି ଚାମ୍ପିଅନ



ଭୁବନେଶ୍ୱର, ୯।୧୧(ସବୁ୍ୟ): କଟକ ଏବଂ କଟକ ଜିଲ୍ଲା ଚେସ୍ ସଂଘ (ଓସିଏ)ର ର ମିଳିତ ଆନୁକୂଲ୍ୟରେ ୱାଇଏମସିର ପରିସରରେ ରାଜ୍ୟସ୍ତରୀୟ ଓପନ୍ ସ୍କୁଲ୍ ଚେସ୍ ପ୍ରତିଯୋଗିତାରେ କଟକର ସାଇଶକ୍ତି ପଣ୍ଡା ସାତ ରାଉଣ୍ଡରୁ ଅପରାଜିତ ୬.୫ ପଏଣ୍ଟ ରଖି ୬୦୦୦ ଟଙ୍କା,ଟ୍ରଫି ଲାଭ କରିବା ସହ ଚାମ୍ପିଅନ ହୋଇଛନ୍ତି।

ଏହି ଦିନିକିଆ ପ୍ରତିଯୋଗିତାରେ ସାରା ଓଡ଼ିଶାରୁ ୫୦ ରୁ ଉର୍ଦ୍ଧ୍ୱ ଅନ୍ତର୍ଜାତୀୟ ଫାଇଡ ରେଟେଡ ଖେଳାଳିଙ୍କ ସହ ୧୫୦ରୁ ଅଧିକ ଦକ୍ଷ ସ୍କୁଲ୍ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଦ୍ୱିତୀୟ ସ୍ଥାନରେ ଭୁବନେଶ୍ୱରର ଇଶାନି ଦାସ, ୩ୟ, ଆଦର୍ଶ କୁମାର ବରିହା ୪ର୍ଥ, ଆଦଭିକ ଆଦିତ୍ୟ ସ୍ୱାଇଁ କଟକ,୫ମ ସନାଲ ବୈଭବ ଖୋର୍ଦ୍ଧା, ୬ଷ୍ଠ ନିରେକ୍ ପରିଡ଼ା କଟକ (ସମସ୍ତେ ୬ପଏଣ୍ଟ) ୭ମ, ଦିବ୍ୟାଶୁ ପଶାୟତ,୮ମ,ଓମ ସ୍ୱରୂପ ପାଢ଼ୀ ଉଭୟ ଖୋର୍ଦ୍ଧା ୯ମ,ରକ୍ଷିତ ଦିନେଶ କୁମାର ଯାଜପୁର,ଓ ଦଶମ ରେ ଶ୍ରୀହର୍ଷ ମହାନ୍ତି କଟକ ସମସ୍ତେ ୫.୫ ପଏଣ୍ଟ ରଖି ଶ୍ରେଷ୍ଠ ୧୦ ମଧ୍ୟରେ ରହି ଅର୍ଥ ପୁରସ୍କାର ସହ ଆକର୍ଷଣୀୟ ଟ୍ରଫି ପାଇଥିଲେ।

ୱାଇଏମସିଏ କଟକର ଆଜୀବନ ସଦସ୍ୟ ରେଭରେଣ୍ଡ ଅମଳ ଦାସଙ୍କ ପ୍ରାର୍ଥନା ମାଧ୍ୟମରେ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଥିଲା।

ଉଦଘାଟନୀ ଓ ଉଦଯାପନୀ ଉତ୍ସବରେ ରାଜ୍ୟ ଚେସ ସଂଘ ସଭାପତି ସତ୍ୟ ରଞ୍ଜନ ପଟ୍ଟନାୟକ ଉପସ୍ଥିତ ଥିବାବେଳେ ଉଦ୍ଯାପନ ଉତ୍ସବରେ କଟକ ଜିଲ୍ଲା ଚେସ ସଙ୍ଘ ସଭାପତି ବିବେକ କୁମାର ଟିବରେୱାଲ ଯୋଗ ଦେଇଥିଲେ ।

ଏସିଆ। ରଗବୀ ଏମିରେଟ୍ସ ଅଣ୍ଡର-୨୦ ସେଭେନ୍ସ

ଭାଗନେବେ ୧୦ ଦେଶ, ଭାରତ ଟିମରେ ଓଡ଼ିଶାର ୮ କ୍ରୀଡ଼ାବିତ୍



ଭୁବନେଶ୍ୱର, ୯।୧୧(ସବୁ୍ୟ): ଆଜି କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ 'ଏସିଆ। ରଗବୀ ଏମିରେଟ୍ସ ଅଣ୍ଡର-୨୦ ସେଭେନ୍ସ ଚାମ୍ପିଅନସିପ୍-୨୦୨୬' ଆୟୋଜନର ପ୍ରସ୍ତୁତି ସମ୍ବନ୍ଧୀୟ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ରଗବୀ ଇଣ୍ଡିଆ, କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଓଡ଼ିଶା ରଗବୀ ଫୁଟବଲ୍ ଆସୋସିଏସନର ମିଳିତ ଆନୁକୂଲ୍ୟରେ ନଭେମ୍ବର ୧୪ ଓ ୧୫ ତାରିଖରେ କଳିଙ୍ଗ ଷ୍ଟାଡିୟମ୍ ଠାରେ 'ଏସିଆ। ରଗବୀ ଏମିରେଟ୍ସ ଅଣ୍ଡର-୨୦ ସେଭେନ୍ସ ଚାମ୍ପିଅନସିପ୍-୨୦୨୬' ଅନୁଷ୍ଠିତ ହେବ।

ଏହି ଅନ୍ତର୍ଜାତୀୟ ଚାମ୍ପିଅନସିପରେ ୧୦ଟି ଦେଶ ଯଥା ଭାରତ, ହଙ୍ଗକଙ୍ଗ ଚାଇନା, ଉଜବେକିସ୍ତାନ, ଚାଇନିଜ ତାଇପେଇ, ନେପାଳ, ଶ୍ରୀଲଙ୍କା, ମାଲେସିଆ, ଥାଇଲାଣ୍ଡ, ସିଙ୍ଗାପୁର ଓ ଜୋର୍ଡାନ ଦେଶ ଅଂଶଗ୍ରହଣ କରିବେ। ଉଭୟ ପୁରୁଷ ଓ ମହିଳା ବର୍ଗରେ ଏହି ଚାମ୍ପିଅନସିପ୍ ଅନୁଷ୍ଠିତ ହେବ। ୧୦ଟି ଦେଶରୁ ସର୍ବମୋଟ ୧୭ଟି ଟିମ୍ (୧୦ଟି ପୁରୁଷ ଟିମ୍ ଏବଂ ୭ଟି ମହିଳା ଟିମ୍) ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।

ଭାରତ ପୁରୁଷ ଟିମରେ ପୁଷ୍ପେନ୍ଦର (ଅଧିନାୟକ), ରଞ୍ଜନ ରାୱତ (ଭାଇସ୍ କ୍ୟାପ୍ଟେନ), ଅଜିତ୍ ନିଗମ, ଅମନ୍, ଅରୁଣ ପ୍ରଜାପତ୍,ଭରତ କିଷାନ୍, ବିଦ୍ୟାଧର ମାଝୀ, ଚରଣ ହେମ୍ବ୍ରମ୍, ନମନ ଯାଦବ, ରାହୁଲ ମାଝୀ, ସଖାରାମ୍ ଲୋନ୍ଧେ, ସଲୋନୀ କୁମାରୀ, ସମୃଦ୍ଧି କଦମ୍, ସୁମିତ୍ରା ମୁର୍ମୁ ଆଦି କ୍ରୀଡ଼ାବିତ୍ ସ୍ଥାନ ପାଇଛନ୍ତି। ଭାରତ ପୁରୁଷ ଟିମରେ ୫ ଜଣ ଓଡ଼ିଆ କ୍ରୀଡ଼ାବିତ୍ (ଭରତ କିଷାନ୍, ବିଦ୍ୟାଧର ମାଝୀ, ଚରଣ ହେମ୍ବ୍ରମ୍,ରାହୁଲ ମାଝୀ, ସୁବାସ ହାଁସଦା) ଓ ଭାରତ ମହିଳା ଟିମ୍ରେ ୩ ଜଣ ଓଡ଼ିଆ କ୍ରୀଡ଼ାବିତ୍ (ମାମାଲି ସିଂ, ଅନିତା ମୁର୍ମୁ ଓ ସୁମିତ୍ରା ମୁର୍ମୁ) ସ୍ଥାନ ପାଇଛନ୍ତି। ଏଥିସହ 'ଏସିଆ। ରଗବୀ ଏମିରେଟ୍ସ ଅଣ୍ଡର-୨୦ ସେଭେନ୍ସ ଚାମ୍ପିଅନସିପ୍-୨୦୨୬'ର ଲୋଗୋ ମଧ୍ୟ ଉନ୍ମୋଚିତ ହୋଇଛି ଯେଉଁଥିରେ ଓଡ଼ିଶାର ପାରମ୍ପରିକ କଳା ଝୋଟିଚିତା'କୁ ପ୍ରଦର୍ଶିତ କରାଯାଇଛି। ଆଜି କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ 'ଏସିଆ। ରଗ୍ବୀ ଏମିରେଟ୍ସ ଅଣ୍ଡର-୨୦ ସେଭେନ୍ସ ଚାମ୍ପିଅନସିପ୍-୨୦୨୬' ଆୟୋଜନର ସମସ୍ତ ପ୍ରସ୍ତୁତି ସମ୍ବନ୍ଧରେ ସବିସ୍ତୃତ ସମୀକ୍ଷା କରିଥିଲେ। ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଥିବା ସମସ୍ତ କ୍ରୀଡ଼ାବିତ୍ଙ୍କ ଆଗମନ, ସେମାନଙ୍କ ସୁରକ୍ଷିତ ରହଣି, ଗମନାଗମନ, ଆତିଥ୍ୟ ଓ ଅନ୍ୟାନ୍ୟ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ପାଇଁ କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂରଜ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ପ୍ରତିଯୋଗିତା ଆୟୋଜନ ହେଉଥିବା ସମୟରେ କ୍ରୀଡ଼ାବିତ୍ ଓ ସମସ୍ତ ଦର୍ଶକମାନଙ୍କର ସୁରକ୍ଷା, ପୋଲିସ ଫୋର୍ସ ମୁତୟନ, ପାନୀୟ ଜଳ ଓ ପରିମଳ ବ୍ୟବସ୍ଥା, ବିଦ୍ୟୁତ ସଂଯୋଗୀକରଣ, ଅଗ୍ନି ନିରାପତ୍ତା ଆଦି ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ।

ଆୟୋଜନ ପ୍ରସ୍ତୁତି ସମୀକ୍ଷା କଲେ କ୍ରୀଡାମନ୍ତ୍ରୀ

କଣ୍ଟିଲୋ ପ୍ରିମିୟର ଲିଗ : ଶତପଥି ଲାୟନସ ବିଜୟୀ

କଣ୍ଟିଲୋ, ୯।୧୧(ସବୁ୍ୟ): କଣ୍ଟିଲୋ ପଲଟନ ପଡିଆ ଠାରେ ଚାଲିଥିବା କଣ୍ଟିଲୋ ପ୍ରିମିୟର ଲିଗ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟର ରବିବାରଦିନ ଅନୁଷ୍ଠିତ ୨ଟି ମ୍ୟାଚରେ ତଥା ୨୨ତମ ମ୍ୟାଚରେ ଏନପିଯୁଥ କ୍ଲବ ଓ ୨୩ତମ ମ୍ୟାଚ ରେ ରୟାଲ କିଙ୍ଗସ ବିଜୟୀ ହୋଇଥିଲେ । ସୋମବାର ଅନୁଷ୍ଠିତ ୨୪ତମ ଲିଗ ମ୍ୟାଚରେ ଶତପଥି ଲାୟନସ, ଇଶାନ ରୟାଲ କୁ ୫୫ରନ ରେ ପରାସ୍ତ କରି ପରବର୍ତ୍ତୀ ରାଉଣ୍ଡ ରେ ପ୍ରବେଶ କରିଛି । ୧୫ଓଭର ବିଶିଷ୍ଟ ମ୍ୟାଚରେ ଟସ ଜିତି ଶତପଥି ଲାୟନସ ପ୍ରଥମେ ବ୍ୟାଟିଂ କରି ୭ଉଇକେଟ ବିନିମୟ ରେ ୧୯୩ରନର ବିଶାଳ ସ୍କୋର କରିଥିଲା । ଜବାବରେ ଇଶାନ ରୟାଲସ ୧୪. ୩ ଓଭରରେ ସମସ୍ତ ୱିକେଟ ହରାଇବା ସହିତ ୧୩୮ ରନ କରିଥିଲା । ବିଜୟୀ କ୍ଲବ ର ଆକାଶ ପଣ୍ଡା ମ୍ୟାନ ଅଫ ଦ ମ୍ୟାଚ ହୋଇଥିଲେ । ଆଜି ନୀଳମାଧ ମନ୍ଦିର ବରିଷ୍ଠ ସେବାୟତ ସରୋଜ ମିଶ୍ର (ଜଲିଆ ଭାଇନା) ଅତିଥି ଭାବେ ଯୋଗଦେଇଥିଲେ । ଆସନ୍ତାକାଲି ମଙ୍ଗଳବାର ୨ଟି ମ୍ୟାଚ ରୟାଲ କିଙ୍ଗସ ଓ ବିକାଶ ୱାରିୟର୍ସ ଏବଂ ଦିତୀୟ ମ୍ୟାଚ ଇଶାନ ରୟାଲ ଓ ଅଶୋକା କିଙ୍ଗସ ମଧ୍ୟରେ ଅନୁଷ୍ଠିତ ହେବା ନେଇ ଆୟୋଜକ ଙ୍କ ସୂତ୍ରରୁ ପ୍ରକାଶ ।

ଟମ୍ପର ଜୟ ଶ୍ରୀରାମ ଫୁଟବଲ ପ୍ରତିଯୋଗିତା ଉଦଯାପିତ

ଜି.ପି. କ୍ଲବ ଚାମ୍ପିଅନ, ଝିମିରିପାଲି ଉପବିଜେତା

ପାଳଲହଡ଼ା, ୯।୧୧(ସବୁ୍ୟ): ପାଳଲହଡ଼ା ବ୍ଲକ ଅନ୍ତର୍ଗତ ଈଶ୍ୱରନଗର ପଞ୍ଚାୟତର ଟମ୍ପର ଜୟ ଶ୍ରୀରାମ ଫୁଟବଲ କ୍ଲବ ଆନୁକୂଲ୍ୟରେ ଆୟୋଜିତ ତିନିଦିନିଆ ଫୁଟବଲ ପ୍ରତିଯୋଗିତା ରବିବାର ଉତ୍ସାହ ଓ ଉଦ୍ଦୀପନାର ସହ ଉଦଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚରେ କେରେଜେଙ୍ଗା ଜି.ପି. କ୍ଲବ ୧-୦ ଗୋଲରେ ଝିମିରିପାଲି ଦଳକୁ ପରାସ୍ତ କରି ଚାମ୍ପିଅନ ଟ୍ରଫି ହାସଲ କରିଛି । ଉଦଯାପନୀ ଉତ୍ସବରେ କ୍ଲବର ସଭାପତି ଯୁଧିଷ୍ଠିର ଦେହୁରୀଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ରୂପେ ପାଳଲହଡ଼ା ବିଧାୟକ ତଥା ଅନୁଗୁଳ ଜିଲ୍ଲା ଯୋଜନା କମିଟିର ଅଧକ୍ଷ ଅଶୋକ ମହାନ୍ତି, ମୁଖ୍ୟବକ୍ତା ଭାବେ ସମ୍ବାଦ ଓ କନକ ନ୍ୟୁଜର ପାଳଲହଡ଼ା ବ୍ଲକ ପ୍ରତିନିଧି ରଘୁନନ୍ଦନ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ବିଧାୟକଙ୍କ ପ୍ରତିନିଧି ବରିଷ୍ଠ ଆଇନଜୀବୀ ତନ୍ମୟ କୁମାର ସାହୁ, ଈଶ୍ୱରନଗର ସରପଞ୍ଚ ହୃଦାନନ୍ଦ ସାହୁ, ସାଂସଦଙ୍କ ପ୍ରତିନିଧି ଲିଙ୍ଗରାଜ ଦାସ, ନବଜ୍ୟୋତି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଫାଦର ସିରିଲ ଆଗେରା , ଅନୁଗୋଳ ଜିଲ୍ଲା ବିଜେପି ସମ୍ପାଦକ ପ୍ରହ୍ଲାଦ ସାମଲ ଏବଂ ପାଳଲହଡ଼ା କ୍ରୀଡ଼ା ସଂସଦର ସାଧାରଣ ସମ୍ପାଦକ ଅଭୟ କୁମାର ନାୟକ ଉପସ୍ଥିତ ଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ବିଜୟୀ କେରେଜେଙ୍ଗା ଜି.ପି. କ୍ଲବକୁ ଟ୍ରଫି ସହ ୨୨ ହଜାର ଟଙ୍କା ଏବଂ ଉପବିଜେତା ଝିମିରିପାଲି ଦଳକୁ ଟ୍ରଫି ସହ ୧୭ ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରିଥିଲେ । ଖେଳକୁ ବଳରାମ ସଏ, ଚନ୍ଦନ ସାହୁ, ସନ୍ତୋଷ ମାଝୀ ଓ ଅନିଲ ପୂର୍ତ୍ତି ପରିଚାଳନା କରିଥିଲେ ।

ଟିଏସଏଫ ସହଯୋଗରେ "ନିଶି" ପାଲଟିଛନ୍ତି ପ୍ରେରଣାର ଉତ୍ସ

ଯୋଡା, ୯।୧୧(ସବୁ୍ୟ): ଅଭାବ, ଅନାଟନ ଆଉ ପ୍ରତିକୂଳ ପରିସ୍ଥିତି ଆଗରେ ବି ହାର୍ ମାନିନାହାନ୍ତି ନିଶି । ରାଜ୍ୟ ତଥା କେନ୍ଦୁଝର ଜିଲ୍ଲା ପାଇଁ ଗୌରବ ଆଣିଥିବା କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ ଆଜାଦ ବସ୍ତିର ୨୪ ବର୍ଷୀୟା ନିଶି ବୋଦ୍ରା ଆଜି ପାଲଟିଛନ୍ତି ଶହ ଶହ ଝିଅଙ୍କ ପାଇଁ ପ୍ରେରଣାର ଉତ୍ସ । ଦିନ ଥିଲା ପରିବାର ଚଳାଇବା ପାଇଁ ସେ ଅନ୍ୟ ଘରେ ବାସନ ମାଜୁଥିଲେ, ହେଲେ ଆଜି ସମୟ ବଦଳିଛି, ଆଉ ଟାଟା ଷ୍ଟିଲ ଫାଉଣ୍ଡେସନ ସହଯୋଗରେ ସେ ହାଉସ ହେଲ୍-ରୁ ପାଲଟି ଯାଇଛନ୍ତି ଅଲ ଇଣ୍ଡିଆ ଫୁଟବଲ ଫେଡେରେସନ (ଏଆଇଏଫଏଫ) ର ସ୍ୱୀକୃତିପ୍ରାପ୍ତ ଫୁଟବଲ କୋଚ । ଖୁବ କମ ବୟସରେ ବାପାଙ୍କୁ ହରାଇବା ପରେ ନିଶି ତାଙ୍କ ସମ୍ପର୍କୀୟଙ୍କ ଘରେ ରହିବା ସହ ଘର ଚଳାଇବା ପାଇଁ ଅନ୍ୟ ଘରେ କାମ କରୁଥିଲେ । ହେଲେ ଜଣେ ଶିକ୍ଷକଙ୍କ ପରାମର୍ଶ ଯୋଗୁଁ ସେ ନିଜ ପାଠପଢା ଛାଡ଼ି ନଥିଲେ ।୨୦୧୩ ମସିହାରେ ସପ୍ତମ ଶ୍ରେଣୀରେ ପଢୁଥିବା ବେଳେ ସାଙ୍ଗମାନଙ୍କ ସହ ସ୍କୁଲ ପଡିଆରେ ଫୁଟବଲ ଖେଳିବା ଆରମ୍ଭ କରିଥିଲେ । ସେଠାରେ କୋଚ ବାଦଲ ମହାକୁ ସହ ତାଙ୍କର ଭେଟ ହୋଇଥିଲା । ନିଶିଙ୍କ ଭିତରେ ଥିବା ପ୍ରତିଭାକୁ ଚିହ୍ନି କୋଚ ତାଙ୍କୁ ଖେଳିବା ପାଇଁ ପ୍ରୋତ୍ସାହିତ କରିବା ସହ ଆବଶ